• Vol.- 46, Issue No. 108
• Saturday, 18 July 2026
• ଶନିବାର, ୧୮ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




# ଶରଧାବାଳିରେ ତିନି ରଥ

■ ଆଜି ଆଡ଼ପ ମଣ୍ଡପକୁ ବିଜେ କରିବେ ଶ୍ରୀଜୀଉମାନେ ■ ପ୍ରାୟ ୫ ଲକ୍ଷ ଶ୍ରଦ୍ଧାଳୁଙ୍କ ହୋଇଛି ସମାଗମ
■ ରବିବାର ବାହାରିବ ଆଡ଼ପ ଅବଢ଼ା ■ ଭିଡ଼କୁ ଛୋଟ ପିଲା, ବୃଦ୍ଧ ଓ ରୋଗୀଙ୍କୁ ଶ୍ରଦ୍ଧାଳୁ ନ ଆଣନ୍ତୁ: ଡିଜିପି

ପୁରୀ, ୧୭ ।୭(ନିପ୍ର): ଗୁରୁବାର ଘୋଷ ଯାତ୍ରା ଅବସରରେ ମହାପ୍ରଭୁଙ୍କ ତିନୋଟି ଯାକ ରଥ ଗୁଣ୍ଡିଚା ଘରେ ପହଞ୍ଚି ପାରି ନଥିଲା, ବାଟରେ ଅଟକି ରହିଥିଲା। ଶୁକ୍ରବାର ସକାଳେ ଶ୍ରୀଜୀଉମାନଙ୍କର ମଙ୍ଗଳ ଆଳତି, ଅବକାଶ ବେଶ ଓ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବା ପରେ ପୁନର୍ବାର ରଥ ଟଣା ଆରମ୍ଭ କରାଯାଇଥିଲା। ସକାଳ ୯.୩୦ ସମୟରେ। ବଳଭଦ୍ରଙ୍କର ତାଳଧ୍ୱଜ ରଥ ପରେ ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ଶେଷରେ ସିଂହଦ୍ୱାର ଠାରୁ ସାମାନ୍ୟ ବାଟ ଯାଇଥିବା ଜଗନ୍ନାଥଙ୍କର ନନ୍ଦିଘୋଷ ରଥ ଟଣା ହୋଇଥିଲା। ଶ୍ରଦ୍ଧାଳୁମାନେ ଆନନ୍ଦ ଉଲ୍ଲାସ ମଧ୍ୟରେ ରଥକୁ ଟାଣି ନେଇଥିଲେ। ତାଳଧ୍ୱଜ ଓ ଦର୍ପଦଳନ ପ୍ରଥମେ ଓ ପରେ ପହଞ୍ଚିଥିଲା ମହାପ୍ରଭୁଙ୍କ ନନ୍ଦିଘୋଷ। ସକାଳୁ ଝିପି ଝିପି ବର୍ଷା ହେଉଥିଲେ ମଧ୍ୟ ସେମାନେ ତାହାକୁ ଖାତିର ନ କରି 'ଜୟ ଜଗନ୍ନାଥ', ହରିବୋଲ, ହୁଳହୁଳି ଧ୍ୱନିରେ ରଥକୁ ଟାଣି ନେଇଥିଲେ। ଅପରାହ୍ନ ପ୍ରାୟ ୩ ଟା ସୁଦ୍ଧା ଶରଧା ବାଳିରେ ଲାଗି ଯାଇଥିଲା। ଶରଧା ବାଲି ଆଜି ଠାରୁ ଚଳଚଞ୍ଚଳ ହୋଇ ଉଠିବା ସଙ୍ଗେ ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ବୃଦ୍ଧି ପାଇଛି। ଚତୁର୍ଦ୍ଧା ମୂର୍ତ୍ତି ରତ୍ନ ବେଦୀରୁ ଜନ୍ମ ବେଦୀକୁ ନବାଦିନାତ୍ମକ ଯାତ୍ରାରେ ବାହାରି ସେଠାରେ ଲୀଳା ଖେଳା କରିବେ ଓ ପରେ ରତ୍ନ ବେଦୀକୁ ବାହୁଡ଼ିବେ। ଦ୍ୱିତୀୟ ଦିନରେ ପ୍ରାୟ ୫ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭିଡ଼ ମଧ୍ୟକୁ ଛୋଟ ପିଲା, ବୃଦ୍ଧ ଓ ରୋଗୀମାନଙ୍କୁ ନ ଆଣିବା ପାଇଁ ସାଧାରଣ ଲୋକମାନଙ୍କୁ ଡିଜିପି ଅନୁରୋଧ କରିଛନ୍ତି। ଗୁଣ୍ଡିଚା ମନ୍ଦିର କୁ ବିଭିନ୍ନ ଆଲୋକ ମାଳା ଓ ଫୁଲରେ ସୁସଜ୍ଜିତ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତାକାଲି ଚତୁର୍ଦ୍ଧାମୂର୍ତ୍ତି ଗୋଟି ପହଣ୍ଡିରେ ଆଡପ ମଣ୍ଡପକୁ ବିଜେ କରିବେ। ଶରଧାବାଲି ଅଞ୍ଚଳରେ ବିଭିନ୍ନ ଦୋକାନ ବଜାର ମଧ୍ୟ ଖୋଲିଯାଇଛି। ଶ୍ରଦ୍ଧାଳୁଙ୍କ ଗହଳଚହଳରେ ଏହି ଅଞ୍ଚଳ ପୂରି ଉଠୁଛି।ରବିବାର ଆଡ଼ପ ଅବଢ଼ା ବାହାରିବ।

ନୂଆଯୁଗରେ ପାଦ ଥାପିଲା ଭାରତୀୟ ରେଳ

# ଗଡ଼ିଲା ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ

## 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ସଫଳ ଉଦାହରଣ: ପ୍ରଧାନମନ୍ତ୍ରୀ

ଜିନ୍ଦ(ହରିୟାଣା), ୧୭ ।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ହରିୟାଣାର ଜିନ୍ଦ ରେଳ ଷ୍ଟେସନରୁ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତି ଯେ ଜିନ୍ଦ, ସୋନିପତ ଏବଂ ହରିୟାଣା ଏବେ ଭାରତୀୟ ରେଳ ଇତିହାସରେ ଲିପିବଦ୍ଧ ହେବ, ଯେପରି ମୁମ୍ବାଇ ଏବଂ ଥାନେ ପ୍ରଥମ ଟ୍ରେନ ଇତିହାସରେ ଲିପିବଦ୍ଧ। ସେ କହିଛନ୍ତି ଯେ ଭାରତର ହାଇଡ୍ରୋଜେନ୍ ଟ୍ରେନ୍ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏବଂ ଦୀର୍ଘତମ ହାଇଡ୍ରୋଜେନ୍-ଚାଳିତ ଯାତ୍ରୀବାହୀ ଟ୍ରେନ୍ ମଧ୍ୟରୁ ଗୋଟିଏ ଏବଂ ଏହା 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ଏକ ସଫଳ ଉଦାହରଣ। ଜିନ୍ଦର ଏକଲବ୍ୟ ଷ୍ଟାଡିୟମରେ ପ୍ରାୟ ୧୪,୭୦୦ କୋଟି ଟଙ୍କାର ବିଭିନ୍ନ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୧୯ ଶତାବ୍ଦୀ ଷ୍ଟିମ୍ ଇଞ୍ଜିନ୍ ଦ୍ୱାରା ଚିହ୍ନିତ ହୋଇଥିଲା, ୨୦ ଶତାବ୍ଦୀ ଡିଜେଲ୍ ଏବଂ ବୈଦ୍ୟୁତିକ ଟ୍ରେନ୍ ଦ୍ୱାରା ଚିହ୍ନିତ ହୋଇଥିଲା, ଯେତେବେଳେ ୨୧ ଶତାବ୍ଦୀ ହାଇଡ୍ରୋଜେନ୍ ଟ୍ରେନ୍ ଦ୍ୱାରା ଚିହ୍ନିତ ହେବାକୁ ଯାଉଛି। ସେ କହିଛନ୍ତି ଯେ ବର୍ତ୍ତମାନ ବିଶ୍ୱର କେବଳ ତିନି କିମ୍ବା ଚାରୋଟି ଦେଶ ହାଇଡ୍ରୋଜେନ୍ ଟ୍ରେନ୍ ଚଳାଇବାର କ୍ଷମତା ରଖିଛନ୍ତି ଏବଂ ଭାରତ ଏବେ ଏହି ଚୟନିତ ଗୋଷ୍ଠୀରେ ସାମିଲ ହୋଇଛି। ସେ କହିଛନ୍ତି ଯେ ଜିନ୍ଦରୁ ଚାଲୁଥିବା ଏହି ୧୦-କୋଚ ବିଶିଷ୍ଟ ଟ୍ରେନ୍ ୩,୨୦୦ ହର୍ସପାୱାର ପ୍ରଚଳନ ପ୍ରଣାଳୀ ସହିତ ସଜ୍ଜିତ ଏବଂ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ହାଇଡ୍ରୋଜେନ୍ ଟ୍ରେନ୍ ମଧ୍ୟରୁ ଗୋଟିଏ। ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ, ଏହି ଟ୍ରେନ୍ ହାଇଡ୍ରୋଜେନକୁ ବିଦ୍ୟୁତରେ ପରିଣତ କରେ ଏବଂ କାର୍ଯ୍ୟ ସମୟରେ କେବଳ ଜଳ ବାଷ୍ପ ନିର୍ଗତ କରେ, ଫଳରେ ଶୂନ୍ୟ କାର୍ବନ ନିର୍ଗମନ ହୁଏ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ୧୨ ବର୍ଷ ମଧ୍ୟରେ ଭାରତୀୟ ରେଳପଥର ପରିବର୍ତ୍ତନର ସବୁଠାରୁ ବଡ଼ ଲାଭ ହେଉଛି ଦେଶ ପାଇଁ ଶକ୍ତି ସୁରକ୍ଷା। ପଶ୍ଚିମ ଏସିଆରେ, ବିଶେଷକରି ହରମୁଜ୍ ପ୍ରଣାଳୀ, ଇରାନ ଏବଂ ଉପସାଗରୀୟ ଅଞ୍ଚଳରେ ଚାଲିଥିବା ସଂଘର୍ଷ ସତ୍ତ୍ୱେ, ଭାରତୀୟ ରେଳ ସେବା ପ୍ରଭାବିତ ହୋଇନାହିଁ। ସେ ବ୍ୟାଖ୍ୟା କରିଛନ୍ତି ଯେ ୨୦୧୪ ପୂର୍ବରୁ, ରେଳପଥର ଏକ ବଡ଼ ଅଂଶ ଡିଜେଲ ଉପରେ ନିର୍ଭରଶୀଳ ଥିଲା, କିନ୍ତୁ ଗତ ୧୨ ବର୍ଷ ମଧ୍ୟରେ, ଦେଶର ପ୍ରାୟ ୯୯ ପ୍ରତିଶତ ରେଳ ନେଟୱାର୍କକୁ ବିଦ୍ୟୁତୀକରଣ କରାଯାଇଛି। ହରିୟାଣାରେ, ରେଳ ନେଟୱାର୍କକୁ ୧୦୦ ପ୍ରତିଶତ ବିଦ୍ୟୁତୀକରଣ କରାଯାଇଛି। ଏହି କାରଣରୁ ତୈଳ ସଙ୍କଟ ସତ୍ତ୍ୱେ ଦେଶର ବିକାଶ ଯାତ୍ରା ଅଟଳ ରହିଛି।






ଅମୃତ ଭାରତ ଷ୍ଟେସନ ଯୋଜନା

# ଓଡ଼ିଶାର ୭ ଷ୍ଟେସନର ବଦଳିଲା ଚେହେରା

## ପ୍ରାୟ ୧୦୯ କୋଟି ଟଙ୍କା ହୋଇଛି ବ୍ୟୟ

ଭୁବନେଶ୍ୱର, ୧୭ ।୭ (ପିଆଇବି): ରେଳ ଭିତ୍ତିଭୂମିର ରୂପାନ୍ତର ଏବଂ ଯାତ୍ରୀମାନଙ୍କ ସୁବିଧା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଦେଶବ୍ୟାପୀ ୭୫ଟି ପୁନଃନିର୍ମିତ ରେଳ ଷ୍ଟେସନର ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ, ଓଡ଼ିଶାର ସାତୋଟି ପୁନଃନିର୍ମିତ ରେଳ ଷ୍ଟେସନ ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଏବଂ ବିମଳଗଡ଼କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି।ପ୍ରାୟ ୧୦୯ କୋଟି ଟଙ୍କାର ବ୍ୟୟରେ ପୁନଃନିର୍ମିତ ଏହି ଷ୍ଟେସନଗୁଡ଼ିକ, ସେମାନଙ୍କର ସମ୍ପୃକ୍ତ ଅଞ୍ଚଳର ସାଂସ୍କୃତିକ ପରିଚୟ, ସ୍ଥାପତ୍ୟ କଳା ଓ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଆଧୁନିକ, ଯାତ୍ରୀ-କୈନ୍ଦ୍ରିକ ରେଳ ଷ୍ଟେସନ ବିକଶିତ କରିବା ପାଇଁ ଭାରତ ସରକାରଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ଏଥିରେ ଆଧୁନିକ ଷ୍ଟେସନ ଭବନ, ଉନ୍ନତ ଚଳାଚଳ ପରିସର, ଅତ୍ୟାଧୁନିକ ପ୍ରତୀକ୍ଷାଳୟ, ଆଧୁନିକ ଶୌଚାଳୟ, ଉନ୍ନତ ପ୍ଲାଟଫର୍ମ ଛାଉଣି, ଡିଜିଟାଲ ଯାତ୍ରୀ ସୂଚନା ପ୍ରଣାଳୀ, ଉନ୍ନତ ଆଲୋକୀକରଣ, ମାନକ ସୂଚନାଫଳକ ଏବଂ ବହୁମାଧ୍ୟମ ପରିବହନ ସଂଯୋଗୀକରଣ ଭଳି ଯାତ୍ରୀ ସୁବିଧା ଅନ୍ତର୍ଭୁକ୍ତ। ପରିଚାଳନାଗତ ଆବଶ୍ୟକତା ଓ ପ୍ରତ୍ୟେକ ଷ୍ଟେସନର ବିଶେଷ ଚାହିଦାକୁ ଦୃଷ୍ଟିରେ ରଖି, ଉପଯୁକ୍ତ ଷ୍ଟେସନଗୁଡ଼ିକରେ ଲିଫ୍ଟ ସୁବିଧା ସହିତ ୧୨ ମିଟର ଚଉଡ଼ା ପାଦଚଲା ଓଭରବ୍ରିଜ୍ (ଏଫ୍‌ଓବି) ନିର୍ମାଣ କରାଯାଇଛି।



ପାଠ୍ୟପୁସ୍ତକରେ ତ୍ରୁଟି ମାମଲା

# ତଦନ୍ତ ଆହୁରି ଜୋର୍‌ଦାର





ଭୁବନେଶ୍ୱର, ୧୭ ।୭: ରାଜ୍ୟରେ ପାଠ୍ୟପୁସ୍ତକରେ ତ୍ରୁଟି ମାମଲା ନେଇ କ୍ରାଇମବ୍ରାଞ୍ଚ ତଦନ୍ତକୁ ଆହୁରି ଜୋରଦାର କରିଛି। ଶୁକ୍ରବାର କ୍ରାଇମବ୍ରାଞ୍ଚର ଏକ ଟିମ୍ ଏକକାଳୀନ ଏସସିଇଆରଟି, ଓସେପା ଏବଂ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିକ୍ରୟ କାର୍ଯ୍ୟାଳୟରେ ପହଞ୍ଚି ଦସ୍ତାବିଜ୍ ଯାଞ୍ଚ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ପଚରାଉଚରା କରିଛି। ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବା ଏହି ଅନୁସନ୍ଧାନକୁ ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ବୋଲି ଧରାଯାଉଛି। ସୂଚନା ଅନୁଯାୟୀ, କ୍ରାଇମବ୍ରାଞ୍ଚ ପାଠ୍ୟପୁସ୍ତକ ମୁଦ୍ରଣାଳୟର ନିର୍ଦ୍ଦେଶକଙ୍କୁ ପଚରାଉଚରା କରିବା ସହ ବହି ଛପା, ଖର୍ଚ୍ଚ ଓ ତ୍ରୁଟି ସମ୍ପର୍କିତ ବିଭିନ୍ନ ଫାଇଲ୍ ଓ ଦସ୍ତାବିଜ୍ ଯାଞ୍ଚ କରିଛି।

# ବର୍ଷା: ସ୍ୱାଭାବିକଠାରୁ ୧୭ ପ୍ରତିଶତ ଅଧିକ

ଭୁବନେଶ୍ୱର, ୧୭ ।୭(ନିପ୍ର): ଚଳିତ ମୌସୁମୀରେ ଜୁନ୍ ୧ ତାରିଖ ଠାରୁ ଜୁଲାଇ ୧୭ ତାରିଖ ସୁଦ୍ଧା ରାଜ୍ୟରେ ହାରାହାରି ୪୪୬.୯ ମି.ମି. ବର୍ଷା ରେକର୍ଡ଼ ହୋଇଛି, ଯାହାକି ରାଜ୍ୟରେ ସ୍ୱାଭାବିକ ବୃଷ୍ଟିପାତ ଠାରୁ ୧୭ ପ୍ରତିଶତ ଅଧିକ ରହିଛି। ଏହି ଅବଧି ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ବୃଷ୍ଟିପାତ ୩୮୨.୮ ମି.ମି. ରହିଥାଏ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।

୩୫ ପୌରାଞ୍ଚଳ ଅଧ୍ୟକ୍ଷ ପଦବୀ ସଂରକ୍ଷଣ

# ଚିଠା ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର, ୧୭ ।୭: ରାଜ୍ୟରେ ପୌର ଭୋଟ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ନବଗଠିତ ୨୯ ଏନଏସି ଓ ୬ ମ୍ୟୁନିସପାଲଟିରେ ଅଧ୍ୟକ୍ଷ ପଦବୀ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ମ୍ୟୁନିସପାଲଟି ଆକ୍ଟ- ୧୯୫୦ ଓ ଓଡ଼ିଶା ମ୍ୟୁନିସପାଲଟି ରୁଲସ- ୧୯୯୪ର ବିଭିନ୍ନ ପ୍ରାବଧାନ ଆଧାରରେ ଏହି ଚିଠା ବିଜ୍ଞପ୍ତି ଜାରି କରି ୧୫ଦିନ ସୁଦ୍ଧା ଆପତ୍ତି-ଅଭିଯୋଗ ଓ ମତାମତ ଲୋଡ଼ିଛନ୍ତି ରାଜ୍ୟ ସରକାର। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରାଜ୍ୟ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦାଖଲ ହୋଇଥିବା ସମସ୍ତ ଆପତ୍ତି ଓ ପରାମର୍ଶକୁ ବିଚାରକୁ ନେବା ପରେ ହିଁ ସରକାର ସଂରକ୍ଷଣ ବ୍ୟବସ୍ଥାକୁ ଚୂଡ଼ାନ୍ତ ରୂପ ଦେବେ ବୋଲି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି।

'ସେକେଣ୍ଡ କ୍ଲାସ୍ ପାସେଞ୍ଜର' ଶବ୍ଦ ଉପରେ 'ସୁପ୍ରିମ' ଆପତ୍ତି

# ଏପରି ସମ୍ବୋଧନ ସମ୍ବିଧାନ ବିରୋଧୀ

ନୂଆଦିଲ୍ଲୀ, ୧୭ ।୭: ଭାରତୀୟ ରେଳବାଇରେ ସୁଧାର ଏବଂ ଯାତ୍ରୀମାନଙ୍କ ସୁରକ୍ଷାକୁ ନେଇ ସୁପ୍ରିମ୍ କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି। ଜଷ୍ଟିସ୍ ସଞ୍ଜୟ କରୋଲ ଏବଂ ଜଷ୍ଟିସ୍ ଏନ୍. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ରେଳବାଇର ଦସ୍ତାବିଜରେ ବ୍ୟବହୃତ ହେଉଥିବା 'ସେକେଣ୍ଡ କ୍ଲାସ୍ ପାସେଞ୍ଜର' (ଦ୍ୱିତୀୟ ଶ୍ରେଣୀ ଯାତ୍ରୀ) ଶବ୍ଦ ଉପରେ କଡ଼ା ଆପତ୍ତି ପ୍ରକାଶ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ, ଭାରତର ଇତିହାସରେ ବର୍ଗ ବିଭାଜନର ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି କୌଣସି ବ୍ୟକ୍ତିଙ୍କୁ ଏହିପରି ସମ୍ବୋଧନ କରିବା ସମ୍ବିଧାନର ମୂଳ ଭାବନା ବିରୋଧୀ। ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ଯେ ଯାତ୍ରୀଙ୍କ ଶ୍ରେଣୀ ସେ କରିଥିବା ଖର୍ଚ୍ଚରୁ ନୁହେଁ, ବରଂ ସେ ଯାତ୍ରା କରୁଥିବା କୋଚ୍‌ରୁ ସ୍ଥିର ହେବା ଉଚିତ। ତେଣୁ ଭବିଷ୍ୟତରେ ଶ୍ରେଣୀର ଉଲ୍ଲେଖ ଯାତ୍ରୀଙ୍କ ବଦଳରେ କେବଳ କୋଚ୍ କିମ୍ବା ଡବା କରାଯିବା ଉଚିତ। ଜଷ୍ଟିସ୍ କରୋଲଙ୍କ ଦ୍ୱାରା ଲେଖାଯାଇଥିବା ରାୟରେ ସୁପ୍ରିମ୍ କୋର୍ଟ ରେଳ ସୁରକ୍ଷା ବ୍ୟବସ୍ଥା ଏବଂ ଯାତ୍ରୀମାନଙ୍କ ସୁବିଧା ସହ ଜଡ଼ିତ ପ୍ରସଙ୍ଗ ଉପରେ ଟିପ୍ପଣୀ ଦେଇ କହିଛନ୍ତି "ରେଳବାଇ ମାନୁଆଲର ଅନେକ ପ୍ରାବଧାନକୁ ପ୍ରଭାବଶାଳୀ ଭାବେ ଲାଗୁ କରିବା ପାଇଁ ଅଧିକ କର୍ମଚାରୀଙ୍କ ଆବଶ୍ୟକତା ରହିଛି।" ଖଣ୍ଡପୀଠ କହିଛନ୍ତି ଯେ ରେଳ ଷ୍ଟେସନ ଏବଂ ଟ୍ରେନଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି କରିବାକୁ ପଡ଼ିବ। ଦେଶରେ ଆଧୁନିକୀକରଣର ଏହି ଯୁଗରେ ରେଳବାଇରେ ଯୁବକମାନଙ୍କୁ ନିଯୁକ୍ତି ଦେବା ଦ୍ୱାରା କେବଳ ସେମାନଙ୍କୁ ସ୍ଥାୟୀ ଜୀବିକା ମିଳିବ ନାହିଁ, ବରଂ ଏହା ଦ୍ୱାରା ଯାତ୍ରୀମାନଙ୍କ ଜୀବନ ବଞ୍ଚାଇବାରେ ମଧ୍ୟ ସାହାଯ୍ୟ ମିଳିବ।



ଆଠଗଡ଼ ଜଳ ସମ୍ପଦ ବିଭାଗର ନିମ୍ନମାନର କାର୍ଯ୍ୟ !

# ଆତଙ୍କରେ ସାପୁଆ ଓ କଣ୍ଟିଆ ନଦୀକୂଳବାସୀ

ଆଠଗଡ, ୧୭ ।୭(ନିପ୍ର): ବିଭିନ୍ନ କାରଣରୁ ସାପୁଆ ନଦୀ ପୋତି ହୋଇପଡିଥିବା ବେଳେ ସଫା ନ ହେବା ଏବଂ ନଦୀର ଉଭୟ ପାର୍ଶ୍ୱରେ ପଥର ପ୍ୟାକିଙ୍ଗ ନାମରେ କୋଟି କୋଟି ଟଙ୍କା ଅର୍ଥ ହଡ଼ପ ପାଇଁ ସାମାନ୍ୟ ଲଘୁଚାପ ଜନିତ ଲଗାଣ ବର୍ଷାରେ ହଠାତ ଆଠଗଡ଼ ଓ ତିଗିରିଆ ବ୍ଲକ ଗୋଡ଼ିଝରିଆ ଠାରୁ ଆରମ୍ଭ କରି ଆଠଗଡ଼ ବ୍ଲକ ମାଧବପୁର ପର୍ଯ୍ୟନ୍ତ ବହି ଯାଉଥିବା ସାପୁଆ ନଦୀ ସହିତ ବିଭିନ୍ନ ଛୋଟ ମୋଟ ନଦୀରେ ଆସିଲା ଭୟାବହ ବନ୍ୟା। ଏଥିରେ ସାପୁଆ ନଦୀକୂଳବାସୀଙ୍କ ଘରେ ଓ ଚାଷ ଜମିରେ ପଶିଲା ପାଣି। ଫଳରେ ଆଠଗଡ଼ ବ୍ଲକ ସହିତ ତିଗିରିଆ ବ୍ଲକ ବହୁ ଗ୍ରାମ ସହିତ ହେକ୍ଟର ହେକ୍ଟର ଚାଷଜମି ପନିପରିବା ଫସଲ ଉଜୁଡି ଯାଇଛି। ଗ୍ରାମବାସୀମାନେ ଜଳବନ୍ଦୀ ହୋଇ ବିପଦ ସଂକୁଳ ଅବସ୍ଥାରେ ପଡିରହିଛନ୍ତି।ଜଳ ସମ୍ପଦ ବିଭାଗର ନିମ୍ନମାନର କାମ ପାଇଁ ସାପୁଆ ନଦୀକୂଳବାସୀଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ବୋଲି ଅଭିଯୋଗ ହେଉଛି। ଆଠଗଡ଼ରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହିତ ଯନ୍ତ୍ରୀମାନଙ୍କର ଚାଲିଛି ମନମାନି ସହିତ ବେଖାତିର ଭାବ। ଆଠଗଡ଼ ଉପଖଣ୍ଡର ମୁଖ୍ୟାଳୟରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଜଳ ସେଚନ ଉପବିଭାଗ ଆଠଗଡ, କାର୍ଯ୍ୟାଳୟ ଅଛି ହେଲେ ସହକାରୀ ନିର୍ବାହୀ ଅଧିକାରୀଙ୍କର କାର୍ଯ୍ୟାଳୟରେ ଦେଖା ନ ଥାଏ ବୋଲି ଅଭିଯୋଗ ହୋଇଛି। ତାଙ୍କର ରହିବା ସରକାରୀ ବାସଭବନ ପାଲଟିଯାଇଛି ଭୂତକୋଠି। ଆଜି ଏତେ ବଡ ବନ୍ୟା ପରିସ୍ଥିତି ସହିତ ସାପୁଆ ନଦୀକୂଳବାସୀ ଆତଙ୍କିତ ଓ ଭୟଭୀତ ଅବସ୍ଥାରେ ଥିବାବେଳେ ଜଳ ସମ୍ପଦ ଉପ ବିଭାଗକୁ ଦାୟୀ କରୁଛନ୍ତି ଗ୍ରାମବାସୀମାନେ। ଆଠଗଡ଼ ବ୍ଲକ କରିକୋଲ ଠାରେ ୩୦/୪୦ ଫୁଟ ଘାଇ, ମାନପୁର ଠାରେ ୨୦/୨୫ ଫୁଟର ଘାଇ, ମଞ୍ଜରୀପଦାର ମଧ୍ୟ ପ୍ରାୟ ୨୦ଫୁଟର ଘାଇ ହୋଇଥିବା କଥା ଜଣାପଡ଼ିଛି। ସାପୁଆ ନଦୀ ପ୍ରକୃତରେ ପୋତି ହୋଇ ଯାଇଥିବା ବେଳେ ପାଣି ଆସିଲେ ସାପୁଆ ଉଛୁଳି ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ। ଏପଟେ ଅଭିଯୋଗ ଅନୁସାରେ ଆଗାମୀ ଦିନରେ ସାପୁଆ ନଦୀକୂଳବାସୀ ଆଠଗଡ଼ ଜଳ ସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ସଫା ଓ ମରାମତି ପାଇଁ କେତେ ଅର୍ଥ ବ୍ୟୟ ହୋଇଛି ତାର ଜବାବ ମାଗିବେ ବୋଲି ବହୁ ଜଳବନ୍ଦୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବିଜେପି ବିଧାୟକ ପାର୍ଥ ଅଭୟ କୁମାର ବାରିକ ନିଜ ନିଜ ସମର୍ଥକ ମାନଙ୍କ ସହ ଜଳବନ୍ଦୀଙ୍କ ନିକଟରେ ପହଞ୍ଚି ରନ୍ଧା ଖାଦ୍ୟ ସହିତ ଜରୁରୀ କାଳୀନ ବିଭିନ୍ନ ସହାୟତା ପ୍ରଦାନ କରିବାରେ ଲାଗିପଡିଛନ୍ତି।



ବହୁ ଚାଷଜମି, ପନିପରିବା ଫସଲ ଉଜୁଡ଼ି ଯାଇଛି

ଜଗତସିଂହପୁର ଓ ଝାରସୁଗୁଡ଼ା କୋର୍ଟକୁ ବୋମା ଧମକ

# ତଲାସୀ ପରେ ପରିସର ସୁରକ୍ଷିତ

ଭୁବନେଶ୍ୱର, ୧୭ ।୭: ରାଜ୍ୟର ଦୁଇଟି ଜିଲ୍ଲା କୋର୍ଟକୁ ବୋମା ଧମକ ମିଳିଥିଲା। ଜଗତସିଂହପୁର ଓ ଝାରସୁଗୁଡ଼ା କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଅଜଣା ବ୍ୟକ୍ତିଙ୍କ ପକ୍ଷରୁ ଇ-ମେଲ୍ ଯୋଗେ ଧମକ ଦିଆଯାଇଥିଲା। ଧମକପୂର୍ଣ୍ଣ ଇ-ମେଲ୍ ମିଳିବା ପରେ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଝାରସୁଗୁଡ଼ା ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତ ପରିସରକୁ ବୋମା ମାଡ଼ କରି ଉଡ଼ାଇ ଦେବା ନେଇ ଏକ ଧମକପୂର୍ଣ୍ଣ ଇ-ମେଲ୍ ଆସିବା ପରେ ଶୁକ୍ରବାର କୋର୍ଟ ପରିସରରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ, ବମ୍ ସ୍କ୍ୱାଡ୍ ଓ ସନ୍ଧାନୀ କୁକୁରଙ୍କ ସହାୟତାରେ ବ୍ୟାପକ ତଲାସୀ ଅଭିଯାନ ଚଳାଇଥିଲେ। ତେବେ ତଲାସୀ ସମୟରେ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିବାରୁ କୋର୍ଟ ପରିସରକୁ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଘୋଷଣା କରାଯାଇଛି। ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି ଯେ, ଧମକପୂର୍ଣ୍ଣ ଇ-ମେଲ୍ ମିଳିବା ପରେ ପୁଲିସ ତୁରନ୍ତ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରି ବ୍ୟାପକ ତଲାସୀ ଚଳାଇଥିଲା। ତଲାସୀ ସମୟରେ କୌଣସି ବିସ୍ଫୋରକ କିମ୍ବା ଆପତ୍ତିଜନକ ବସ୍ତୁ ମିଳିନଥିବାରୁ କୋର୍ଟ ପରିସର ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଘୋଷଣା କରାଯାଇଛି।

# ରଥଭୋଗ



ଶ୍ରୀବିଗ୍ରହମାନେ ରଥ ଉପରେ ଅବସ୍ଥାନ କରୁଥିବା ସମୟରେ ଅନ୍ନ ଭୋଗ ନ ହୋଇ କେବଳ ଶୁଖିଲା ଭୋଗ ହୋଇଥାଏ। ଗୋପାଳବଲ୍ଲବଠାରୁ ଆରମ୍ଭ କରି ସମସ୍ତ ଧୂପ, ମଧାହ୍ନ ଧୂପ, ସନ୍ଧ୍ୟା ଧୂପ ଓ ବଡ଼ ସିଂହାର ଧୂପରେ ମୁଖ୍ୟତଃ ବଲ୍ଲଭ ଖଇ, କୋରା, ଶର୍କରା ଜାତୀୟ ଦ୍ରବ୍ୟ ଭୋଗ ହୁଏ । ସ୍ୱତନ୍ତ୍ର ଆକାରର ରଥ କୋରା ଶ୍ରୀମନ୍ଦିରରେ ନିର୍ମିତ ହୋଇ ବଡ଼ଦାଣ୍ଡରେ ରଥ ଯେଉଁ ସ୍ଥାନରେ ରହି ନୀତି ଆରମ୍ଭ ହୋଇଥାଏ, ସେଠାରେ ଏହି ଭୋଗ କରାଯାଏ। ମହାସୁଆରମାନେ ଭୋଗ ଆଣି ରଥ ଉପରେ ପନ୍ତିରେ ବାଢ଼ନ୍ତି । ପୂଜାପଣ୍ଡାମାନେ ପଞ୍ଚୋପଚାରରେ ଏହି ଧୂପ ପୂଜାଗୁଡ଼ିକୁ ସମାପନ କରିଥାନ୍ତି । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି ଯେ, ରଥ ଉପରେ ପୂର୍ବରୁ ହେଉଥିବା ଭୋଗଗୁଡ଼ିକ ମଧ୍ୟରେ ବଡ଼ ସାନ ମନୋହର- ୧୬ ମୂର୍ତ୍ତି, ପଶୁପାଳନ କାକର – ୯ ମୂର୍ତ୍ତି, ତାଟ ବାବଦ ନାଡି- ୮ ମୂର୍ତ୍ତି, ଗଜା ବଡ଼ ସାନ – ୪ ମୂର୍ତ୍ତି, ଟାକୁଆ – ୨ ମୂର୍ତ୍ତି, ଫେଣି- ୧ ମୂର୍ତ୍ତି, କକରା – ୧୨ ମୂର୍ତ୍ତି,ଡାଳିମ୍ବ- ୩୦ ମୂର୍ତ୍ତି, ଟାକୁଆ ସାନ ସରା- ୪ ମୂର୍ତ୍ତି, ଗଜା- ୧୫ ମୂର୍ତ୍ତି, ସୁଆର ନଡ଼ୁ- ୧୪ ମୂର୍ତ୍ତି ଓ କାକରା – ୫ ମୂର୍ତ୍ତି ଅନ୍ତର୍ଭୁକ୍ତ । ଏତଦ୍ ବ୍ୟତୀତ ଶ୍ରୀଗୁଣ୍ଡିଚା ଦିନ ରଥ ଉପରେ ଘଣ୍ଟ ଛତା ଅଧିକ ଭୋଗ ମଧ୍ୟରେ କୋରା – ୭୪ ମୂର୍ତ୍ତି, ଖଇ- ୨୧ ଓଳି, ବଡ଼ କାକରା- ୪୮ ମୂର୍ତ୍ତି, ଉଠା କାକର –୨୬ ମୂର୍ତ୍ତି, ମହା ପ୍ରଶସ୍ତ ମନହର – ୮ମୂର୍ତ୍ତି, ବଡ଼ ଅମାଲୁ- ୩୦ମୂର୍ତ୍ତି, ସାନ ଅମାଲୁ- ୬୧ ମୂର୍ତ୍ତି, , ଝଡେଇ ନେଦା – ୧ ତାଡ଼, ମାଣ୍ଡୁଅ – ୨୭ ମୂର୍ତ୍ତି, ଟାକୁଆ – ୨୨ ମୂର୍ତ୍ତି, ଟାକୁଆ ବଡ଼ସେରା – ୪ ମୂର୍ତ୍ତି, ରଥ ମନହର- ୨୬ ମୂର୍ତ୍ତି, ମରିଚ ନଡ଼ୁ-୧୦୪ ମୂର୍ତ୍ତି ଉଲ୍ଲେଖ ଥିବା ଜଣାଯାଏ। ଅନେକ ବର୍ଷ ପୂର୍ବରୁ ଏପରିକି ସ୍ୱତ୍ୱଲିପି ପ୍ରଣୀତ ହେବା ଆଗରୁ ଉପରୋକ୍ତ ବର୍ଣ୍ଣିତ ଭୋଗ ଦ୍ରବ୍ୟ ରଥ ଉପରେ ଭୋଗ ହେଉନାହିଁ। ସମ୍ପ୍ରତି ପରମ୍ପରା ଅନୁଯାୟୀ ବିଭିନ୍ନ ପ୍ରକାରର ଓ ଧାର୍ଯ୍ୟ ପରିମାଣର ରଥ କୋରା, ବଲ୍ଲଭ ଖଇ, ଗଜାମୁଗ, ପାତି ନଡିଆ, ବିଭିନ୍ନ ଫଳ, ଶଙ୍ଖାକୃତି ଶାକର ଇତ୍ୟାଦି ଭୋଗ ରଥରେ ଠାକୁରଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ହେଉଛି।

## ଧୂଳିଆ ଗୁଣ୍ଡିଚା ଓ କାଦୁଆ ଗୁଣ୍ଡିଚା

ସାଧରଣତଃ ଶ୍ରୀଗୁଣ୍ଡିଚା ପର ଦିନକୁ ଧୂଳିଆ ଗୁଣ୍ଡିଚା କୁହାଯାଏ । ରଥଯାତ୍ରା ସମ୍ପର୍କରେ ମିଳୁଥିବା ପ୍ରାଚୀନ ଗ୍ରନ୍ଥ, କାବ୍ୟ, କବିତାରୁ ଧୂଳିଆ ଗୁଣ୍ଡିଚା ବିଷୟରେ କୈଣସି ଉଲ୍ଲେଖ ଥିବାର ଦୃଷ୍ଟିକୁ ଆସୁନାହିଁ । ଆଜକୁ ପ୍ରାୟ ୧୫୦ବର୍ଷ ପୂର୍ବେ ଉତ୍କଳ ଦୀପିକା ସମ୍ବାଦ ପତ୍ରରୁ ମିଳୁଥିବା ସୂଚନା ଅନୁଯାୟୀ ସେତେବେଳେ ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ନିକଟରେ ରଥ ପହଞ୍ଚିବାକୁ ପ୍ରାୟ ତିନି ଚାରି ଦିନ ସମୟ ଲାଗି ଯାଉଥିଲା । ସେ ସମୟରେ ପଶ୍ଚିମା ଓ ବଙ୍ଗୀୟ ଯାତ୍ରୀମାନେ ଗୁଣ୍ଡିଚା ପର ଦିନ ତିନି ରଥ ଟାଣିବାର ସୁଯୋଗ ପାଉଥିଲେ । ଏହି ଦିନର ଯାତ୍ରା ଧୂଳିଆ ଗୁଣ୍ଡିଚା ନାମରେ ପରିଚିତ ହେଉଥିଲା। ଅଦ୍ୟାବଧି ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଗୁଣ୍ଡିଚା ପର ଦିନର ରଥଟଣା ଓ ଯାତ୍ରାକୁ ଧୂଳିଆ ଗୁଣ୍ଡିଚା ନାମରେ କୁହାଯାଇଥାଏ। ଅନ୍ୟ କେତେକଙ୍କ ମତରେ ପୂର୍ବେ ଯେଉଁ ବର୍ଷ ରଥଯାତ୍ରା ଦିନ ପ୍ରବଳ ଖରା ହୋଇ ରାସ୍ତାରେ ଧୂଳି ଉଡ଼ିଥାଏ, ସେହି ଦିନର ଯାତ୍ରାକୁ ଧୂଳିଆ ଗୁଣ୍ଡିଚା ଓ ଅନ୍ୟ ପକ୍ଷରେ ରଥଯାତ୍ରା ଦିନ ପ୍ରବଳ ବର୍ଷା ହୋଇ ରାସ୍ତା କାଦୁଅ ହେଲେ ସେଦିନର ଯାତ୍ରାକୁ କାଦୁଆ ଗୁଣ୍ଡିଚା ନାମରେ କଥିତ ହୋଇଥାଏ।

# କାହିଁକି ମହାପ୍ରଭୁ ଜଗନ୍ନାଥ ମନ୍ଦିର ବାହାରେ

# ଅରୁଣ ସ୍ତମ୍ଭ ଓ ଭିତରେ ଗରୁଡ଼ ସ୍ତମ୍ଭ

### ■ ପୌରାଣିକ ତତ୍ତ୍ୱ

> ଶ୍ରୀମନ୍ଦିରରେ ଗରୁଡ଼ ସ୍ତମ୍ଭକୁ ସ୍ପର୍ଶ, ଆଲିଙ୍ଗନ ଓ ମୁଣ୍ଡିଆ ମାରି ବିଷ୍ଣୁଙ୍କ ଦର୍ଶନର ସମ୍ପୂର୍ଣ୍ଣ ଫଳପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରନ୍ତି। ଗରୁଡ଼ ପଛରୁ ଠାକୁର ଦର୍ଶନ କଲେ ଶ୍ରୀଜିଉଙ୍କ ଦର୍ଶନର ସମ୍ପୂର୍ଣ୍ଣ ପୁଣ୍ୟ ଫଳ ମିଳେ ବୋଲି ବିଶ୍ୱାସ ରହିଛି।



ଏହା ରତ୍ନ ସିଂହାସନଠାରୁ ୧୭୫ ମିଟର ଦୂରରେ ଅବସ୍ଥିତ। ଏହାର ଉଚ୍ଚତା ୧୦ ଫୁଟ ଓ ଗୋଲେଇ ୩ ଫୁଟ। ସଂସ୍କୃତ ମହାଭାରତର ଆଦିପର୍ବରେ ୨୩ ଅଧ୍ୟାୟରେ ଗରୁଡ଼ଙ୍କ ବିଷୟରେ ବର୍ଣ୍ଣନା ରହିଛି। ଅନ୍ୟାନ୍ୟ ପୌରାଣିକ ଶାସ୍ତ୍ରରେ ମଧ୍ୟ ଗରୁଡ଼ଙ୍କ ଜନ୍ମ ଓ ବିଷ୍ଣୁଙ୍କ ବାହନ ହେବା କିମ୍ବଦନ୍ତୀ ଉଲ୍ଲେଖ ରହିଛି। ଯାହା ମୁତାବକ ସତ୍ୟ ଯୁଗରେ ଦକ୍ଷ ପ୍ରଜାପତିଙ୍କର କଦ୍ରୁ ଓ ବିନତା ନାମରେ ଦୁଇଟି କନ୍ୟା ଥିଲେ। ପିତା କନ୍ୟା ଦ୍ୱୟଙ୍କୁ ମହର୍ଷି କଶ୍ୟପଙ୍କୁ ବିବାହ କରାଇ ଦେଲେ। ଏକଦା ପ୍ରସନ୍ନ ଥିବା ବେଳେ ସ୍ୱାମୀ କଶ୍ୟପ ତାଙ୍କର ଦୁଇପତ୍ନୀଙ୍କୁ ବର ମାଗିବାକୁ କହିଲେ। କଦ୍ରୁ ଏକ ହଜାର ନାଗପୁତ୍ର ବର ମାଗିଥିଲେ। ଯେତେବେଳେ କି ବିନତା ଏହି ନାଗପୁତ୍ରଙ୍କଠାରୁ ଅଧିକ ବଳଶାଳୀ ଦୁଇଟିପୁତ୍ର ମାଗିଥିଲେ। ବର ଫଳପ୍ରଦ ହେଲା। କଦ୍ରୁ ଦେଇଥିବା ଅଣ୍ଡାରୁ ନାଗପୁତ୍ରମାନେ ଜନ୍ମ ହେଲେ। ହେଲେ ବିନତା ଦେଇଥିବା ଦୁଇଟି ଅଣ୍ଡା ଫୁଟି ନ ଥିଲା। ତେଣୁ ସେ ବ୍ୟାକୁଳ ହୋଇ ଗୋଟିଏ ଅଣ୍ଡାକୁ ଭାଙ୍ଗି ଦେଇଥିଲେ। ଏହା ଭିତରୁ ଅର୍ଦ୍ଧ ବିକଶିତ ଅରୁଣ ଜନ୍ମ ହୋଇଥିଲେ। ତେବେ ଅର୍ଦ୍ଧ ପରିପକ୍ୱ ଅବସ୍ଥାରେ ଭାଙ୍ଗିଥିବାରୁ ଅରୁଣ ମାତାଙ୍କୁ ସାପ ଦେଇଥିଲେ। ଫଳରେ ବିନତା ସଉତୁଣୀ କଦ୍ରୁଙ୍କ ଦାସୀ ହୋଇ ରହିଥିଲେ। ସମୟ କ୍ରମେ ଅରୁଣ ସୂର୍ଯ୍ୟଙ୍କ ସାରଥୀ ହୋଇଥିଲେ। ତେବେ ଦ୍ୱିତୀୟ ଅଣ୍ଡାଟି ପରିପକ୍ୱ ହୋଇ ଏଥିରୁ ସର୍ପ ବିନାଶକାରୀ ଗରୁଡ଼ଙ୍କ ଜନ୍ମ ହୋଇଥିଲା। ସେ ବିଷ୍ଣୁଭକ୍ତ ଥିଲେ। ସମସ୍ତ ସର୍ପଙ୍କୁ ବିନାଶ କରି ମା'ଙ୍କୁ ଦାସତ୍ୱରୁ ଉଦ୍ଧାର କରିଥିଲେ। ପିତାଙ୍କୁ ପ୍ରସନ୍ନ କରି ପାଇଥିବା ବରରେ ବଳିଆର ହୋଇ ସେ ଦେବତାମାନଙ୍କୁ ପରାଜିତ କରି ଅମୃତ କଳସ ଧରି ମାତାଙ୍କ ନିକଟକୁ ଆସୁଥିବା ବେଳେ ବିଷ୍ଣୁ ପ୍ରକଟ ହୋଇ ବର ମାଗିବାକୁ କହିଥିଲେ। ଏହି ସମୟରେ ଶ୍ରୀଚରଣ ତଳେ ବାହାନ ଭାବେ ସ୍ଥାନ ଦେଇ ସେବା କରିବାର ଅହୋଭାଗ୍ୟ ପ୍ରଦାନ କରିବାକୁ ସେ ବିଷ୍ଣୁଙ୍କୁ ବର ମାଗିଥିଲେ। ବିଷ୍ଣୁ ତଥାସ୍ତୁ କହିବାରୁ ଗରୁଡ଼ ଅମର ହୋଇଗଲେ। ତେଣୁ ଶ୍ରୀମନ୍ଦିର ଆରାଧ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଗରୁଡ଼ଙ୍କ ମୂର୍ତ୍ତି ପ୍ରତିଷ୍ଠିତ ଥିବା ଦେଖିବାକୁ ମିଳେ। ଶ୍ରୀମନ୍ଦିରରେ ଗରଡ଼ ସ୍ତମ୍ଭକୁ ସ୍ପର୍ଶ, ଆଲିଙ୍ଗନ ଓ ମୁଣ୍ଡିଆ ମାରି ବିଷ୍ଣୁଙ୍କ ଦର୍ଶନର ସମ୍ପୂର୍ଣ୍ଣ ଫଳପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରନ୍ତି। ଗରୁଡ଼ ପଛରୁ ଠାକୁର ଦର୍ଶନ କଲେ ଶ୍ରୀଜିଉଙ୍କ ଦର୍ଶନର ସମ୍ପୂର୍ଣ୍ଣ ପୂଣ୍ୟ ଫଳ ମିଳେ ବୋଲି ବିଶ୍ୱାସ ରହିଛି। ଏହି ସ୍ତମ୍ଭର ପ୍ରଧାନ ବିଶେଷତ୍ୱ ହେଉଛି ଯେ, ଅମାବାସ୍ୟା, ସଂକ୍ରାନ୍ତି, ଶନିବାର ଓ ମଙ୍ଗଳବାର ଆଦି ତିଥିରେ ଭକ୍ତମାନେ ଗରୁଡ଼ଙ୍କ ସ୍ନାନ ଜଳକୁ ପାନ କରି ବହୁ ରୋଗରୁ ମୁକ୍ତି ପାଉଥିବା ବିଶ୍ୱାସ ରହିଛି। ପ୍ରତ୍ୟହ ଶ୍ରୀବିଗ୍ରହଙ୍କୁ ସ୍ନାନ କରାଯିବା ପରେ ଗରୁଡ଼ଙ୍କୁ ବିଧିବିଧାନ ମୁତାବକ ସ୍ନାନ କରାଯାଇଥାଏ। ଗରୁଡ଼ଙ୍କୁ ସ୍ନାନ କରିବା ସମୟରେ ସେବକମାନେ ନିଶୁଣୀର ବ୍ୟବହାର କରିଥାନ୍ତି। ଗରୁଡ଼ଙ୍କ ସେବା ଯେଉଁମାନେ କରିଥାନ୍ତି ସେମାନେ ଚୂନରା ଭାବେ ପରିଚିତ। ଏହି ସେବକମାନେ କାଠ ଘଡ଼ା ସାହାଯ୍ୟରେ ଗରୁଡ଼ଙ୍କୁ ସ୍ନାନ କରିଥାନ୍ତି।





*ସଂସ୍କୃତ ମହାଭାରତର ଆଦିପର୍ବରେ ୨୩ ଅଧ୍ୟାୟରେ ଗରୁଡ଼ଙ୍କ ବିଷୟରେ ବର୍ଣ୍ଣନା ରହିଛି। ଅନ୍ୟାନ୍ୟ ପୌରାଣିକ ଶାସ୍ତ୍ରରେ ମଧ୍ୟ ଗରୁଡ଼ଙ୍କ ଜନ୍ମ ଓ ବିଷ୍ଣୁଙ୍କ ବାହନ ହେବା କିମ୍ବଦନ୍ତୀ ଉଲ୍ଲେଖ ରହିଛି। ଯାହା ମୁତାବକ ସତ୍ୟ ଯୁଗରେ ଦକ୍ଷ ପ୍ରଜାପତିଙ୍କର କଦ୍ରୁ ଓ ବିନତା ନାମରେ ଦୁଇଟି କନ୍ୟା ଥିଲେ।*



# ବାଲ୍ମିକୀ

ବାଲ୍ମିକୀ ସଂସ୍କୃତ ସାହିତ୍ୟର ଅଗ୍ରଗଣ୍ୟ କବି ତଥା ସଂସ୍କୃତ ରାମାୟଣର ସ୍ରଷ୍ଟା । ରାମାୟଣ ମହାକାବ୍ୟରେ ଭଗବାନ ରାମଙ୍କ ଜୀବନ ମାଧ୍ୟମରେ ସେ ବିଶ୍ୱବାସୀଙ୍କୁ ମାନବ ଜୀବନର ସତ୍ୟ ତଥା କର୍ତ୍ତବ୍ୟ ବିଷୟରେ ଅବଗତ କରାଇଛନ୍ତି । ପ୍ରଥମ ସଂସ୍କୃତ ମହାକାବ୍ୟ ଭାବେ ରାମାୟଣ ଗ୍ରନ୍ଥ ରଚନା କରିଥିବରୁ ସେ ମଧ୍ୟ ଆଦିକବି ଭାବେ ଖ୍ୟାତ ।


## ଜୀବନୀ



ବାଲ୍ମିକୀଙ୍କ ଜନ୍ମ ସମ୍ବନ୍ଧରେ ସଠିକ ପ୍ରାମାଣିକ ତଥ୍ୟ ନାହିଁ । ତେବେ ବାଲ୍ମିକୀ ରାମାୟଣର ପ୍ରାଚୀନତା ବିଷୟରେ ଲବ୍ଧ ତଥ୍ୟ ହିଁ ବାଲ୍ମିକୀଙ୍କ ଜନ୍ମ ସମୟ ବିଷୟରେ ସମ୍ୟକ ତଥ୍ୟ ପ୍ରଦାନ କରେ । ବାଲ୍ମିକୀଙ୍କ ରଚିତ ରାମାୟଣ ମହାକାବ୍ୟ ସାତ କାଣ୍ଡ ବା ସାତ ଭାଗ ବିଶିଷ୍ଟ । ଉତ୍ତରା କାଣ୍ଡ ସହ ଏହା ପ୍ରାୟ ୨୪,୦୦୦ ଶ୍ଳୋକ ବିଶିଷ୍ଟ । ଐତିହାସିକଙ୍କ ମତରେ ରାମାୟଣର ରଚନା ଖ୍ରୀଷ୍ଟପୂର୍ବ ୫୦୦ରୁ ଖ୍ରୀଷ୍ଟପୂର୍ବ ୧୦୦ ମଧ୍ୟରେ । ରାମାୟଣ ମହାକାବ୍ୟ ବିଭିନ୍ନ ସମୟରେ ବିଭିନ୍ନ କବିଙ୍କଦ୍ୱାରା ପରିବର୍ତ୍ତିତ ତଥା ପରିବର୍ଦ୍ଧିତ ହୋଇଥିବାରୁ ଏହାର ମୂଳ କାବ୍ୟର ରଚନା କାଳ ତଥା ବାଲ୍ମିକୀଙ୍କ ଜନ୍ମ ସମୟ ସଠିକ ଭାବେ ନିରୂପଣ ହୋଇପାରିନାହିଁ । ଭାରତୀୟ ବଂଶୋଦ୍ଭବ ଇଂରାଜୀ ଲେଖକ ମେନେନ୍‌ଙ୍କ ମତରେ ବାଲ୍ମିକୀ ହେଉଛନ୍ତି ମାନବ ଇତିହାସର ପ୍ରଥମ କବି ଯେ କି ରାମାୟଣ କାଳରେ ହିଁ ପ୍ରଥମ ମହାକାବ୍ୟ ରାମାୟଣ ରଚନା କରିପାରିଥିଲେ । କଥିତ ଅଛି ବାଲ୍ମିକୀ ରାମଙ୍କୁ ସାକ୍ଷାତ କରିଛନ୍ତି ଏବଂ ସୀତାଙ୍କ ନିର୍ବାସନ କାଳରେ ତାଙ୍କୁ ନିଜ କୁଟୀରରେ ଆଶ୍ରୟ ପ୍ରଦାନ କରିଛନ୍ତି । ଏପରିକି, ସୀତାଙ୍କ ଯମଜ ପୁତ୍ର ଲବ ଓ କୁଶ ବାଲ୍ମିକୀଙ୍କଠାରୁ ରାମାୟଣ ଶୁଣି ଅଶ୍ୱମେଧ ଯଜ୍ଞ ସମୟରେ ରାମଙ୍କ ଦରବାରରେ ଗାନ କରିଛନ୍ତି, ରାମ ମଧ୍ୟ ଏହି ତଥ୍ୟ ସତ୍ୟ ବୋଲି ପ୍ରମାଣିତ କରିଛନ୍ତି । ଏହିପରି ଭାବରେ କେତେକଙ୍କ ମତରେ ବାଲ୍ମିକୀଙ୍କୁ ରାମଙ୍କ ସମସାମୟିକ ବୋଲି କୁହାଯାଇଛି । ଏକ କିମ୍ବଦନ୍ତୀ ଅନୁସାରେ ସୁମାଳୀ ନାମକ ବ୍ରାହ୍ମଣଙ୍କ ପୁତ୍ର ହେଉଛନ୍ତି ଅଗ୍ନିଶର୍ମା । ଥରେ ଅଗ୍ନିଶର୍ମାଙ୍କର ଭେଟ ହୁଏ ଋଷି ନାରଦଙ୍କ ସହ । ଋଷି ନାରଦଙ୍କ କଥାରେ ନିଜ କର୍ତ୍ତବ୍ୟ ବିଷୟରେ ଜାଣି ଋଷିଙ୍କ ଆଦେଶରେ ସେ ମରା ଶବ୍ଦ ଉଚ୍ଚରଣ ପୂର୍ବକ ବର୍ଷ ବର୍ଷ ଧରି ତପସ୍ୟା କରିବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ତପସିଦ୍ଧି ଫଳରେ ଏହି ମରା ଶବ୍ଦ ରାମ ଶବ୍ଦରେ ପରିବର୍ତ୍ତିତ ହୋଇଯାଇଛି ଏବଂ ଅଗ୍ନିଶର୍ମା ବାଲ୍ମିକୀ ନାମରେ ପ୍ରସିଦ୍ଧି ଲାଭ କରିଛନ୍ତି ।

*କଥିତ ଅଛି ବାଲ୍ମିକୀ ରାମଙ୍କୁ ସାକ୍ଷାତ କରିଛନ୍ତି ଏବଂ ସୀତାଙ୍କ ନିର୍ବାସନ କାଳରେ ତାଙ୍କୁ ନିଜ କୁଟୀରରେ ଆଶ୍ରୟ ପ୍ରଦାନ କରିଛନ୍ତି ।*

## ପ୍ରଥମ ଶ୍ଳୋକ



ବାଲ୍ମିକୀ ତାଙ୍କ ଶିଷ୍ୟଙ୍କ ସହ ନିତ୍ୟକର୍ମ ସମାପନ ନିମିତ୍ତ ଗଙ୍ଗା ନଦୀ ଅଭିମୁଖେ ଯାଉଥାନ୍ତି । ବାଟରେ ତମସା ଝରଣାର ନିର୍ମଳ ଜଳ ଦେଖି ସେଠାରେ ଗାଧୋଇ ବାକୁ ଇଛା ପ୍ରକାଶ କଲେ । ଏହି ସଯୟରେ ସେ ଦେଖିଲେ ମୈଥୁନରତ ଏକ ସାରସ ଯୋଡ଼ାକୁ ବ୍ୟାଧଟିଏ ଶର ମାରନ୍ତେ ପୁରୁଷ ପକ୍ଷୀଟି ନିହତ ହେଲା । ଏଥିରେ ବ୍ୟଥିତ ହୋଇ ମାତା ସାରସ ପକ୍ଷୀଟି ବିଳାପ କରିବାରେ ଲାଗିଲା । ଏହି ଶୋକ ସନ୍ତପ୍ତ ଦୃଶ୍ୟରେ ଅତ୍ୟନ୍ତ ମର୍ମାହତ ବାଲ୍ମିକୀଙ୍କ ମୁହଁରୁ ବାହାରିଥିଲା ପ୍ରଥମ ଶ୍ଳୋକ ।


## ଘରେ ପାଣି ପଶିଯିବାରୁ ରାସ୍ତାରୋକ

ତିଗିରିଆ,(ନିପ୍ର): ନୂଆପାଟଣାର କଳାପାଟ ସାହିରେ ଘର ଭିତରେ ଅଣ୍ଟାଏ ଉଚ୍ଚର ପାଣି ପ୍ରବାହିତ ହେଉଥିବା ନେଇ ଲୋକେ ହୀନସ୍ତା ହୋଇଛନ୍ତି । ପ୍ରବଳ ବର୍ଷା ପାଣି ଓ ଡ୍ରେନ୍ ପାଣି ଘର ଭିତରେ ପଶିଥିଲା । ଏଥିପାଇଁ ଲୋକମାନେ ଉତ୍ତ୍ୟକ୍ତ ହୋଇ ୬୫ନଂ ରାଜ୍ୟ ରାଜପଥକୁ ୨ ଘଣ୍ଟା ଧରି ଅବରୋଧ କରିଥିଲେ । ସ୍ଥାନୀୟ ତହସିଲଦାର, ଥାନାଆଇଆଇସି ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଡ୍ରେନ୍ ସଫା କରିବା ପରେ ରାସ୍ତାରୋକ୍ ହଟିଥିଲା ।

## ରଥାରୂଢ଼ ହେଲେ ଦେବ ପ୍ରସନ୍ନମଣି

ତିଗିରିଆ,(ନିପ୍ର): ତିଗିରିଆର ଆରାଧ୍ୟ ଦେବ ପ୍ରଭୁ ପ୍ରସନ୍ନ ମଣି ଭାଇ ବଳରାମ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଯଥାକ୍ରମେ ନନ୍ଦିଘୋଷ,ତାଳଧ୍ୱଜ ଓ ଦର୍ପଦଳନ ରଥରେ ବିଜେ କରିଛନ୍ତି । ସେବକମାନେ ଛତ୍ରଛତ୍ରୀ,ଘଣ୍ଟଘଣ୍ଟା, କାହାଳୀ ଚାମର ସେବା ଛତିଶ ନିଯୋଗରେ ରଥାରୂଢ଼ ହୋଇଥିଲେ । ଏହି କ୍ଷେତ୍ରକୁ ଗୁପ୍ତ ଶ୍ରୀକ୍ଷେତ୍ର କୁହାଯାଏ । ତିଗିରିଆର ନରପତିମାନେ ପୁରୀ ଜଗନ୍ନାଥଙ୍କ ପାଖରେ ମୁଖ୍ୟ ପରିଛା ଭାବରେ ଦାୟିତ୍ୱ ନିର୍ବାହ କରିଥାନ୍ତି ।ତେଣୁ ରାଜାଙ୍କ ଅନୁପସ୍ଥିତିରେ ଛେରା ପହଁରା କରାଯାଏ ନାହିଁ , ପରଦିନ ଛେରା ପହଁରା କରାଯାଏ । ଅପରପକ୍ଷରେ ପାଞ୍ଚଗାଁ ସ୍ଥିତ ପ୍ରଭୁ ଦଧିବାମାନଙ୍କୁ ସେବାୟତ ତଥା ଭକ୍ତମାନେ ରଥାରୂଢ଼ କରିବା ପରେ ରଜ ବଂଶଜ ସନ୍ତୋଷ ଚନ୍ଦ୍ର ସିଂହ ସାମନ୍ତ ଛେରା ପହଁରା କରିଥିଲେ । ରଥ ନିର୍ଦ୍ଧାରିତ ସମୟରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା ।

**ଦାମନଯୋଡି :** ଶିଳ୍ପାଞ୍ଚଳ ଦାମନଯୋଡିର ଶ୍ୱେତସୁବର୍ଣ୍ଣ କ୍ଷେତ୍ରରେ ଶ୍ରୀଜିଉମାନଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳୁ ଶ୍ରୀଜୀଉଙ୍କ ନିତ୍ୟ ନୀତିକାନ୍ତି ପରେ ରଥ ନୀତି ଅନୁଷ୍ଠିତ ହୋଇଥିଲା । ରଥ ପ୍ରତିଷ୍ଠା କରାଯାଇ ଖେଚୁଡ଼ି ଭୋଗ ଲାଗି କରାଯାଇଥିଲା । ମଙ୍ଗଳାର୍ପଣ ପରେ ପହଣ୍ଡି କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା । ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମିଶ୍ର ଛେରା ପହଁରା କରିବା ପରେ ରଥ ଟଣା ହୋଇଥିଲା । ରଥାପଥରେ ଭକ୍ତ



ଓ ଭଗବାନଙ୍କ ମହାମିଳନ ଦେଖିବାକୁ ମିଳିଥିଲା । ଘଣ୍ଟ ଘଣ୍ଟା, ହରିବୋଲ ହୁଳହୁଳି, ଶଙ୍ଖ ଧ୍ୱନି ସହ ସଂକୀର୍ତ୍ତନରେ ସମଗ୍ର ଅଞ୍ଚଳ ଉଚ୍ଛୁଳି ପଡୁଥିଲା । ଦାମନଯୋଡି ପୁଲିସ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ ଓ ଟାଉନସିପ ସୁରକ୍ଷା କର୍ମୀ ମିଳିତ ଭାବରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ।

## ରେଢ଼ାଖୋଲ ରାଜସ୍ୱ ଡାକ ବଙ୍ଗଳା ଉଦ୍‌ଘାଟିତ

ରେଢ଼ାଖୋଲ,(ନିପ୍ର): ରେଢ଼ାଖୋଲ ବାସୀଙ୍କ ପାଇଁ ଆଜି ପବିତ୍ର ରଥଯାତ୍ରା ଅବସରରେ ଆଉ ଏକ ବଡ଼ ଉପହାର । ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ତରଫରୁ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ରାଜସ୍ୱ ଡାକ ବଙ୍ଗଳାର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ମାନ୍ୟବର ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କ କରକମଳରେ ଏହି ନୂତନ ଡାକ ବଙ୍ଗଳାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସ୍ଥାନୀୟ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଅତିରିକ୍ତ ତହସିଲଦାର ପ୍ରଭାତ ବିଶ୍ୱାଳ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ , ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ, ସରକାରୀ କାର୍ଯ୍ୟ ପାଇଁ ରେଢ଼ାଖୋଲ ଆସୁଥିବା ବରିଷ୍ଠ ଅଧିକାରୀ, କର୍ମଚାରୀ, ଜନ ସାଧାରଣ ଓ ଜନପ୍ରତିନିଧିମାନଙ୍କ ସୁବିଧା ପାଇଁ ଏହି ଡାକ ବଙ୍ଗଳା ନିର୍ମାଣ କରାଯାଇଛି । ଏହା ଦ୍ୱାରା ସରକାରୀ କାମରେ ଆସୁଥିବା ଲୋକଙ୍କୁ ରହିବା ପାଇଁ ଆଉ ଅସୁବିଧା ହେବ ନାହିଁ ।

## ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଦ୍ରକ,(ନିପ୍ର): ନାରୀଟିଏ ସଶକ୍ତ ହେଲେ ଭ୍ରଷ୍ଟାଚାର ବିଲୁପ୍ତ ହୁଏ ଏବଂ ରାଷ୍ଟ୍ରର ବିକାଶ ହୋଇଥାଏ । ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ ଜରିଆରେ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଚାଲିଥିବା ସପ୍ତାହବ୍ୟାପୀ ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉଦଯାପନୀ ସଭାରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ ଅଭୟ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନାରୀ ସଶକ୍ତିକରଣର ନିମନ୍ତେ ନାରୀର ମହନୀୟ ଗୁଣାବଳୀର ବିକାଶ ଆବଶ୍ୟକ ଏବଂ ନାରୀଟିଏ ସର୍ବଦା ନିଜ ଅନ୍ତରର ଶକ୍ତିକେନ୍ଦ୍ରକୁ ଜାଗ୍ରତ ରଖି ପାରିଲେ ସମାଜରୁ ବ୍ୟଭିଚାର ଦୂର ହୋଇ ପାରିବ ବୋଲି ଅଭିବ୍ୟକ୍ତି ରଖିଥିଲେ । ଅନ୍ୟତମ ଶକ୍ତିଶ୍ରୀ ସାଥୀ ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ ସେଲଫ ଡିଫେନ୍ସର ଆଭିମୁଖ୍ୟ ଉପସ୍ଥାପନ ସହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଂଯୋଜିକା ଅଧ୍ୟାପିକା ଡ ବସୁମତୀ ପଣ୍ଡା ସଶକ୍ତ ହେବା ଦିଗରେ ଛାତ୍ରୀ ମାନେ ପ୍ରଦର୍ଶନ କରିଥିବା ନିଷ୍ଠା ଓ ଏକାଗ୍ରତା କୁ ଭୂୟଶୀ ପ୍ରଶଂସା କରିଥିଲେ ।

### ସମ୍ପତ୍ତି ବିବାଦରେ ପୋଲିସକୁ ପ୍ରଭାବିତ କରିବାକୁ ଚେଷ୍ଟା

## ଜାଲ୍ ଆରଏଡବ୍ଲୁ ଏବଂ ଆଇବି ଡକ୍ୟୁମେଣ୍ଟ ବ୍ୟବହାର କରି ଜାଲିଆତି, ୨ ଗିରଫ

ଗଞ୍ଜାମ : ସମ୍ପତ୍ତି ବିବାଦରେ ପୋଲିସକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଜାଲ୍ ଆରଏଡବ୍ଲୁ ଏବଂ ଆଇବି ଡକ୍ୟୁମେଣ୍ଟ ବ୍ୟବହାର କରି ଜାଲିଆତି ଏବଂ ଛଦ୍ମବେଶ ପାଇଁ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ବ୍ରହ୍ମପୁର ପୋଲିସ ୧୫ ତାରିଖ ବି.ଏନ୍.ପୁର ପୋଲିସ ମାମଲା ନଂ. ୩୬୫ ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୧୯(୨), ୩୩୬(୩), ୩୩୭, ୩୩୮ ଏବଂ ୩(୫) ଅନୁଯାୟୀ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ୫୩ ବର୍ଷ ବୟସ୍କ ଦୁର୍ଗା ପ୍ରସାଦ ବ୍ରହ୍ମା, ମଦନ ମୋହନ ବ୍ରାହ୍ମଣଙ୍କ ପୁଅ, ପଣ୍ଡା ଶାସନମ୍, ବ୍ରାହ୍ମଣତରିଆ, ପିଏସ୍ ପଲାସା, ଜିଲ୍ଲା ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶର ନିବାସୀ ଏବଂ ପ୍ରଦୀପ କୁମାର ମଣ୍ଡଳ, ୫୮ ବର୍ଷ ବୟସ୍କ, ସ୍ୱର୍ଗତ ରାମ ଚନ୍ଦ୍ର ମଣ୍ଡଳଙ୍କ ପୁଅ, ନିଗମ ନଗର, ଲେନ୍ ୦୩, ଆଙ୍କୁଲି, ବ୍ରହ୍ମପୁର, ପିଏସ୍ ବୈଦ୍ୟନାଥପୁର ନିବାସୀ । ଉଭୟ ଅଭିଯୁକ୍ତ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀ ଯେଉଁମାନେ ସେମାନଙ୍କ ଚାକିରି ସମୟରେ ପରସ୍ପରକୁ ଜାଣିଥିଲେ ।

ପ୍ରଦୀପ କୁମାର ମଣ୍ଡଳଙ୍କ ଆଙ୍କୁଲିରେ ତାଙ୍କ ପୈତୃକ ସମ୍ପତ୍ତିକୁ ନେଇ ଦୀର୍ଘ ଦିନ ଧରି ବିବାଦ ଥିଲା । ୨୦୧୧ ମସିହାରେ, ତାଙ୍କ ଭାଇଭଉଣୀ - ଅରବିନ୍ଦ କୁମାର ମଣ୍ଡଳ, ପବିତ୍ର କୁମାର ମଣ୍ଡଳ, ପ୍ରମୋଦ କୁମାର ମଣ୍ଡଳ, ବ୍ରଜ ବନ୍ଧୁ ମଣ୍ଡଳ ଏବଂ ତାଙ୍କ ମାଆ ନିର୍ମଳା ମଣ୍ଡଳ ତାଙ୍କ ସମ୍ମତି ବିନା ସେମାନଙ୍କର ସମ୍ପତ୍ତି ବିକ୍ରି କରିଥିଲେ । ସେ ଏହି ସମ୍ପର୍କରେ ଏକ ସିଭିଲ୍ ମୋକଦ୍ଦମା ଦାୟର କରିଥିଲେ । ୨୦୨୫ ମସିହାରେ, ପ୍ରଦୀପ କୁମାର ମଣ୍ଡଳ ବ୍ରହ୍ମପୁର ତହସିଲଦାରଙ୍କ ଦ୍ୱାରା ଜାରି କରାଯାଇଥିବା ତାଙ୍କ ମାଆଙ୍କ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ରର ଏକ ପ୍ରମାଣିତ କପି ପାଇଥିଲେ । ପ୍ରମାଣପତ୍ରରେ ତାଙ୍କ ଭାଇଭଉଣୀ ଏବଂ ଜଣେ ନିରୁପମା ନାୟକଙ୍କ ନାମ ଉଲ୍ଲେଖ ଥିଲା କିନ୍ତୁ ତାଙ୍କ ନାମ ଉଲ୍ଲେଖ ନଥିଲା । ତାଙ୍କ ପରିବାର ସଦସ୍ୟଙ୍କୁ ଚାପ ପକାଇବା ଏବଂ ତାଙ୍କ ସପକ୍ଷରେ ସମ୍ପତ୍ତି ମାମଲା ସମାଧାନ କରିବା ପାଇଁ, ଦୁଇ ଅଭିଯୁକ୍ତ ଷଡ଼ଯନ୍ତ୍ର କରିଥିଲେ ଏବଂ ଗବେଷଣା ଏବଂ ବିଶ୍ଳେଷଣ ୱିଙ୍ଗ (ଆରଏଡବ୍ଲୁ ) ଏବଂ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଦ୍ୱାରା ଜାରି କରାଯାଇଥିବା ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥିଲେ, ଯାହା ନକଲି ସରକାରୀ ମୋହର ସହିତ ପୂର୍ଣ୍ଣ ହୋଇଥିଲା । ସେମାନେ ଅନ୍ୟ ଜାଲ୍ ପରିଚୟ ପତ୍ର ଏବଂ ଆଇବି ଏବଂ ଆରଏଡବ୍ଲୁ ଦ୍ୱାରା ଜାରି କରାଯାଇଥିବା ଏକ ଜାଲ୍ ଛୁଟି ପ୍ରମାଣପତ୍ର ମଧ୍ୟ ପ୍ରସ୍ତୁତ କରିଥିଲେ । ସେମାନେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ନିଜକୁ ଆରଏଡବ୍ଲୁ ଏବଂ ଆଇବିର ଅଧିକାରୀ ବୋଲି ପରିଚୟ ଦେଇଥିଲେ ।

ତଦନ୍ତ ସମୟରେ, ଦୁହିଁଙ୍କ ଠାରୁ ସେବା ସମ୍ବନ୍ଧୀୟ କାର୍ଡ,- ଜାଲ୍ ଆରଏଡବ୍ଲୁ ମୁଭମେଣ୍ଟ ଅର୍ଡର ନମ୍ବର ୧୦୮୧/ ଜ୨/୩୬୯/୨୦୨୬ (୨ ପୃଷ୍ଠା) ଏବଂ ଜାଲ୍ ଆଇବି ପ୍ରତିନିଧିତ୍ୱ ପତ୍ର ରେଫରେନ୍ସ ନମ୍ବର ୦୦୮୪୨୧ଇ।, ପ୍ରଦୀପ କୁମାର ମଣ୍ଡଳଙ୍କ 'ଅଭିନବ ଚୌଧୁରୀ, A D G ୟୁନିଟ୍-୭ C L U' ନାମରେ ଜାଲ୍ ଛୁଟି ପ୍ରମାଣପତ୍ର, ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ରର କପି ଜବତ କରାଯାଇଥିଲା । ବି.ଏନ୍.ପୁର ପୋଲିସ ଷ୍ଟେସନର ଏଏସଆଇ ଅନନ୍ତ ନାରାୟଣଙ୍କ ଲିଖିତ ରିପୋର୍ଟ ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା । ଭାରତୀୟ ନ୍ୟାୟ ସଂହିତାର ଆବାହିତ ଧାରା ଅନୁଯାୟୀ ପ୍ରାଥମିକ ପ୍ରମାଣ ପ୍ରତିଷ୍ଠିତ ହୋଇଛି । ସେମାନଙ୍କୁ କୋର୍ଟକୁ ପଠାଯାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଚାଲିଛି ।

## ପାରଳାଖେମୁଣ୍ଡିରେ ଶ୍ରୀଜିଉଙ୍କ ରଥଯାତ୍ରା

ପାରଳାଖେମୁଣ୍ଡି,(ନିପ୍ର): ପାରଳାଖେମୁଣ୍ଡି ଉପାନ୍ତ ଶ୍ରୀକ୍ଷେତ୍ର ଚତୁର୍ଦ୍ଧାମୂର୍ତ୍ତି ତଥା ଶ୍ରୀଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ତିନି ଠାକୁରଙ୍କ ତିନି ରଥ ଯଥା ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥ ପ୍ରତିଷ୍ଠା ଓ ସଂସ୍କାର କାର୍ଯ୍ୟ ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରକୁ ତିନି ଠାକୁରଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ମନ୍ଦିର ସେବାୟତ ଓ ରାଜପୁରୋହିତଙ୍କ ଦ୍ୱାରା ସେନାପଟା ଓ ପାରମ୍ପରିକ ପୂଜାର୍ଚ୍ଚନା ନୀତି ଅନୁଷ୍ଠିତ ହୋଇଥିଲା । ତା ପରେ ଗୋଟି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନଙ୍କ ପହଣ୍ଡି ହେବା ପରେ ତିନି ଠାକୁରଙ୍କୁ ରଥ ଉପରକୁ ପହଣ୍ଡି ବିଜେ ହୋଇଥିଲା । ଏହି ଅବସରରେ ତିନି ଠାକୁରଙ୍କ ରଥ ଉପରେ ଛେରା-ପହଁରା କାର୍ଯ୍ୟକ୍ରମ ପାଇଁ ରାଜ ପ୍ରାସାଦରୁ ସୁଶ୍ରୀ କଲ୍ୟାଣୀ ଗଜପତି ନାରାୟଣ ଦେବ ଆସି ତିନି ରଥ ଉପରେ କଲ୍ୟାଣୀ ଗଜପତି ନାରାୟଣ ଦେବ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିବା ସହ ପ୍ରଭୁ ଜଗନ୍ନାଥଙ୍କ ଦକ୍ଷିଣ ଆଳତି କାର୍ଯ୍ୟ ସମ୍ପନ୍ନ କରିଥିଲେ । ପାଗ ଅନୁକୂଳ ଥିବା ଯୋଗୁଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ହୁଳହୁଳି , ଘଣ୍ଟ ଓ ଶଙ୍ଖନାଦ, ହରିବୋଲ ଓ ସଂକୀର୍ତ୍ତନ ପ୍ରଭୃତି ଧ୍ୱନିରେ ସମଗ୍ର ବଡଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା । ଠାକୁରଙ୍କ ପହଣ୍ଡି ବେଳେ ରଥ ସମ୍ମୁଖରେ ଆକର୍ଷଣୀୟ ଓଡିଶୀ ନୃତ୍ୟ ଓ ମାହାରୀ ନୃତ୍ୟ ସ୍ଥାନୀୟ କଳାକାରମାନେ ପରିବେଷଣ କରିଥିଲେ । ଅପରାହ୍ନରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ରଥଯାତ୍ରା ଦେଖିବା ପାଇଁ ପାରଳା ସହର ସମେତ ପୁରପଲ୍ଲୀ ଓ ପଡୋଶୀ ଆନ୍ଧ୍ରର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ମା ସୁଭଦ୍ରାଙ୍କ ରଥକୁ ମହିଳାମାନେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହ ଟାଣିଥିଲେ । ଏଥିରେ ହଜାର ହଜାର ସଂଖ୍ୟାରେ ମହିଳା ଓ ଯୁବତୀମାନେ ସାମିଲ ଥିଲେ । ସେହିଭଳି ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଶ୍ରଦ୍ଧାଳୁ ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣି ନେଇଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଅଧିକାରୀ ଓ ପୋଲିସ ବାହିନୀ ମୁତୟନ ଥିଲେ ।

## ଯୌତୁକ ନିର୍ଯାତନା ନେଇ ନବ ବିବାହିତାଙ୍କୁ ହତ୍ୟା ଅଭିଯୋଗ, ଥାନାରେ ମାମଲା

ରାୟଗଡା,(ନିପ୍ର): ଯୌତୁକ ଜୁଇରେ ଜଳିଗଲେ ଜଣେ ନବ ବିବାହିତା ୨୬ ବର୍ଷୀୟା ଝରଣା ସାହୁ । ଏନେଇ ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ସିନ୍ଧେକେଲା ଥାନା ସ୍ଥିତ ବାରକାନି ଗ୍ରାମ ବାସିନ୍ଦା ଝିଅର ମା ବୟନ୍ତୀ ସାହୁ ମୁନିଗୁଡା ଥାନାରେ ଝିଅର ସ୍ୱାମୀ ଦେବରାଜ ସାହୁ ଓ ତାଙ୍କ ମା, ଓ ଭଉଣୀଙ୍କ ନାମରେ ଏକ ମାମଲା ରୁଜୁ କରି ସେଥିରେ ଦର୍ଶାଇଛନ୍ତି ଯେ ଶାଶୁଘର ଲୋକେ ଯୌତୁକ ପାଇଁ ତାଙ୍କ ଝିଅକୁ ଅତ୍ୟଧିକ ଭାବେ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇ ଆସୁଥିଲେ । ମାନସିକ ଯନ୍ତ୍ରଣା ଅସହ୍ୟ ହେବାରୁ ବିଷପାନ କରି ଆତ୍ମହତ୍ୟା କରିଛି ଝିଅ । ମାମଲାଟିକୁ ଅତି ଗୁରୁତର ସହ ନେଇ ମୁନିଗୁଡା ପୋଲିସ ଥାନାଧିକାରୀ କେଶବ ଚନ୍ଦ୍ର ଷଡ଼ଙ୍ଗୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ସ୍ୱାମୀ ମୁନିଗୁଡା ଇନ୍ଦିରାପାଦ ନିବାସୀ ଦେବରାଜ ସାହୁ, ଶାଶୁ ଓ ନଣନ୍ଦଙ୍କୁ ଗିରଫ କରି ୨୦୩/୨୬ ଦଫାରେ ଏକ ମାମଲା କରି, ଆତ୍ମହତ୍ୟାରୁ ହତ୍ୟା ମାମଲାରେ ରୂପାନ୍ତର କରି କୋର୍ଟଚାଲାଣ କରିଛନ୍ତି ।

## ବିଗ୍ରହଙ୍କ ନୀତିକାନ୍ତି ହୁଏ, ହୁଏନାହିଁ ଘୋଷଯାତ୍ରା

ଖଣ୍ଡପଡ଼ା,(ନି.ପ୍ର): ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବଜୀଉଙ୍କ ମନ୍ଦିରରେ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରା । ପୁରୀ ଶ୍ରୀମନ୍ଦିରର ପୂଜାନୀତି ସହ ସାମଞ୍ଜସ୍ୟ ରଖୁଥିବା କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରରେ ୧୨ ମାସରେ ୧୩ ପର୍ବ ଯାନିଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ପ୍ରତିବର୍ଷ ଆଷାଢ଼ ମାସରେ ବିଗ୍ରହମାନଙ୍କର ଦେବସ୍ନାନ ପୂର୍ଣ୍ଣିମା, ଅନବସର ନୀତି, ନବଯୌବନ ଦର୍ଶନ ଓ ସୁନାବେଶ ପରି ସମସ୍ତ ମାଙ୍ଗଳିକ କାର୍ଯ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀନୀଳମାଧବଜୀଉଙ୍କ ପୀଠରେ ଅନୁଷ୍ଠିତ ହୋଇଥାଏ ।ମାତ୍ର ଭିନ୍ନ ଏକ ପରମ୍ପରା ସ୍ୱରୂପ କଣ୍ଟିଲୋରେ ବିଗ୍ରହଙ୍କ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇନଥାଏ । ପ୍ରତିବର୍ଷ ବିଗ୍ରହମାନଙ୍କ ସ୍ନାନ ନୀତି ସମ୍ପନ୍ନ ପରେ ବିଗ୍ରହମାନଙ୍କୁ ଅଣସର ଘରେ ରଖାଯାଇ ଏଠାରେ ପଟିଦିଅଁ ପୂଜା କରିବାର ପରମ୍ପରା ମଧ୍ୟ ପ୍ରଚଳିତ ହୋଇ ଆସୁଛି । ପ୍ରକାଶଥାଉକି ରାଜ୍ୟର ବିଭିନ୍ନ ସ୍ଥାନ ସମେତ ଦେଶ ଓ ବିଦେଶରେ ରହୁଥିବା ଜଗନ୍ନାଥପ୍ରେମୀ ଓଡିଆ ଭକ୍ତମାନଙ୍କ ଦ୍ୱାରା ଶ୍ରୀଜୀଉଙ୍କ ପବିତ୍ର ଘୋଷଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବେଳେ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଠାରେ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହେଉ ନ ଥିବାରୁ ଜଗନ୍ନାଥପ୍ରେମୀ ଭକ୍ତ ଓ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି । ଖଣ୍ଡପଡ଼ା ଦେବୋତ୍ତର ବିଭାଗ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ପ୍ରଭୁ ଶ୍ରୀ ନୀଳମାଧବଜୀଉ ଅମାପ ସ୍ଥାବର, ଅସ୍ଥାବର ସମ୍ପତ୍ତିର ଅଧିକାରୀ ଅଟନ୍ତି । ପୁନଶ୍ଚ ବିଭିନ୍ନ ସୂତ୍ରରୁ ପ୍ରତିବର୍ଷ ମନ୍ଦିର କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ଆଦାୟ କରିଥାନ୍ତି ।ଖଣ୍ଡପଡ଼ା,କଣ୍ଟିଲୋ ଅଞ୍ଚଳବାସୀ ଓ ଜଗନ୍ନାଥପ୍ରେମୀ ଭକ୍ତମାନଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଶ୍ରୀନୀଳମାଧବଜୀଉଙ୍କ ପୀଠ କଣ୍ଟିଲୋ ଠାରେ ପ୍ରଭୁଙ୍କର ଘୋଷଯାତ୍ରାର ଶୁଭାରମ୍ଭ ନିମନ୍ତେ ନୟାଗଡ଼ ଜିଲା ପ୍ରଶାସନ, ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷ, ଶ୍ରୀନୀଳମାଧବ ମନ୍ଦିର ପରିଚାଳନା କମିଟି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଉଦ୍‌ଘାଟିତ

ଭଦ୍ରକ,(ନିପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଉଦ୍‌ଘାଟନୋତ୍ସବ ଅଧ୍ୟକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ମହାବିଦ୍ୟାଳୟର 'ଶକ୍ତିଶ୍ରୀ' ଆନୁକୂଲ୍ୟରେ ତା





୧୭.୭.୨୬ରିଖ ଠାରୁ ତା ୨୩.୭.୨୬ରିଖ ପର୍ଯ୍ୟନ୍ତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟ ଚାଲିବ ବୋଲି ସଂଯୋଜିକା ପ୍ରଭାତୀ ନାୟକ ସ୍ୱାଗତ ଭାଷଣରେ ମତବ୍ୟକ୍ତ କରିଥିବା ବେଳେ ସମାଜସେବୀ ବସୁମିତା ସାହୁ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ, ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଓ ତାଲିମପ୍ରାପ୍ତ ପ୍ରଶିକ୍ଷିକା ମନୋରମା ରାଉତ ପ୍ରମୁଖ ଯୋଗଦାନ କରି ନାରୀ ଆତ୍ମସୁରକ୍ଷା, ନାରୀ ଆତ୍ମନିର୍ଭରତା ଓ ନାରୀ ସଶକ୍ତିକରଣ ଉପରେ ଅତିଥିମାନେ ଭିନ୍ନ ଭିନ୍ନ ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ଅଧ୍ୟକ୍ଷ ଡ଼ଃ ମିଶ୍ର ଛାତ୍ରୀମାନେ ନିଜେ ନିଜକୁ ସୁରକ୍ଷିତ କରିପାରିଲେ ସମାଜକୁ ନୂତନ ରୂପ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

# ଭକ୍ତ - ଭଗବାନଙ୍କ ମହାମିଳନ



**କାକଟପୁର:** ଆଜି ପବିତ୍ର ରଥଯାତ୍ରା ଏହି ଅବସରରେ କାକଟପୁର ମା ମଙ୍ଗଳାଙ୍କ ନିକଟରେ ସେବାୟତଙ୍କ ଦ୍ୱାରା ଏକ ରଥ ପ୍ରସ୍ତୁତ କରି କୁନି କୁନି ସେବାୟତମାନେ ଏହି ରଥକୁ ପୂଜାର୍ଚ୍ଚନା ପରେ ଆନନ୍ଦ ଉଲ୍ଲାସର ସହିତ ସମସ୍ତେ ରଥକୁ ଭିଡି ବଜାର ପରିକ୍ରମା କରାଇଥିଲେ । ସେହିପରି କାକଟପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପ୍ରାଚୀ ଶ୍ରୀକ୍ଷେତ୍ର ଆନନ୍ଦବଜାର ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ଘୋଷଯାତ୍ରା ଅତ୍ୟନ୍ତ ଆଧ୍ୟାତ୍ମିକ ଉଦ୍ଦୀପନା ଓ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ରଥଯାତ୍ରାକୁ ନେଇ ସମଗ୍ର ଅଞ୍ଚଳରେ ଏକ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା । ରଥଯାତ୍ରା ଅବସରରେ ଭୋର ସମୟରୁ ମନ୍ଦିରରେ ମହାପ୍ରଭୁଙ୍କ ଦ୍ୱାରପାଳ ପୂଜା, ମଙ୍ଗଳ ଆଳତି, ଅବକାଶ ଓ ସୂର୍ଯ୍ୟପୂଜା ଆଦି ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯାଇଥିଲା । ଏହାପରେ ଶଙ୍ଖ, ଘଣ୍ଟୁଆ ଓ ହରିବୋଲ ଧ୍ୱନିରେ କମ୍ପିଉଠିଥିଲା ଗଗନ ପବନ । ଶ୍ରଦ୍ଧାଳୁଙ୍କ ଗହଣରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମନୋରମ 'ପହଣ୍ଡି ବିଜେ' ଅନୁଷ୍ଠିତ ହୋଇଥିଲା । ସେବାୟତମାନେ ମହାପ୍ରଭୁଙ୍କୁ ଧୀରେ ଧୀରେ ସୁସଜ୍ଜିତ ରଥ ଉପରକୁ ବିଜେ କରାଇଥିଲେ ।ରଥ ଉପରେ ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ଆନନ୍ଦବଜାର ଅଞ୍ଚଳରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ରୀତିନୀତି ଅନୁଯାୟୀ, ପାରମ୍ପରିକ ଛେରାପହଁରା କାର୍ଯ୍ୟ ସମ୍ପନ୍ନ ହେବା ପରେ ରଥଟଣା ଆରମ୍ଭ ହୋଇଥିଲା ।

**ଚାରିଛକ:** ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଥିବା ବେଳେ, ଏହାର ପରିପ୍ରେକ୍ଷୀରେ ଚାରିଛକର ବିଭିନ୍ନ ସ୍ଥାନରେ ମଧ ରଥଯାତ୍ରା ଅତ୍ୟନ୍ତ ଧୁମଧାମ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳନ କରାଯାଇଛି । ଅଞ୍ଚଳର ପ୍ରମୁଖ ସ୍ଥାନ ଯେପରିକି ଚାରିଛକ ନିକଟସ୍ଥ, ଜୁଣ୍ଡୁପୁରଜଗନ୍ନାଥ ମନ୍ଦିର ଏବଂ ତୁଳସୀପୁର ଗୁରୁଦେବ ପୀଠ, ତିନ୍ତୁଳିଗୁଆ, ଚକୋରଡ଼ା ଆଦି ସ୍ଥାନରେ ଶ୍ରଦ୍ଧାଳୁମାନଙ୍କ ଗହଣରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହା ସହିତ ପ୍ରତି ପଞ୍ଚାୟତର ବିଭିନ୍ନ ଗ୍ରାମ ମାନଙ୍କରେ କୁନି କୁନି ପିଲାମାନେ ନିଜ ହାତରେ ଛୋଟ ଛୋଟ ରଥ ନିର୍ମାଣ କରି ଗାଁ ଦାଣ୍ଡରେ ଟାଣୁଥିବାର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା । ରଥଟଣା ସମୟରେ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ବିଭିନ୍ନ ବାଦ୍ୟଯନ୍ତ୍ରର ତାଳେ ତାଳେ ନାମ ସଂକୀର୍ତ୍ତନ, ଘଣ୍ଟ, ପଖୋଜ, ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା । ଶ୍ରଦ୍ଧାଳୁଙ୍କ 'ଜୟ ଜଗନ୍ନାଥ' ଧ୍ୱନିରେ ସାରା ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।



**କାଶୀନଗର :** କାଶୀନଗର ଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ତରଫରୁ ଶ୍ରୀଜୀଉଙ୍କ ଘୋଷଯାତ୍ରା ମହା ଆଡମ୍ବରରେ ବିଧି ବଦ୍ଧ ଭାବେ ପାଳିତ ହୋଇଯାଇଛି । ପାଗ ଅନୁକୂଳ ରହିଥିବାରୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଆସି ରଥ ଯାତ୍ରାରେ ଯୋଗ ଦେଇଥିଲେ । ଏହି ପରିପେକ୍ଷିରେ ମନ୍ଦିର ମହନ୍ତ ମହାରାଜ ଶ୍ରୀ ପଦ୍ମଲୋଚନ ଦାସ ଜୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ସକାଳ ଧୂପ ମଙ୍ଗଳ ଆଳତି ଅବକାଶ ସହ ଖେଚୁଡ଼ି ଭୋଗ ପରଷା ଯାଇଥିଲା । ପରେ ପରେ ପୂଜକ ମାନେ ଠାକୁରମାନଙ୍କୁ ପୁଷ୍ପମାଲ୍ୟ ଓ ଟହ୍ୟରେ ସୁସଜିତ କରି ରଥ ପ୍ରତିଷ୍ଠା ପରେ ଅପରାହ୍ନରେ ମଙ୍ଗଳା ରୋପଣ ସାରିଥିଲେ । ଅପରାହ୍ନ ସମୟ ୪ ଘଟିକାରେ ସେବାୟତ ମାନେ ଗୋଟି ପହଣ୍ଡିରେ ତିନି ଠାକୁରଙ୍କୁ ରଥାରୁଢ଼ କରିଥିଲେ । ରଥ ଉପରେ ତିନି ଠାକୁର ଭକ୍ତଙ୍କୁ ଦର୍ଶନ ଦେବା ପରେ ରଥ ଟଣା ସମ୍ପନ୍ନ କରାଯାଇଥିଲା ।

**ବୁଗୁଡା::** ଚଳିତ ବର୍ଷ ବୁଗୁଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ପବିତ୍ର ଗୁଣ୍ଡିଚା ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଆଜି ଅପରାହ୍ନରେ ପୁରୋହିତଙ୍କ ଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ ସଂପାଦନ ହୋଇଥିଲା । ଏହା ପରେ ମନ୍ଦିର ପୂଜକମାନେ ବାଦ୍ୟବାଜଣା ସହ ମହନ୍ତ ଭକ୍ତରାମ ଦାସଙ୍କୁ ଆମନ୍ତ୍ରଣ ପୂର୍ବକ ବରଣ କରିଥିଲେ । ତାହା ପରେ ବଳଦେବ, ସୁଭଦ୍ରା, ଜଗନ୍ନାଥ ତିନି ଠାକୁରଙ୍କର ଆଳତି କରାଯାଇ ପହଣ୍ଡି ବିଜେ ମାଧ୍ୟମରେ ସେମାନଙ୍କୁ ରଥାରୁଢ କରାଯାଇଥିଲା । ରଥ ଉପରେ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ଓ ଆଳତି କରାଯିବା ସହ ମହନ୍ତଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହା ପରେ ଭକ୍ତମାନେ ଉତ୍ସାହର ସହ ହରିବୋଲ ହୁଳହୁଳି ପକାଇ ଠାକୁରଙ୍କ ରଥକୁ ଟାଣି ନେଇ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚାଇ ଥିଲେ । ମନ୍ଦିର ପରିଚାଳନା କମିଟିର ସଂପାଦକ ଶରତ ଚନ୍ଦ୍ର ମହାରଣାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟବୃନ୍ଦ, ମନ୍ଦିରର ପୂଜକ ଗୋଷ୍ଠୀ ଏବଂ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ ରଥଯାତ୍ରା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ ହୋଇଥିଲେ ।

**ଭାପୁର,:** ବିଶ୍ୱ ନିୟନ୍ତା ପ୍ରଭୁ ଶ୍ରୀ କାଳିଆ ସାଆନ୍ତଙ୍କ ସହିତ ଭାଇ ଓ ଭଉଣୀଙ୍କର ରଥାରୁଢ଼ ହୋଇ ମାଉସୀ ଘରକୁ ଆଗମନ କରିଛନ୍ତି । ଏହି ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଭାପୁର ବ୍ଲକର ତିନି ଗୋଟି ସ୍ଥାନରେ ପ୍ରତିକୂଳ ପାଗ ସତ୍ତ୍ୱେ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଭାପୁର ସଦର ମହକୁମାରେ ଅନୁଷ୍ଠିତ ରଥଯାତ୍ରାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ



ପୂଜାପାଠ ସମାପ୍ତ ହେଲା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇ ଶାନ୍ତିଶୃଙ୍ଖଳାର ସହ ମାଉସୀମା ମନ୍ଦିର ପ୍ରାଙ୍ଗଣରେ ଲାଗିଥିଲା । ରଥଟଣା ସମୟରେ ଅଗ୍ନିଶମ ବିଭାଗ,ସ୍ୱାସ୍ଥ୍ୟ ବିଭାଗ,ପାନୀୟ ଜଳ ବିଭାଗ, ବିଦ୍ୟୁତ ବିଭାଗ, ଆରକ୍ଷୀ ବିଭାଗ ଆଦି କର୍ମଚାରୀମାନେ ଭାପୁର ତହସିଲଦାର ଙ୍କ ପରିଚାଳନାରେ ନିରନ୍ତର ସେବା ଯୋଗେଇ ଥିଲେ । ଭାପୁରରେ ଜିତେନ୍ଦ୍ର କୁମାର ସାହୁ ସାରଥୀ ରୂପେ କାର୍ଯ୍ୟ ତୁଲେଇ ଥିବାବେଳେ ସାଧୁ ଚରଣ ସିଂ ଛେରାପହଁରା କାର୍ଯ୍ୟ କରିଥିଲେ ।



**ଆସିକା :** ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ସୁନାମ୍ବ ସାହି ବଡଦାଣ୍ଡରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜୀଉମାନଙ୍କ ନୀତିକାନ୍ତି ଭୋର ୪ ଟା ବେଳେ ମୁଖ୍ୟ ପୂଜକ ଉପେନ୍ଦ୍ର ଦାଶ ଦ୍ୱାରା ଆରମ୍ଭ ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ ଟାରେ ମହାପ୍ରଭୁଙ୍କ ରଥଯାତ୍ରା କାଳୀନ ଖେଚୁଡ଼ି ଭୋଗ ଲାଗିବା ପରେ ମଇଲମ ଓ ସେନାପଟଲାଗି, ଟାହିଆଲାଗି ହୋଇଥିଲା ଓ ମନ୍ଦିରର ପାଟ ପୁରୋହିତ ପଣ୍ଡିତ ରତ୍ନାକର ଦାଶ ରଥ ପ୍ରତିଷ୍ଠା କରିବା ବା ପରେ ବୈଦିକ ରୀତିରେ ମଙ୍ଗଳାର୍ପଣ କରିବା ପରେ ଅପରାହ୍ନ ପ୍ରାୟ ୪ ଟାରେ ଠାକୁରମାନଙ୍କୁ ଗୋଟି ପହଣ୍ଡିରେ ରଥ ପର୍ଯ୍ୟନ୍ତ ପହଣ୍ଡି ବିଜେ କରାଯାଇଥିଲା । ପ୍ରଥମେ ଶ୍ରୀ ସୁଦର୍ଶନ ଓ ପରେ ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଇଥିଲା । ମନ୍ଦିର ସେବାଧିପତି ଉପେନ୍ଦ୍ର ଦାଶ ରଥରେ ଛେରାପହଁରା କରିଥିଲେ । ସାରଥୀ ଉପବେଶନ, ଅଶ୍ୱଯୋଚା ଓ ବଉଡ଼ି ବନ୍ଧନ ପ୍ରକିୟା ପରେ ଅପରାହ୍ନ ପ୍ରାୟ ସାଢେ ୪ଟାରେ ବିଧାୟକ ସରୋଜ କୁମାର ପାଢ଼ୀଙ୍କ ପୁଅ ସଂଗୀତ କୁମାର ପାଢ଼ୀ, ଆସିକା ମୁନ୍ସିପାଲଟି ଅଧକ୍ଷା ବିନେତା ସ୍ୱାଇଁ, ଉପାଧାକ୍ଷା ଜୟନ୍ତୀ ବିଷୋୟୀ , ତହସିଲଦାର ସଂଗୀତା ସେଣ, ଅତିରିକ୍ତ ତହସିଲଦାର ଅମରେଶ ସାବତ ମନ୍ଦିର ଟ୍ରଷ୍ଟି ନାରାୟଣ ମୁନିଙ୍କ ଦ୍ୱାରା ରଥ ଟଣାର ଶୁଭାରମ୍ଭ କରାଯାଇଥିଲା ।



**ଖଣ୍ଡପଡ଼ା :** ଖଣ୍ଡପଡ଼ା ଅଞ୍ଚଳରେ ଶ୍ରୀଜୀଉଙ୍କ ପବିତ୍ର ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରରେ ବିଗ୍ରହମାନଙ୍କ ନୀତିକାନ୍ତି ଶେଷ ପରେ ଖଣ୍ଡପଡ଼ା ସହରରେ ଶ୍ରୀଜଗନ୍ନାଥଜୀଉ ଓ ପ୍ରଭୁ ପତିତପାବନଙ୍କୁ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା । ପରେ ପାରମ୍ପରିକ ପ୍ରଥାନୁଯାୟୀ ରଥ ଚାରିପାଖରେ ଛେରାପହଁରା କାର୍ଯ୍ୟ ଶେଷ ହୋଇଥିଲା । ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ୨ ଟି ଯାକ ରଥ ଚାରିପାଖରେ ଛେରାପହଁରା କାର୍ଯ୍ୟ ଶେଷ କରିଥିଲେ । ଛେରା ପହଁରା କାର୍ଯ୍ୟ ଶେଷ ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ସଂଜ୍ଞ ନଇଁବା ପୂର୍ବରୁ ଶ୍ରୀଜଗନ୍ନାଥଜୀଉଙ୍କ ରଥ ଗୁଣ୍ଡିଚା ମଣ୍ଡପ ନିକଟରେ ପହଞ୍ଚିଥିଲା ।

ତିଥି :(ଚତୁର୍ଥୀ/ପଞ୍ଚମୀ): (ପୂର୍ବାଫାଃ ସିଂହ)
ଅମୃତ ବେଳା: ଦିବା ଘ ୯।୨୦ ଗତେ ଘ ୧୨।୩୨ ମଧ୍ୟେ

## ଆଜିର ଅନୁଚିନ୍ତନ

ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଦ୍ଧି, ନିର୍ବୈରଭାବ ଏବଂ ସମ୍ମାନ ନ ଚାହିଁବା, ହେ ଭରତବଂଶଜ ଅର୍ଜୁନ ! ଏସବୁ ଦୈବୀସମ୍ପଦପ୍ରାପ୍ତ ମନୁଷ୍ୟଙ୍କର ଲକ୍ଷଣ ଅଟେ ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଉପୁଜିପାରେ 'ମେଧା ସଂକଟ'

ଆମ ଦେଶର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ସର୍ବଦା ମର୍ଯ୍ୟାଦାଜନକ। ଏଥିରେ କାର୍ଯ୍ୟରତ ବୈଜ୍ଞାନିକମାନେ ଦେଶର ଗୌରବ ଅଧିକାରୀ। ନିକଟରେ ଶତାଧିକ ବୈଜ୍ଞାନିକ ଓ ବୈଷୟିକ ବିଶେଷଜ୍ଞ ଇସ୍ତଫା ଦେଇଛନ୍ତି, ଯେଉଁମାନେ କି ମହାକାଶ ଯାତ୍ରା କାର୍ଯ୍ୟକ୍ରମ ଗଗନଯାନ ଓ ଅନ୍ୟାନ୍ୟ ରଣନୈତିକ ଆଧାରିତ ମିଶନ ସହିତ ସଂପୃକ୍ତ ଥିଲେ। ଅବଶ୍ୟ ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ମହାକାଶ ବିଭାଗଙ୍କ ପାଇଁ ଉଦ୍ଦିଷ୍ଟ। ଏ ଦୃଷ୍ଟିରୁ ଉକ୍ତ ବିଭାଗକୁ ଇସ୍ତଫାଗୁଡ଼ିକ ପଠାଯାଇଛି। କିନ୍ତୁ ଯାହା ଆଲୋଚିତ ହେଉଛି ଇସ୍ତଫାଗୁଡ଼ିକ ଗ୍ରହଣ ନ କରିବା ଲାଗି କୁଆଡ଼େ ନିର୍ଦ୍ଦେଶନାମା ଜାରି ହୋଇଛି। ପୂର୍ବରୁ ମଧ୍ୟ ଏହି ସଂସ୍ଥାରୁ କିଛି ବୈଜ୍ଞାନିକ ଇସ୍ତଫା ଦେଇ ସାରିଛନ୍ତି। ଏହି ସଂସ୍ଥାର ୧୪ହଜାର ୬ଶହରୁ ଅଧିକ ମାନବସମ୍ବଳ ମଧ୍ୟରେ ଏହା ଅବଶ୍ୟ କ୍ଷୁଦ୍ର ଅଂଶ। କିନ୍ତୁ ଯେଉଁମାନେ ସଂସ୍ଥା ଛାଡ଼ିଛନ୍ତି ବା ଛାଡ଼ିବାକୁ ଯାଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଚନ୍ଦ୍ରଯାନ - ୩, ସ୍ୱାଡେସ ଓ ଗଗନ ଯାନ ଭଳି ମିଶନ ସହିତ ଦୀର୍ଘ ବର୍ଷ କାମ କରିଛନ୍ତି। ଏନେଇ ସ୍ୱତନ୍ତ୍ର ଅଭିଜ୍ଞତା ମଧ୍ୟ ଅର୍ଜନ କରିସାରିଛନ୍ତି। ଏହି ଅଭିଜ୍ଞମାନଙ୍କ ଅଭିଜ୍ଞତାକୁ ପରିପୂରଣ ପାଇଁ ନୂଆ ସ୍ନାତକମାନଙ୍କୁ ଯଦି ନିୟୋଜନ କରାଯାଏ ତେବେ ତାହା ବିକଳ୍ପ ସାଜିପାରିବନାହିଁ, ଏହା ନିଶ୍ଚିତ।

ପ୍ରଶ୍ନ ଉଠୁଛି କାହିଁକି ଏତେ ସଂଖ୍ୟକ ବୈଜ୍ଞାନିକ ଇସ୍ତଫା ଦେବାକୁ ଆଗ୍ରହୀ ବା ଯେଉଁମାନେ କାର୍ଯ୍ୟ ଛାଡୁଛନ୍ତି ତାହା ପଛରେ କି କାରଣ ରହିଛି ? ତାହାର ତନାଘନା କରାଯିବା ଆବଶ୍ୟକ। ନୋହିଲେ ଏ ସମସ୍ୟା ଆଗକୁ ନିଶ୍ଚୟ ବଢ଼ିବ। ଯାହା ମନେ ହେଉଛି ଗବେଷଣା କ୍ଷେତ୍ରରେ ବୈଜ୍ଞାନିକମାନେ କରୁଥିବା ପରିଶ୍ରମ ତୁଳନାରେ ଆର୍ଥିକ ସମ୍ବଳ ଉଚିତ ଭାବରେ ପାଉନାହାନ୍ତି। ହୁଏତ କାର୍ଯ୍ୟଚାପ ଅଧିକ ରହୁଛି। ତେବେ ଯାହା ଚର୍ଚ୍ଚା ହେଉଛି ଇସ୍ରୋରେ କାର୍ଯ୍ୟରତ ବୈଜ୍ଞାନିକ ଓ ଅନ୍ୟ ମାନବସମ୍ବଳଙ୍କ କାର୍ଯ୍ୟ ସମ୍ବଳ ଢାଞ୍ଚା ଅନ୍ତର୍ଜାତୀୟ ସଂସ୍ଥା ଯେପରିକି ନାସା ଓ ଇଉରୋପୀୟ ସ୍ପେସ୍ ଏଜେନ୍ସି ତୁଲ୍ୟ କରାଯିବା ଆବଶ୍ୟକ। କିଛି ବିଶେଷଜ୍ଞ ଚର୍ଚ୍ଚା କରୁଛନ୍ତି ୨୦୨୦ରେ ମହାକାଶ ଉଦ୍ୟୋଗରେ ସହଭାଗିତା ଲାଗି ମୁକ୍ତ କରାଯାଇଛି। ପରିଣାମରେ ସ୍କାଏରୁଟ୍, ଏରୋସ୍ପେସ୍, ଅଗ୍ନିକୂଳ କସ୍‌ମସ୍ ଭଳି ବହୁ ଷ୍ଟାର୍ଟଅପ୍ ମୁଣ୍ଡ ଟେକି ଉଠିଲେଣି। କିଛି ବର୍ଷ ହେବ ନାନା ରକେଟ ହେଉ କିମ୍ବା ସାଟେଲାଇଟ, ପ୍ରପଲସନ୍ ସିଷ୍ଟମ ପ୍ରଭୃତି ବିକଶିତ କରିବାରେ ବହୁ କଂପାନୀ ଅଗ୍ରଣୀ ଅଛନ୍ତି। ତାହାଛଡ଼ା ଘରୋଇ କଂପାନୀ ଅଧିକ ଦରମା, କାର୍ଯ୍ୟ ସୁଯୋଗ, ଅନୁକୂଳ କାର୍ଯ୍ୟ ପରିବେଶ, ନମନୀୟତା, ଚିନ୍ତାଧାରା ପ୍ରଭୃତିକୁ କାର୍ଯ୍ୟକାରୀ କରିବାରେ ବେଗଗାମିତା ପ୍ରଭୃତିର ସୁଯୋଗ ସୃଷ୍ଟି କରିଆସୁଛନ୍ତି। ଅପରପକ୍ଷେ ସରକାରୀ ଭାବରେ ୨ଟି ପିଏସ୍‌ଏଲ୍‌ଭି ଅଭିଯାନର ବିଫଳତା ହେଉ କିମ୍ବା ଗଗନଯାନ ଜି-୧ ଭଳି ମିଶନ କାର୍ଯ୍ୟକାରୀ କରିବାରେ ବିଳମ୍ବ ହୁଏତ ବରିଷ୍ଠ ବୈଜ୍ଞାନିକମାନଙ୍କୁ ନିରାଶାର ଗହ୍ୱର ଭିତରକୁ ଠେଲି ଦେଇଥାଇପାରେ। ଅତଏବ ଏସବୁ ଦିଗକୁ ବିଶ୍ଳେଷଣପୂର୍ବକ କେନ୍ଦ୍ର ସରକାରଙ୍କ ପକ୍ଷେ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ। ନଚେତ୍ ପରିଣାମରେ ଆଗକୁ ମେଧା ସଂକଟ ବା ବ୍ରେନ ଡ୍ରେନ୍ ସମସ୍ୟା ଚିନ୍ତାର କାରଣ ହୋଇପାରେ।

# ଶିକ୍ଷାର ପ୍ରବେଶ ଓ ଗୁଣବତ୍ତାର ପ୍ରଶ୍ନ

## ଡକ୍ଟର ଲକ୍ଷ୍ମଣ ସାହୁ

ବିଦ୍ୟାଳୟଗୁଡ଼ିକୁ କେବଳ ଶିକ୍ଷାର କେନ୍ଦ୍ର ନୁହେଁ ବରଂ ଗଣତନ୍ତ୍ରର ସବୁଠାରୁ ସ୍ପନ୍ଦନଶୀଳ ପ୍ରବେଶ ପଥ ଭାବରେ ବିବେଚନା କରାଯାଏ । ଗତ ଚାରି ଦଶନ୍ଧି ଧରି ଦେଶ ବିଦ୍ୟାଳୟ ଶିକ୍ଷାକୁ ବିସ୍ତାର କରିବାରେ ଏକ ଲମ୍ବା ଯାତ୍ରା କରିଛି । ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ପହଞ୍ଚିଛି, ନାମଲେଖା ବୃଦ୍ଧି ପାଇଛି, ବାଳିକା ଶିକ୍ଷାରେ ଉନ୍ନତି ହୋଇଛି । ବିଦ୍ୟୁତ, ଶୌଚାଳୟ, କମ୍ପ୍ୟୁଟର ତଥା ସ୍ମାର୍ଟ ଶ୍ରେଣୀଗୃହ ଭଳି ସୁବିଧା ବିସ୍ତାର ହୋଇଛି । ଏପରିକି ସ୍କୁଲରେ ମଧ୍ୟାହ୍ନ ଭୋଜନ, ମାଗଣା ପାଠ୍ୟପୁସ୍ତକ, ଛାତ୍ରବୃତ୍ତି, ସ୍କୁଲ ପରିବହନ, ଡିଜିଟାଲ୍ ସମ୍ବଳ ଓ ସାମଗ୍ରିକ ଶିକ୍ଷା ଭଳି ଯୋଜନା ଶିକ୍ଷାର ପ୍ରସାରକୁ ତ୍ୱରାନ୍ୱିତ କରିଛି । ତଥାପି ଏହି ସମଗ୍ର ପ୍ରୟାସରେ ଏକ ଗମ୍ଭୀର ବ୍ୟବଧାନ ରହିଛି । ଯାହା ହେଉଛି ଶିକ୍ଷାର ଗୁଣବତ୍ତା । ଏହି ପରିପ୍ରେକ୍ଷୀରେ, ଦେଶରେ ବର୍ତ୍ତମାନ ପ୍ରାୟ ୧.୪୭ ନିୟୁତ ସରକାରୀ ବିଦ୍ୟାଳୟ, ୨୪୦ ନିୟୁତରୁ ଅଧିକ ଛାତ୍ରଛାତ୍ରୀ ଓ ପ୍ରାୟ ୧୦ ନିୟୁତ ଶିକ୍ଷକ ଅଛନ୍ତି । ଆକାର ଦୃଷ୍ଟିରୁ ଏହା ବିଶ୍ୱର ସବୁଠାରୁ ବଡ଼ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ମଧ୍ୟରୁ ଗୋଟିଏ । ତଥାପି, ଏତେ ବିଶାଳ ବ୍ୟବସ୍ଥାର ପ୍ରକୃତ ମୂଲ୍ୟାଙ୍କନ କୋଠା, ଯୋଜନା ଓ ନାମଲେଖା ଉପରେ ନୁହେଁ, ବରଂ ପିଲାମାନେ ପ୍ରକୃତରେ ଗୁଣାତ୍ମକ ଶିକ୍ଷା ପାଉଛନ୍ତି କି ନାହିଁ ତାହା ଉପରେ ଆଧାରିତ ହେବା ଉଚିତ ।

ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଏକ ସାମ୍ପ୍ରତିକ ରିପୋର୍ଟରେ କୁହାଯାଇଛି ଯେ ଭାରତ ବିଦ୍ୟାଳୟ ପ୍ରବେଶ ପାଇଁ ଲଢ଼େଇରେ ଅନେକାଂଶରେ ବିଜୟୀ ହୋଇଛି , କିନ୍ତୁ ଗୁଣାତ୍ମକ ଶିକ୍ଷା ପାଇଁ ଲଢ଼େଇ ଅସମାପ୍ତ ରହିଛି । ରିପୋର୍ଟରେ ପ୍ରକାଶ କରାଯାଇଛି ଯେ ଆଜି ମଧ୍ୟ ଦେଶରେ ଏକ ଲକ୍ଷରୁ ଅଧିକ ସ୍କୁଲ ଅଛି ଯେଉଁଠାରେ କେବଳ ଜଣେ ଶିକ୍ଷକ ଅଛନ୍ତି । ଏହା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଦୁର୍ବଳତାର ପ୍ରତିଫଳନ । ଏହି ସ୍କୁଲ ଗୁଡ଼ିକରେ, ଜଣେ ଶିକ୍ଷକ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାନ୍ତି । ଯିଏ ମଧ୍ୟାହ୍ନ ଭୋଜନ ତଦାରଖ କରିବା, ସରକାରୀ ପୋର୍ଟାଲରେ ତଥ୍ୟ ଅପଲୋଡ୍ କରିବା ଓ ପ୍ରଶାସନିକ କାର୍ଯ୍ୟ ପାଇଁ ମଧ ଦାୟୀ । ଆମେ ପ୍ରାୟତଃ ଭୁଲିଯାଉ ଯେ ଶିକ୍ଷକମାନେ କେବଳ ପାଠ୍ୟପୁସ୍ତକ ପଢ଼ାନ୍ତି ନାହିଁ; ସେମାନେ ଏକ ଶିକ୍ଷଣ ପରିବେଶ ମଧ ସୃଷ୍ଟି କରନ୍ତି । ସେମାନେ କୌତୂହଳକୁ ପରିଚାଳିତ କରନ୍ତି, ପିଲାମାନଙ୍କ ମଧରେ ଆତ୍ମବିଶ୍ୱାସ ସୃଷ୍ଟି କରନ୍ତି । ଶ୍ରେଣୀଗୃହକୁ ଆଲୋଚନା ପାଇଁ ଏକ ସ୍ପନ୍ଦନଶୀଳ ପ୍ଲାଟଫର୍ମ କରନ୍ତି । ତଥାପି ଯେତେବେଳେ ସେହି ଶିକ୍ଷକ ପ୍ରାଥମିକ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ମଗ୍ନ ହୋଇଯାଆନ୍ତି । ଶ୍ରେଣୀଗୃହରେ ଜ୍ଞାନର ପ୍ରସାରଣ ସ୍ୱାଭାବିକ ଭାବରେ ଦୁର୍ବଳ ହୋଇଯାଏ । ଶିକ୍ଷା, ଶିକ୍ଷାଦାନ ଓ ଶିଖିବା ପରିବର୍ତ୍ତେ ପାଠ୍ୟକ୍ରମ ସମାପ୍ତ କରିବାର ଏକ ପ୍ରକ୍ରିୟା ହୋଇଯାଏ।

ନୀତି ଆୟୋଗ ରିପୋର୍ଟର ଆଉ ଏକ ଦିଗ ଛୋଟ ସ୍କୁଲ ଉପରେ ଧ୍ୟାନ ଦିଏ । ଦେଶର ପ୍ରାୟ ୩୫ ପ୍ରତିଶତ ସ୍କୁଲରେ ପଚାଶରୁ କମ୍ ଛାତ୍ରଛାତ୍ରୀ ଅଛନ୍ତି । ଏହି ସ୍କୁଲଗୁଡ଼ିକ ମଧ୍ୟରୁ ହଜାର ହଜାର ଦଶରୁ କମ୍ ଛାତ୍ରଛାତ୍ରୀ ଅଛନ୍ତି । ପ୍ରଥମ ନଜରରେ ଏହା ଦୂରଦୂରାନ୍ତ ଅଞ୍ଚଳରେ ଶିକ୍ଷା ପହଞ୍ଚାଇବାର ପ୍ରମାଣ ପରି ମନେହୁଏ । କିନ୍ତୁ ଏତେ ଛୋଟ ଓ ବିଚ୍ଛିନ୍ନପ୍ରାୟ ସ୍କୁଲରେ ଗୁଣାତ୍ମକ ଶିକ୍ଷା କିପରି ସମ୍ଭବ ତାହା ପ୍ରଶ୍ନ ଉଠିବା ସ୍ୱାଭାବିକ । ବହୁସ୍ତରୀୟ ଶ୍ରେଣୀଗୃହ, ସୀମିତ ସମ୍ବଳ, ବେଳେବେଳେ ଶିକ୍ଷକ ଅନୁପସ୍ଥିତି ଓ ବିଷୟ ବିଶେଷଜ୍ଞଙ୍କ ଅଭାବ ଶିକ୍ଷାକୁ କେବଳ ଉପସ୍ଥାନରେ ସୀମିତ କରିଦିଏ । ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ଏହି ଚ୍ୟାଲେଞ୍ଜ ଆହୁରି ତୀବ୍ର ହୋଇଯାଏ । ଯେଉଁଠାରେ ଅନେକ ସ୍କୁଲରେ ସ୍କୁଲ କୋଠା ଅଛି କିନ୍ତୁ କୌଣସି ପ୍ରୟୋଗଶାଳା ନାହିଁ । କମ୍ପ୍ୟୁଟର ଉପଲବ୍ଧ ଅଛି, କିନ୍ତୁ ଇଣ୍ଟରନେଟ୍ ନାହିଁ, ପାଠାଗାର ନାହିଁ କି ନିୟମିତ ପାଠ୍ୟକ୍ରମର ରୀତିନୀତି ସଂସ୍କୃତି ନାହିଁ । ଏପରିକି ଶିକ୍ଷାଗତ ଭିତ୍ତିଭୂମି ଅଛି କିନ୍ତୁ ଏହା ମଧ୍ୟରେ କୌଣସି ସ୍କୁଲ ନାହିଁ ।ଶିଖିବାର ମନୋବଳ ଏବେ ବି ଦୁର୍ବଳ ଦେଖାଯାଉଛି।

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଦେଶର ସ୍କୁଲ ଶିକ୍ଷା ବ୍ୟବସ୍ଥା ଉପରେ ବିଭିନ୍ନ ରିପୋର୍ଟ ସୂଚାଇ ଦେଇଛି । ଶିକ୍ଷାର ଗୁଣବତ୍ତା ଏକ ଚିନ୍ତାର ବିଷୟ ହୋଇ ରହିଛି । ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀରେ ପଢୁଥିବା ପିଲା ସହଜରେ ଦ୍ୱିତୀୟ ଶ୍ରେଣୀର ପାଠ ଶିଖିପାରିବ । ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଏକ ବଡ଼ ଭାଗ ସରଳ ଭାଗ, ପ୍ରତିଶତ କିମ୍ବା ଅନୁପାତ ଭଳି ମୌଳିକ ଗାଣିତିକ ବୁଝାମଣା ସହିତ ସଂଘର୍ଷ କରନ୍ତି।

ତେଣୁ କେବଳ ସ୍କୁଲରେ ନାମଲେଖା ବୃଦ୍ଧି କରିବା ଯଥେଷ୍ଟ ନୁହେଁ; ଶିକ୍ଷା ହେଉଛି ଶିକ୍ଷାର ପ୍ରକୃତ ମାପକାଠି । ଏହି ପରିସ୍ଥିତି ଏକ ମୌଳିକ ସଙ୍କଟକୁ ସୂଚିତ କରେ ଯାହା ଶେଷରେ ମାଧ୍ୟମିକ ଶିକ୍ଷା, ଉଚ୍ଚଶିକ୍ଷା ଓ ନିଯୁକ୍ତିକୁ ପ୍ରଭାବିତ କରେ । ଯେତେବେଳେ ମୂଳଦୁଆ ଦୁର୍ବଳ ହୁଏ, ସମଗ୍ର ଶିକ୍ଷା ବ୍ୟବସ୍ଥା ଅସ୍ଥିର ହୋଇଯାଏ । ଦୁଇ ଦଶନ୍ଧି ପୂର୍ବେ ଦେଶର ଅଧିକାଂଶ ପିଲା ସରକାରୀ ସ୍କୁଲରେ ପଢୁଥିଲେ । କିନ୍ତୁ ଆଜି ପରିସ୍ଥିତିରେ ପରିବର୍ତ୍ତନ ହେଉଛି ।

ମୋ: ୯୦୪୦ ୧୫୧୪୭୫

# ପାକିସ୍ତାନ ହାତରୁ ଖସୁଛି ପାକ୍-ଅଧିକୃତ କାଶ୍ମୀର

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

"ପାକିସ୍ତାନ ଭଲ ଭାବେ ଜାଣେ ଯେ ପିଓକେ ଆଜାଦ କାଶ୍ମୀର ନୁହେଁ। ଏହା ତାର ନୁହଁ, ଭାରତର ଏକ ଅଭିନ୍ନ ଅଙ୍ଗ। ଆଜି ନହେଲେ କାଲି କାଶ୍ମୀର ଉପରୁ ତାର ଅନଧିକାର କବ୍‌ଜା ହଟିବ। ସେଥିପାଇଁ ସେ ପିଓକେ ମାଧ୍ୟମରେ ଭାରତ ଉପରେ ଆତଙ୍କୀ ହମଲା କରୁଛି। ପିଓକେ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛି। ସାବତ ସନ୍ତାନର ବ୍ୟବହାର ପ୍ରଦର୍ଶନ କରୁଛି। ସେହି ଅଞ୍ଚଳର ପ୍ରଗତି ଚାହୁଁନାହିଁ। ମୁଜାଫରାବାଦ ରାଜିନାମା କାର୍ଯ୍ୟକାରୀ ହେଉନାହିଁ। ବରଂ ତାହାର ଖୋଲା ଉଲଂଘନ କରୁଛି ପାକିସ୍ତାନ। ଗହମ ମାଗିଲେ ଗୁଳି ମିଳୁଛି। ବିଜୁଳି ମାଗିଲେ ବାରୁଦ ମିଳୁଛି। ପିଓକେ ଅଞ୍ଚଳର ବୈଦ୍ୟୁତିକ ପ୍ଲାଣ୍ଟ ପାକିସ୍ତାନକୁ ୧୫% ବିଜୁଳି ଯୋଗାଏ।"

୧୯୪୭ ମସିହାର କଥା। ସ୍ୱାଧୀନ ଭାରତର ବିଭାଜନ ସମୟରେ ଜମ୍ମୁ ଓ କାଶ୍ମୀର ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ରହିବାର ନିଷ୍ପତ୍ତି ନେଲା। ନା ଭାରତ ନା ପାକିସ୍ତାନ ସହ ମିଶିଲା। ଜମ୍ମୁ ଓ କାଶ୍ମୀରର ତତ୍କାଳୀନ ରାଜା ଥିଲେ ହରି ସିଂ। କିନ୍ତୁ ବିଭାଜନ ପରେ ଜମ୍ମୁ ଓ କାଶ୍ମୀରକୁ ଏକ ଭିନ୍ନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା। ପାକିସ୍ତାନ ପ୍ରଶିକ୍ଷିତ ସେନା ଜମ୍ମୁ ଓ କାଶ୍ମୀର ଉପରେ ଆକ୍ରମଣ କଲେ। ରାଜା ହରି ସିଂ ତାଙ୍କ ରାଜ୍ୟକୁ ରକ୍ଷା କରିବାକୁ ଭାରତର ସହାୟତା ଲୋଡ଼ିଲେ। ତତ୍କାଳୀନ ସରକାର ଜମ୍ମୁ ଓ କାଶ୍ମୀରର ଭାରତ ସହ ବିଲୟ ହେଲେ ସହାୟତା ଦେବାକୁ ପ୍ରସ୍ତୁତ ବୋଲି ରାଜା ହରି ସିଂଙ୍କ ନିକଟରେ ସିଧାସଳଖ ପ୍ରସ୍ତାବ ରଖିଲେ। ୧୯୪୭ ଅକ୍ଟୋବର ୨୬ ତାରିଖରେ ବିଲୟ ପତ୍ର ସ୍ୱାକ୍ଷରିତ ହେଲା। ପରଦିନ ଅର୍ଥାତ୍ ଅକ୍ଟୋବର ୨୭ ତାରିଖରେ ଭାରତୀୟ ସୈନ୍ୟ ଜମ୍ମୁ ଓ କାଶ୍ମୀର ଅଭିମୁଖେ ପାକିସ୍ତାନୀ ସେନା ବିରୋଧରେ ଯୁଦ୍ଧ ପାଇଁ ଯାତ୍ରା କଲା । କାରଣ ସେତେବେଳେ ଜମ୍ମୁ ଓ କାଶ୍ମୀର ଆଇନତଃ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ରୂପେ ପରିଗଣିତ ହୋଇସାରିଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଚାଲିଲା। ଶ୍ରୀନଗର ଅଭିମୁଖେ ଅଗ୍ରସର ହେଉଥିବା ପାକିସ୍ତାନୀ ସେନାକୁ ପଛକୁ ଫେରିବାକୁ ପଡ଼ିଲା। ଜମ୍ମୁ ଓ କାଶ୍ମୀର ପାକିସ୍ତାନ କବଳରୁ ମୁକ୍ତ ହେଲା। କିନ୍ତୁ ସେତେବେଳକୁ ପାକିସ୍ତାନ ଜମ୍ମୁ ଓ କାଶ୍ମୀରର କିଛି ଅଂଶ କବ୍‌ଜା



କରିସାରିଥିଲା। ଜମ୍ମୁ ଓ କାଶ୍ମୀରର ସେହି ଅଂଶ ଅଧୁନା ପାକିସ୍ତାନ ଅଧିକୃତ ଜମ୍ମୁ ଓ କାଶ୍ମୀର ରୂପେ ପରିଚିତ। ପାକିସ୍ତାନ ଏହାକୁ ଆଜାଦ କାଶ୍ମୀର କୁହେ। ଯାହା ଏକ ଡାହା ମିଛ। ଛଳନା ଛଡ଼ା ଅନ୍ୟ କିଛି ନୁହେଁ।

ତଥାକଥିତ ଆଜାଦ କାଶ୍ମୀର ଗଠନର ମାତ୍ର ଆଠ ବର୍ଷ ପରେ ଅର୍ଥାତ୍ ୧୯୫୫ ମସିହାରେ ସେଠିକାର ଆଞ୍ଚଳିକ ବାସିନ୍ଦା ପାକିସ୍ତାନ ସରକାର ବିରୋଧରେ ବିଦ୍ରୋହ କରିବା ଆରମ୍ଭ କରିଥିଲେ। କାରଣ ତାଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ମିଳୁନଥିଲା। ସରଦାର ଇବ୍ରାହିମ ଖାନ ସେତେବେଳେ ପାକିସ୍ତାନ ଅଧିକୃତ କାଶ୍ମୀରର ଶାସକ ଥିଲେ। ପାକିସ୍ତାନ ସରକାର ତାଙ୍କୁ ପସନ୍ଦ କରୁନଥିଲା। ତେଣୁ ତାଙ୍କୁ ଗାଦିଚ୍ୟୁତ ହେବାକୁ ପଡ଼ିଥିଲା। ସୁଧନ ସମ୍ପ୍ରଦାୟର ଲୋକେ ପିଓକେ ଉପରେ କବ୍‌ଜା କରିଥିଲେ। କିନ୍ତୁ ପାକିସ୍ତାନର ଅନ୍ୟାୟ ଓ ଅତ୍ୟାଚାରରେ ଅତିଷ୍ଠ ଏହି ସମ୍ପ୍ରଦାୟ ୧୯୫୫ ମସିହାରେ ବିଦ୍ରୋହ କରିବା ଆରମ୍ଭ କରିଦେଇଥିଲା। ମୌଳିକ ଅଧିକାର ହାସଲ କରିବାକୁ ପାକିସ୍ତାନ ସରକାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇ ଥିଲା। ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଆଜି ପିଓକେରେ ୧୯୫୫ ର ସ୍ଥିତି ଉପୁଜିଛି। ଠିକ ସେମିତି ବିଦ୍ରୋହ ଓ ବିକ୍ଷୋଭ ପ୍ରଦର୍ଶିତ ହେଉଛି ଯିମିତି ସେତେବେଳେ ହୋଇଥିଲା।

ପାକିସ୍ତାନ ଅଧିକୃତ କାଶ୍ମୀରର ନିଜସ୍ୱ ସମ୍ବିଧାନ ଅଛି। ରାଷ୍ଟ୍ରପତି ଅଛନ୍ତି। ବିଧାନସଭା ଅଛି। ସର୍ବୋଚ୍ଚ ଅଦାଲତ ରହିଛନ୍ତି। କିନ୍ତୁ ସବୁକିଛି ପାକିସ୍ତାନ ନିୟନ୍ତ୍ରଣରେ। ପାକିସ୍ତାନ ନିର୍ଦ୍ଦେଶରେ ଚାଲେ। ଗତବର୍ଷ ଅକ୍ଟୋବର ୦୪ ତାରିଖରେ ପାକିସ୍ତାନ ସରକାର, ପିଓକେ ପ୍ରଶାସନ ଓ ଜଏଣ୍ଟ ଆର୍‌ଜି ଆୱାମୀ ଆକ୍ସନ କମିଟି ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଯେଉଁଥିରେ ପିଓକେରେ ରହୁଥିବା ଲୋକଙ୍କ ପାଇଁ ଶସ୍ତା ଦରରେ ବିଜୁଳି ଯୋଗାଇବା, ଖାଦ୍ୟଶସ୍ୟରେ ସବ୍‌ସିଡ଼ି ପ୍ରଦାନ, ପୀଡିତଙ୍କୁ କ୍ଷତିପୂରଣ, ଉତ୍ତମ ସଡ଼କ ଓ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରାବଧାନ ଅନ୍ତର୍ଭୁକ୍ତ ଥିଲା। ଦାବି ଅଣଦେଖା ହେବାରୁ ଜଏଣ୍ଟ ଆୱାମୀ ଆକ୍ସନ କମିଟି ବିକ୍ଷୋଭ ପ୍ରଦର୍ଶନ କରୁଛି। ସଂକଳିତ ମୌଳିକ ସୁବିଧାସୁଯୋଗ ପାଇଁ ରାୱଲକୋଟରୁ ମୁଜାଫରାବାଦ ପର୍ଯ୍ୟନ୍ତ ଶୋଭାଯାତ୍ରା କରିବାକୁ ଚାହୁଁଥିଲା। ତାକୁ ବନ୍ଦ କରେଇବାକୁ ଫିଲ୍ଡ ମାର୍ଶଲ ଅସୀମ ମୁନିର ପିଓକେରେ ପୁଞ୍ଜ ପୁଲିସ ଓ ପାକିସ୍ତାନୀ ରେଞ୍ଜରଙ୍କ ସାହାଯ୍ୟରେ ନରସଂହାର ଆରମ୍ଭ କରିଦେଲା। ଏଥିରେ ନଅ ଜଣ ଲୋକଙ୍କ ପ୍ରାଣ ଯାଇଛି। ମୁସଲିମ ରାଷ୍ଟ୍ରରେ ମୁସଲିମ ଉପରେ ଅତ୍ୟାଚାର ହେଉଥିଲେ ହେଁ ନିଜକୁ ମାନବାଧିକାରର ଚାମ୍ପିୟାନ ବୋଲାଉଥିବା ଅନ୍ତଃରାଷ୍ଟ୍ରୀୟ ସଂଗଠନ ସମ୍ପୂର୍ଣ୍ଣ ନୀରବ। ଗାଜା ଉପରେ ଇସ୍ରାଏଲ ଆକ୍ରମଣକୁ ମୁସଲିମ ଦେଶ ସବୁ ନିନ୍ଦା କରିଛନ୍ତି। ବିଭିନ୍ନ ଦେଶରେ ଥିବା ଏମ୍ବାସି ବିବୃତି ରଖିଛନ୍ତି। ସଂଯୁକ୍ତ ରାଷ୍ଟ୍ରରେ ଆଲୋଚନା ହୋଇଛି। ଯୁଦ୍ଧରେ ପୀଡ଼ିତ ଗାଜାର ସହାୟତା ପାଇଁ ପାଣ୍ଠି ସଂଗ୍ରହ ହୋଇଛି। କିନ୍ତୁ ପିଓକେ, ବେଲୁଚିସ୍ତାନ, ଆଫଗାନିସ୍ତାନର ମୁସଲମାନଙ୍କ କ୍ଷେତ୍ରେ ଅଣଦେଖା। କାହିଁକି ? ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧର ସ୍ଥାୟୀ ସମାଧାନ ପାଇଁ ମଧ୍ୟସ୍ଥି ଓ ଶାନ୍ତିଦୂତ ସାଜିଥିବା ପାକିସ୍ତାନର ପିଓକେ ଓ ବେଲୁଚିସ୍ତାନ ମୁସଲିମ ବିରୋଧୀ ଆଭିମୁଖ୍ୟ, କ୍ରୂର ଓ ବର୍ବର ଅତ୍ୟାଚାର ବିରୋଧରେ ବିଶ୍ୱ ଚୁପ କାହିଁକି ? ଦୁଇ ପ୍ରକାର ମାପଦଣ୍ଡ କାହିଁକି ତାହା ବୁଝାପଡ଼େନି।

ପାକିସ୍ତାନ ଭଲ ଭାବେ ଜାଣେ ଯେ ପିଓକେ ଆଜାଦ କାଶ୍ମୀର ନୁହେଁ। ଏହା ତାର ନୁହଁ, ଭାରତର ଏକ ଅଭିନ୍ନ ଅଙ୍ଗ। ଆଜି ନହେଲେ କାଲି କାଶ୍ମୀର ଉପରୁ ତାର ଅନଧିକାର କବ୍‌ଜା ହଟିବ। ସେଥିପାଇଁ ସେ ପିଓକେ ମାଧ୍ୟମରେ ଭାରତ ଉପରେ ଆତଙ୍କୀ ହମଲା କରୁଛି। ପିଓକେ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛି। ସାବତ ସନ୍ତାନର ବ୍ୟବହାର ପ୍ରଦର୍ଶନ କରୁଛି। ସେହି ଅଞ୍ଚଳର ପ୍ରଗତି ଚାହୁଁନାହିଁ। ମୁଜାଫରାବାଦ ରାଜିନାମା କାର୍ଯ୍ୟକାରୀ ହେଉନାହିଁ। ବରଂ ତାହାର ଖୋଲା ଉଲଂଘନ କରୁଛି ପାକିସ୍ତାନ। ଗହମ ମାଗିଲେ ଗୁଳି ମିଳୁଛି। ବିଜୁଳି ମାଗିଲେ ବାରୁଦ ମିଳୁଛି। ପିଓକେ ଅଞ୍ଚଳର ବୈଦ୍ୟୁତିକ ପ୍ଲାଣ୍ଟ ପାକିସ୍ତାନକୁ ୧୫% ବିଜୁଳି ଯୋଗାଏ। ଭଲ ରାସ୍ତାର ଅଭାବ। ସ୍କୁଲ ଥିଲେ ଶିକ୍ଷକ ନାହିଁ, ଶିକ୍ଷକ ଥିଲେ ସ୍କୁଲ ନାହିଁ। ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଲୋକଙ୍କୁ ଆବଶ୍ୟକ ଔଷଧ ମିଳିପାରୁନାହିଁ। ପାକିସ୍ତାନୀ ସେନା ଓ ସରକାର ଉଭୟେ ଏଥିପାଇଁ ଦାୟୀ। ଭାରତର କାଶ୍ମୀର ଓ ପାକିସ୍ତାନ ଅଧିକୃତ କାଶ୍ମୀରର ତୁଳନାତ୍ମକ ଚିତ୍ର ଦେଖିଲେ ସ୍ଥିତି ଜଣାପଡ଼େ। ଆମ କାଶ୍ମୀର ସମୃଦ୍ଧ ଓ ସମ୍ପନ୍ନ। ପିଓକେ ଆଜିବି ଅନୁନ୍ନତ। ଉପେକ୍ଷିତ, ଅବହେଳିତ।

ଆମ ଜମ୍ମୁ ଓ କାଶ୍ମୀରର ବଜେଟ୍ ୧.୧୩ ଲକ୍ଷ କୋଟି ଟଙ୍କା। ପାକିସ୍ତାନ ଅଧିକୃତ କାଶ୍ମୀରର ୯,୮୮୫ କୋଟି। ଆମ କାଶ୍ମୀରର ଜିଡ଼ିପି ୨.୮୬ ଲକ୍ଷ କୋଟି। ପିଓକେର ୫୮,୦୦୦ କୋଟି। ଆମ କାଶ୍ମୀରର ପ୍ରତିବ୍ୟକ୍ତି ବାର୍ଷିକ ଆୟ ୧.୬୮ ଲକ୍ଷ। ପିଓକେର ୧.୨୦ ଲକ୍ଷ। ଆମ କାଶ୍ମୀରରେ ମହଙ୍ଗା ଦର ୩.୭୪% ଥିବାବେଳେ ପିଓକେରେ ଏହା ୧୧% ଉପରେ ରହିଛି ଯାହା ଭାରତର ମହଙ୍ଗା ଦରରୁ ଢେର ଅଧିକ। ଆମ କାଶ୍ମୀର ୪.୮% ଲୋକ ଦରିଦ୍ର ସୀମାରେଖା ତଳେ ଅଛନ୍ତି। କିନ୍ତୁ ପିଓକେର ୪୦% ଲୋକ ଗରିବ ସୀମାରେଖା ତଳେ। ଆମ କାଶ୍ମୀରରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ପ୍ରତି ୟୁନିଟ୍ ବିଜୁଳି ୨ ଟଙ୍କା ୩୯ ପଇସା ଦରରେ ଉପଲବ୍ଧ। କିନ୍ତୁ ପିଓକେରେ ପ୍ରତି ୟୁନିଟ୍ ବିଜୁଳି ପାଇଁ ୩୦ ଟଙ୍କା ଦେବାକୁ ପଡ଼ିଥାଏ। ଏଥିରୁ ପାକିସ୍ତାନ ଅଧିକୃତ କାଶ୍ମୀରର ଦୟନୀୟ ସ୍ଥିତି ସ୍ପଷ୍ଟ ଅନୁମେୟ। ମୌଳିକ ଅଧିକାରର ହନନ ବିରୁଦ୍ଧରେ ପିଓକେବାସୀ ତାଙ୍କ ଆନ୍ଦୋଳନ ଜାରି ରଖିଛନ୍ତି।

ପୂର୍ବାପେକ୍ଷା ବର୍ତ୍ତମାନର ଆନ୍ଦୋଳନ ଟିକିଏ ଅଲଗା। ଭିନ୍ନ ରୂପ ନେଇଛି। ଜଏଣ୍ଟ ଆୱାମୀ ଆକ୍ସନ କମିଟି ପାକିସ୍ତାନରୁ ଅଲଗା ହେବାକୁ ଚାହୁଁଛି। ତାଙ୍କର ଚରମ ନିଷ୍ପତ୍ତି ସେମାନେ ପାକିସ୍ତାନ ସେନା ଓ ସରକାରକୁ ସ୍ପଷ୍ଟ ଭାବେ ଜଣାଇ ଦେଇଛନ୍ତି। ପିଓକେବାସୀ ପାକିସ୍ତାନର ନିର୍ଯାତନା ଏବେ ଆଉ ସହ୍ୟ କରିବା ଅବସ୍ଥାରେ ନାହାନ୍ତି। ତେଣୁ ତାଙ୍କର ଅନ୍ତିମ ଦାବି ହେଉଛି ସ୍ୱତନ୍ତ୍ରତା। ସ୍ୱାଧୀନତା। ଏଭଳି ଗମ୍ଭୀର ଓ ସମ୍ବେଦନଶୀଳ ସ୍ଥିତିରେ ପାକିସ୍ତାନ ହାତରୁ ଖସୁଛି ପାକିସ୍ତାନ ଅଧିକୃତ କାଶ୍ମୀର କହିବା ବାହୁଲ୍ୟ ହେବନାହିଁ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨ ୮୩୧୯୦

# ରଥଯାତ୍ରା ଭିଡ଼ ଏବଂ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

## ସୌଭାଗ୍ୟ ରଂଜନ ମହାନ୍ତି

"ପ୍ରଥମେ ଆମକୁ ବୁଝିବାକୁ ହେବ ଯେ ରଥଯାତ୍ରା ଭଳି ଏକ ବିଶାଳ ଜନସମାଗମରେ ଯଦି କୌଣସି ଦୁର୍ଭାଗ୍ୟଜନକ ଦୁର୍ଘଟଣା ଘଟେ ତେବେ ତାହା ପାଇଁ ସରକାର ବା ପ୍ରଶାସନକୁ ସିଧାସଳଖ ଦାୟୀ କରିବା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଅଯୌକ୍ତିକ ହୋଇଥିବାବେଳେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯିଏ ମଲେ ସରକାର କଣ ତାଙ୍କୁ ମାରି ଦେଲେ, ଯାହାର ଉତ୍ତର ନିଶ୍ଚିତ ଭାବରେ ନା ଅଟେ । କାରଣ ଶ୍ରଦ୍ଧାଳୁ ଜଣକ ବହୁତ ଭିଡ ଭିତରେ ରହିଯିବା ଏବଂ ଗରମ ତଥା ଉତ୍ତେଜନା ଯୋଗୁଁ ଶ୍ୱାସ ରୁଦ୍ଧ ହେବା ହେତୁ ମୃତ୍ୟୁବରଣ କରିଛନ୍ତି । ଯାହା ଏକ ପ୍ରାକୃତିକ ଓ ଆକସ୍ମିକ ସ୍ୱାସ୍ଥ୍ୟଗତ ସମସ୍ୟା ମାତ୍ର ଏବଂ ଏହା ଅତ୍ୟଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ ଯେକୌଣସି ବ୍ୟକ୍ତିଙ୍କ ସହ ଘଟିପାରେ।"

ଶ୍ରୀକ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା କେବଳ ଏକ ପର୍ବ ନୁହେଁ, ବରଂ ଏହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ପାଇଁ ଭାବପ୍ରବଣତା, ଆଧ୍ୟାତ୍ମିକତା ଏବଂ ଗଭୀର ବିଶ୍ୱାସର ଏକ ମହାକୁମ୍ଭ ହୋଇଥିବାବେଳେ ପ୍ରତିବର୍ଷ ଏହି ମହାପାବନ ଅବସରରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଏବଂ ରଥଦଉଡି ଟିକିଏ ଛୁଇଁ ନିଜ ଜୀବନକୁ ଧନ୍ୟ କରିବା ପାଇଁ ପୁରୀ ବଡଦାଣ୍ଡରେ ଲକ୍ଷ ଲକ୍ଷ ଜନସମୁଦ୍ରର ଜୁଆର ଛୁଟିଥାଏ । ଏଭଳି ଏକ ଅଭୂତପୂର୍ବ ତଥା ଅତ୍ୟଧିକ ଜନଗହଳିପୂର୍ଣ୍ଣ ସ୍ଥିତିରେ ପ୍ରଶାସନ ପକ୍ଷରୁ ସବୁ ପ୍ରକାରର ବ୍ୟବସ୍ଥା ଓ ସୁରକ୍ଷା ଯୋଗାଇ ଦିଆଯାଉଥିଲେ ମଧ କିଛି ଆକସ୍ମିକ ଘଟଣା ବା ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଏଡାଇବା ମାନବୀୟ ଶକ୍ତି ବାହାରେ ହୋଇପଡୁଥିବାରୁ ନିକଟରେ ରଥଯାତ୍ରା ସମୟରେ ଜଣେ ଶ୍ରଦ୍ଧାଳୁଙ୍କର ଅତ୍ୟଧିକ ଭିଡ ଯୋଗୁଁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହେବା ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ଏହି ସମ୍ବେଦନଶୀଳ ବିଷୟକୁ ନେଇ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ମହିଳା ନେତ୍ର ସରକାର ଏବଂ ପ୍ରଶାସନକୁ ସବୁବେଳେ ବଦନାମ କରିବା ପାଇଁ ଏକ ସୁଯୋଗ ଭାବେ ବ୍ୟବହାର କରୁଥିବା ଦେଖାଯାଉଛି ଯାହାର ବାସ୍ତବରେ କୌଣସି ଯୁକ୍ତିଯୁକ୍ତ ମୂଲ୍ୟ ନାହିଁ। ପ୍ରଥମେ ଆମକୁ ବୁଝିବାକୁ ହେବ ଯେ ରଥଯାତ୍ରା ଭଳି ଏକ ବିଶାଳ ଜନସମାଗମରେ ଯଦି କୌଣସି ଦୁର୍ଭାଗ୍ୟଜନକ ଦୁର୍ଘଟଣା ଘଟେ ତେବେ ତାହା ପାଇଁ ସରକାର ବା ପ୍ରଶାସନକୁ ସିଧାସଳଖ ଦାୟୀ କରିବା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଅଯୌକ୍ତିକ ହୋଇଥିବାବେଳେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯିଏ ମଲେ ସରକାର କଣ ତାଙ୍କୁ ମାରି ଦେଲେ, ଯାହାର ଉତ୍ତର ନିଶ୍ଚିତ ଭାବରେ ନା ଅଟେ କାରଣ ଶ୍ରଦ୍ଧାଳୁ ଜଣକ ବହୁତ ଭିଡ ଭିତରେ ରହିଯିବା ଏବଂ ଗରମ ତଥା ଉତ୍ତେଜନା ଯୋଗୁଁ ଶ୍ୱାସ ରୁଦ୍ଧ ହେବା ହେତୁ ମୃତ୍ୟୁବରଣ କରିଛନ୍ତି । ଯାହା ଏକ ପ୍ରାକୃତିକ ଓ ଆକସ୍ମିକ ସ୍ୱାସ୍ଥ୍ୟଗତ ସମସ୍ୟା ମାତ୍ର ଏବଂ ଏହା ଅତ୍ୟଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ ଯେକୌଣସି ବ୍ୟକ୍ତିଙ୍କ ସହ ଘଟିପାରେ। ସରକାର କିମ୍ବା ପୋଲିସ ପ୍ରଶାସନ କେବେହେଲେ ଚାହାଁନ୍ତି ନାହିଁ ଯେ ଜଣେ ବି ଶ୍ରଦ୍ଧାଳୁ ସାମାନ୍ୟ ଆହତ ହୁଅନ୍ତୁ ବରଂ ପ୍ରଶାସନ ଦିନରାତି ଏକ କରି ଲୋକଙ୍କ ସେବା ଓ ସୁରକ୍ଷାରେ ନିୟୋଜିତ ଥାଏ । ଯେଉଁଥିପାଇଁ ପ୍ରତିବର୍ଷ ଓଡିଶା ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରାଯାଇ ଶହ ଶହ ଅସ୍ଥାୟୀ ଶିବିର ପ୍ରତିଷ୍ଠା କରାଯାଏ, ଅତ୍ୟଧିକ ଗରମ ଓ ଗୁଳୁଗୁଳିରୁ ରକ୍ଷା କରିବା ପାଇଁ ଶ୍ରଦ୍ଧାଳୁଙ୍କ ଉପରକୁ ଥଣ୍ଡା ପାଣି ସ୍ପ୍ରେ କରାଯାଏ, ମାଗଣାରେ ଓଆରଏସ୍ ପାଣି ବଣ୍ଟନ କରାଯାଏ ଏବଂ ଜରୁରୀକାଳୀନ ସେବା ପାଇଁ ଗ୍ରୀନ୍ କରିଡର ସହ ବାଇକ ଆମ୍ବୁଲାନ୍ସ ମଧ ପ୍ରସ୍ତୁତ ରଖାଯାଇଥାଏ। ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ଯଦି କୌଣସି ଶ୍ରଦ୍ଧାଳୁଙ୍କର ପୂର୍ବରୁ ଥିବା କୌଣସି ରୋଗ ଯେପରିକି ହୃଦ୍‌ରୋଗ କିମ୍ବା ଆଜ୍‌ମା ଯୋଗୁଁ ଅଚାନକ ସ୍ୱାସ୍ଥ୍ୟବସ୍ଥା ବିଗିଡିଯାଏ ତେବେ ସେଥିରେ ସରକାରଙ୍କର କୌଣସି ଅବହେଳା ନଥାଏ ଏବଂ ରାଜନୈତିକ ଫାଇଦା ପାଇଁ ସରକାରଙ୍କୁ ସମାଲୋଚନା କରୁଥିବା ବ୍ୟକ୍ତିମାନଙ୍କୁ ଗତ ୨୪ବର୍ଷ କିମ୍ବା ତା'ଠାରୁ ଅଧିକ ସମୟର ରଥଯାତ୍ରା ଇତିହାସ ବିଷୟରେ ଜଣାଇବା ଉଚିତ ଯେ ଅତୀତରେ ମଧ ରଥଯାତ୍ରା ସମୟରେ ଅତ୍ୟଧିକ ଗହଳି ଯୋଗୁଁ ଅନେକ ଥର ଶ୍ରଦ୍ଧାଳୁମାନଙ୍କର ଶ୍ୱାସରୁଦ୍ଧ ହୋଇ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ଘଟିଛି। ତେଣୁ କ'ଣ ୨୪ବର୍ଷ ଭିତରେ କେହି ଆଉ ରଥ ସମୟରେ ମରିନାହାନ୍ତି ବୋଲି ପ୍ରଶ୍ନ କରିବା ସହ ଏଭଳି ଦୁଃଖଦ ଘଟଣା ପୂର୍ବ ସରକାର ଅମଳରେ ବି ଅନେକ ବାର ଘଟିଥିବାବେଳେ ସେତେବେଳେ ଏହାକୁ ନେଇ ଏଭଳିସ୍ତରର ଶସ୍ତା ରାଜନୀତି କରାଯାଉ ନଥିଲା। କାରଣ ମୃତ୍ୟୁ ଏକ ଅପ୍ରିୟ ସତ୍ୟ ଏବଂ ଏଭଳି ମହାସମାଗମରେ ଆକସ୍ମିକ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୂପେ ଶୂନ୍ୟ କରିବା କୌଣସି ବି ଶାସନ କଳ ପାଇଁ ସମ୍ଭବପର ନୁହେଁ। ସମାଜରେ କିଛି ନିର୍ଦ୍ଦିଷ୍ଟ ଲୋକ ଅଛନ୍ତି, ଯେଉଁମାନଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ସରକାରଙ୍କର ସବୁ ଭଲ କାମକୁ ନେଗେଟିଭ ଆଲୋକରେ ଦେଖାଇବା । ସେମାନେ କେବଳ ସରକାରଙ୍କୁ ସବୁବେଳେ ବଦନାମ କରିବା ପାଇଁ ଗୋଟିଏ ଗୋଟିଏ ବାଟ ଖୋଜୁଥାନ୍ତି ଯାହାର ସମାଜରେ କୌଣସି ମୂଲ୍ୟ ନାହିଁ କାରଣ ଓଡ଼ିଶାର ଜନସାଧାରଣ ବହୁତ ସଚେତନ । ସେମାନେ ଜାଣନ୍ତି ଯେ ସରକାର କେତେ ନିଷ୍ଠାର ସହିତ ରଥଯାତ୍ରାର ପରିଚାଳନା କରୁଛନ୍ତି । ଜଗନ୍ନାଥ ସଂସ୍କୃତି ଏବଂ ସନାତନ ଧର୍ମରେ ଏକ ଗଭୀର ବିଶ୍ୱାସ ରହିଛି ଯେ ଯଦି କୌଣସି ବ୍ୟକ୍ତିର ମୃତ୍ୟୁ ଶ୍ରୀକ୍ଷେତ୍ର ପୁରୀରେ ବା ପ୍ରଭୁଙ୍କ ରଥ ସାମ୍ନାରେ ହୁଏ ତେବେ ସେ ସିଧାସଳଖ ମୋକ୍ଷ ପ୍ରାପ୍ତ ହୁଏ । ବେଳେ ବେଳେ କିଛି ଭକ୍ତ ଓ ଶ୍ରଦ୍ଧାଳୁ ମନେ ମନେ ଚାହାଁନ୍ତି ଓ ପ୍ରାର୍ଥନା କରନ୍ତି ଯେ ପ୍ରଭୁଙ୍କ ପାଖରେ କେମିତି ମୋ ଜୀବନଟା ଚାଲି ଯାଆନ୍ତା କି, ତେଣୁ ଭକ୍ତର ଏହି ଆଧ୍ୟାତ୍ମିକ ଭାବନାକୁ କୌଣସି ଆଧୁନିକ ନିୟମ ବା ରାଜନୀତି ବୁଝିପାରିବ ନାହିଁ ।

ସରକାର ଓ ପ୍ରଶାସନ ସର୍ବଦା ଶ୍ରଦ୍ଧାଳୁମାନଙ୍କ ସେବା ଓ ସୁରକ୍ଷା ପାଇଁ ପ୍ରତିବଦ୍ଧ ଥିବାରୁ ସେମାନଙ୍କର ପ୍ରଚେଷ୍ଟା ପ୍ରଶଂସନୀୟ ଅଟେ। ତେଣୁ ଯେଉଁମାନେ ଏହାକୁ ନେଇ କେବଳ ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କର କଥାକୁ ଗୁରୁତ୍ୱ ନଦେଇ ଆମକୁ ବାସ୍ତବତା ଏବଂ ଭକ୍ତର ଆଧ୍ୟାତ୍ମିକ ବିଶ୍ୱାସକୁ ସମ୍ମାନ ଦେବା ଉଚିତ। ଜଗନ୍ନାଥ ସଂସ୍କୃତି ଏବଂ ସନାତନ ଧର୍ମରେ ଏକ ଗଭୀର ବିଶ୍ୱାସ ରହିଛି ଯେ, ଯଦି କୌଣସି ବ୍ୟକ୍ତିର ମୃତ୍ୟୁ ଶ୍ରୀକ୍ଷେତ୍ର ପୁରୀରେ ବା ପ୍ରଭୁଙ୍କ ରଥ ସାମ୍ନାରେ ହୁଏ, ତେବେ ସେ ସିଧାସଳଖ ମୋକ୍ଷ ପ୍ରାପ୍ତ ହୁଏ। ବେଳେ ବେଳେ କିଛି ଭକ୍ତ ଓ ଶ୍ରଦ୍ଧାଳୁ ମନେ ମନେ ଚାହାନ୍ତି ଏବଂ ପ୍ରାର୍ଥନା କରନ୍ତି ଯେ - ପ୍ରଭୁଙ୍କ ପାଖରେ କେମିତି ମୋ ଜୀବନଟା ଚାଲି ଯାଆନ୍ତା କି !। ବୟସ୍କ ଏବଂ ପରମ ଜଗନ୍ନାଥ ପ୍ରେମୀମାନେ ବଡଦାଣ୍ଡକୁ କେବଳ ବୁଲିବାକୁ ଆସନ୍ତି ନାହିଁ, ସେମାନେ ପ୍ରଭୁଙ୍କ ଶରଣାଗତ ହେବାକୁ ଆସନ୍ତି। ଭକ୍ତର ଏହି ଆଧ୍ୟାତ୍ମିକ ଭାବନାକୁ କୌଣସି ଆଧୁନିକ ନିୟମ ବା ରାଜନୀତି ବୁଝିପାରିବେ ନାହିଁ। ପୁରୀ ରଥଯାତ୍ରା ସମୟରେ ଘଟିଥିବା ଏହି ଦୁଃଖଦାୟକ ଘଟଣା ପାଇଁ ସରକାରଙ୍କୁ ଦାୟୀ କରିବା ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ।

ଜଗନ୍ନାଥ ସଂସ୍କୃତିର ମୂଳ ଦର୍ଶନ ଏବଂ ପ୍ରାଚୀନ ପରମ୍ପରାକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୁଏ ଯେ, ବଡଦାଣ୍ଡର ଜନସମୁଦ୍ରରେ କେଉଁ ଭକ୍ତର ଶ୍ୱାସ ରୁଦ୍ଧ ହେବ, କିଏ କେତେ ସମୟ ରହିବ ଏବଂ କାହାର ପ୍ରାଣବାୟୁ ମହାପ୍ରଭୁଙ୍କ ସାମ୍ନାରେ ଉଡିଯିବ, ତାହା କୌଣସି ସରକାର କିମ୍ବା ଶାସନ କଳ ନିର୍ଦ୍ଧାରଣ କରେ ନାହିଁ। ବେଦ ଓ ପୁରାଣ ଅନୁସାରେ ମନୁଷ୍ୟର ଜନ୍ମ ଓ ମୃତ୍ୟୁ ସମ୍ପୂର୍ଣ୍ଣ ରୂପେ ଦୈବୀ ନିୟନ୍ତ୍ରଣରେ ଥାଏ ଏବଂ ଯେତେବେଳେ ଜଣେ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରର ପବିତ୍ର ଭୂମିରେ, ପ୍ରଭୁଙ୍କ ରଥର ଛାୟା ତଳେ, ଶଙ୍ଖ-ଘଣ୍ଟ ଓ ହରିବୋଲ ଧ୍ୱନି ମଧ୍ୟରେ ନିଜର ଶେଷ ନିଶ୍ୱାସ ତ୍ୟାଗ କରେ, ତାହାକୁ ଏକ ଦୁର୍ଘଟଣା ନୁହେଁ, ବରଂ କିଛି ଭକ୍ତ ନିଜ ଜୀବନର ସର୍ବଶ୍ରେଷ୍ଠ ସୌଭାଗ୍ୟ ବୋଲି ବିଶ୍ୱାସ କରନ୍ତି।

ତେଣୁ ଏହାକୁ ନେଇ କଳୁଷିତ ଆରୋପ ପ୍ରତ୍ୟାରୋପଣ କରିବା ଏବଂ ପ୍ରଶାସନ ବା ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରିବା ସମ୍ପୂର୍ଣ୍ଣ ଭିତ୍ତିହୀନ।

ମୋ-୯୪୩୭୯୯୪୩୭୯

## ଦାରୁବ୍ରହ୍ମଙ୍କ ରଥଯାତ୍ରା: ଉତ୍ସବମୁଖର ଭୂଷଣ୍ଡପୁର

ନିରାକାରପୁର, ୧୭।୭ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୁରଠାରେ ଶ୍ରୀ ଶ୍ରୀ ଦାରୁବ୍ରହ୍ମଙ୍କ ରଥଯାତ୍ରା ମହୋତ୍ସବ ଚଳିତ ବର୍ଷ ଦ୍ୱାଦଶ ବର୍ଷରେ ପଦାର୍ପଣ କରିଛି। ଶ୍ରୀକ୍ଷେତ୍ର ପୁରୀର ପରମ୍ପରା ଓ ନୀତିକାନ୍ତି ଅନୁଯାୟୀ ଏଠାରେ ମହାପ୍ରଭୁଙ୍କ



ସମସ୍ତ ପୂଜାବିଧି ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ଅତ୍ୟନ୍ତ ଭକ୍ତିପୂତ ପରିବେଶ ମଧ୍ୟରେ ଏହି ବିଶ୍ୱପ୍ରସିଦ୍ଧ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଅବସରରେ ଭୋରୁ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜା ସମ୍ପନ୍ନ ହୋଇ ସ୍ୱେଶାଳ ବେଶ କରାଯାଇଥିଲା। ଏହାପରେ ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳି ଶବ୍ଦରେ ମହାପ୍ରଭୁଙ୍କ ଭବ୍ୟ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା। ପାରିକୁଦ ରାଜାଙ୍କ ଦ୍ୱାରା ରଥ ଉପରେ ପାରମ୍ପରିକ ଛେରାପହଁରା ନୀତି ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ଛେରାପହଁରା ପରେ ନିର୍ଦ୍ଧାରିତ ସମୟରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଏହି ଶୃଙ୍ଖଳିତ ରଥଯାତ୍ରାରେ ଟାଙ୍ଗୀ ଆଇ.ଆଇ.ସି. ରବୀନ୍ଦ୍ର କୁମାର ଭୁଜବଳ, ଭୂଷଣ୍ଡପୁର ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଉମାକାନ୍ତ ବାବୁଙ୍କ ସମେତ ସମସ୍ତ ଆରକ୍ଷୀ କର୍ମଚାରୀ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ।ଏଥିସହିତ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମଧ୍ୟ ଏହି ମହୋତ୍ସବରେ ସାମିଲ ହୋଇ ଶ୍ରୀଜୀଉଙ୍କ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥିଲେ। ଚଳିତ ବର୍ଷ ପାଗ ପ୍ରତିକୂଳ ଥିବା ସତ୍ତ୍ୱେ ହଜାର ହଜାର ଜଗନ୍ନାଥପ୍ରେମୀ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

ପାରଳାଖେମୁଣ୍ଡି, ୧୭।୭ (ନିପ୍ର); ପାରଳାଖେମୁଣ୍ଡିରେ ପବିତ୍ର ରଥଯାତ୍ରାରେ ଏକ ଦୁଃଖଦ ଅଘଟଣ ଘଟିଛି। ରଥଯାତ୍ରା ଉପଲକ୍ଷେ ସହରରେ ଆୟୋଜିତ ମୀନା ବଜାର ପରିସରରେ ବିଦ୍ୟୁତ ଆଘାତରେ ଜଣେ ୧୫ ବର୍ଷୀୟ କିଶୋରଙ୍କ ମୃତ୍ୟୁ ଘଟିଥିବାରୁ ଉତ୍ସବ ମୁଖର ପରିବେଶ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମୃତ କିଶୋର ହେଲେ ପାରଳାଖେମୁଣ୍ଡି ଫ୍ରେଣ୍ଡ୍ କଲୋନୀ ତୃତୀୟ ଗଳିର ବିନୋଦ ବେହେରା (୧୫)। ସୂଚନା ଅନୁଯାୟୀ, ରଥଯାତ୍ରା ଅବସରରେ ଲାଗିଥିବା ମୀନା ବଜାରକୁ ବିନୋଦ ଯାଇଥିବା ବେଳେ ହଠାତ୍ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ଓ ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ମୀନା ବଜାର ପରିସରରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

## ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ସମାରୋହ

ଭଦ୍ରକ, ୧୭।୭ (ନିପ୍ର); ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଭଦ୍ରକସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ ଉପସ୍ଥିତ ରହି ଭଦ୍ରକ ଜିଲ୍ଲାରେ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ହେଉଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ସେମାନେ ବିପ୍ଳବୀ ଚକ୍ରଧର ବେହେରାଙ୍କ ତ୍ୟାଗ, ସଂଘର୍ଷମୟ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଏବଂ ସମ୍ମାନନୀୟ ବକ୍ତା ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସଭାପତି ବାସୁଦେବ ବାରିକ ଯୋଗଦେଇ କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସୂତ୍ରଧର ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୀବନାଦର୍ଶ, ଦେଶପ୍ରେମ ଓ ସାମାଜିକ ଚେତନା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଉପସ୍ଥିତ ଶ୍ରୋତାମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିଥିଲେ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚକ୍ରଧର ବେହେରା ସ୍ମୃତି କମିଟିର ସମ୍ପାଦକ ଉପେନ୍ଦ୍ର ବାରିକ ଯୋଗଦେଇ ବିପ୍ଳବୀଙ୍କ ପିଲାବେଳ, ଦେଶପ୍ରେମ ଏବଂ ସ୍ୱାଧୀନତା ପ୍ରତି ତାଙ୍କର ଦୃଢ଼ ମାନସିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଉପରେ ଭଦ୍ରକରେ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚରମ୍ପା ଉଚ୍ଚ ବିଦ୍ୟାଳୟର ଭାଗ୍ୟବତୀ ଖୁଣ୍ଟିଆ, ଜିଲ୍ଲା ସ୍କୁଲ, ଭଦ୍ରକର,ଶୀତଲ ମଲ୍ଲିକ ଏବଂ ଆର.ସି.ବି.ଏଲ. ଉଚ୍ଚ ବିଦ୍ୟାଳୟର ମନୀଷା ରାଣୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା।

## ଆଇସିଏଆର-ସିଫା ପକ୍ଷରୁ ଆଇସିଏଆର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୭।୭ (ନିପ୍ର); ଭୁବନେଶ୍ୱରସ୍ଥିତ ଆଇସିଏଆର-କେନ୍ଦ୍ରୀୟ ମିଠାପାଣି ଜୀବପାଳନ ପ୍ରତିଷ୍ଠାନ ମୁଖ୍ୟାଳୟ ପରିସରରେ ଗୁରୁବାର ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ୯୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୃଷି ଗବେଷଣା ଓ ବିକାଶ କ୍ଷେତ୍ରରେ ଆଇସିଏଆର ର ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରି ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ୱାଧୀନତା ପୂର୍ବରୁ ୧୯୨୯ ମସିହାରେ 'ଇମ୍ପେରିଆଲ୍ କାଉନ୍ସିଲ୍ ଅଫ୍ ଏଗ୍ରିକଲଚରାଲ୍ ରିସର୍ଚ୍ଚ' ଭାବେ ଗଠିତ ଏହି ସଂସ୍ଥା ବୈଜ୍ଞାନିକ ଚିନ୍ତାଧାରା, ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଭାରତକୁ ଏକ ଖାଦ୍ୟ ଅଭାବୀ ଦେଶରୁ ଖାଦ୍ୟ ବଳକା ଦେଶରେ ପରିଣତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ବିଶେଷ ଦିବସକୁ ସ୍ମରଣୀୟ କରିବା ପାଇଁ ଆଇସିଏଆର-ସିଫା କ୍ୟାମ୍ପସରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପି. କେ. ସାହୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ପରିବେଶର ସୁରକ୍ଷା ତଥା ସବୁଜିମା ପାଇଁ ୫୦ଟି ଜାମୁକୋଳି ଚାରା ରୋପଣ କରିଥିଲେ। ଏହାସହିତ, ପ୍ରତିଷ୍ଠା ଦିବସ ଉତ୍ସବର ଅଂଶବିଶେଷ ସ୍ୱରୂପ ଭୁବନେଶ୍ୱରସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜିର ପ୍ରଫେସର ଡ. ମୁନମୁନ ମହାନ୍ତି 'ବ୍ରିଜିଂ ଦି ଗ୍ୟାପ୍: ଇଫେକ୍ଟିଭ୍ କମ୍ୟୁନିକେସନ ଇନ୍ ଦି ଡିଜିଟାଲ ଏଜ୍' ଶୀର୍ଷକ ଏକ ବିଶେଷ ବକ୍ତୃତା ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ସେ ବୃତ୍ତିଗତ ଦକ୍ଷତା ବୃଦ୍ଧି ଏବଂ ଜନସାଧାରଣଙ୍କ ସହ ଯୋଡ଼ିହେବା ପାଇଁ ପ୍ରଭାବଶାଳୀ ଯୋଗାଯୋଗ, ଡିଜିଟାଲ ସାକ୍ଷରତା ଏବଂ ଆଧୁନିକ ଯୋଗାଯୋଗ ମାଧ୍ୟମଗୁଡ଼ିକର ଦାୟିତ୍ୱବାନ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

## ଉତ୍ସାହ ଉଦ୍ଦୀପନା ସହକାରେ ରଥଯାତ୍ରା

ରମ୍ଭା, ୧୭।୭ (ନିପ୍ର): ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଗଂଜାମ ଜିଲ୍ଲା ଅନ୍ତର୍ଗତ ଖଲ୍ଲିକୋଟ ଠାରେ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା, ସୁଦର୍ଶନଙ୍କ ପବିତ୍ର ଐତିହାସିକ ରଥଯାତ୍ରା ଆଜି ଆନୁଷ୍ଠାନିକ ରୀତିରେ ସମାହିତ ହୋଇଛି। ଭୋର୍ ସମୟରୁ ମଙ୍ଗଳ ଆଳତି ଅବକାଶ ନୀତି ପରେ ଯଥାରୀତି ଦୈନନ୍ଦିନ ନୀତିକାନ୍ତି ପୂର୍ବକ ସମସ୍ତ କାର୍ଯ୍ୟ ଶେଷ ହେବା ପରେ ସେବକମାନେ ଶ୍ରୀଅଙ୍ଗ ସୁରକ୍ଷା, ସେନାପଟା ଲାଗୁ କରିଥିଲେ। ଠାକୁରମାନଙ୍କ ମଙ୍ଗଳାର୍ପଣ ପରେ ଅପରାହ୍ନରେ ଧାଡ଼ି ପହଣ୍ଡି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସର୍ବ ପ୍ରଥମେ ପ୍ରଭୁ ସୁଦର୍ଶନ ପରେ ଜ୍ୟେଷ୍ଠ ଭ୍ରାତା ବଳଭଦ୍ର, ଭଗ୍ନୀ ସୁଭଦ୍ରା, ପରିଶେଷରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଘଣ୍ଟ, କାହାଳୀ, ଛତ୍ରି, ହରିବୋଲ ଧ୍ୱନିର ତାଳେ ତାଳେ ଶ୍ରୀଜୀଉମାନଙ୍କୁ ଦୋଳାଇ ଦୋଳାଇ ଭକ୍ତଙ୍କ ସମାବେଶରେ ତିନି ରଥରେ ପହଣ୍ଡି ମାଧ୍ୟମରେ ବିଜେ କରାଇଥିଲେ। ଠାକୁରମାନଙ୍କୁ ନାନାଦି ବସ୍ତ୍ର, ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ରମ୍ଭା ରଥଯାତ୍ରା ରେ ବିରୁଳିଗଡ଼ ରାଜା ମହେନ୍ଦ୍ର ସିଂହ ଦେଓ ଓ ଖଲ୍ଲିକୋଟ ରାଜ ପରିବାର ପକ୍ଷରୁ ସୁରେନ୍ଦ୍ର ନାଥ ଆଚାର୍ଯ୍ୟ ତିନି ରଥରେ ଛେରାପହଁରା କାର୍ଯ୍ୟ କରିଥିଲେ। ରଥ ପଥ ଆଦି ସମସ୍ତ ପ୍ରସ୍ତୁତି ହେବା ପରେ ଶେଷରେ ଉତ୍ସାହ ଉଦ୍ଦୀପନା ସହକାରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଶ୍ରୀଜୀଉମାନଙ୍କ ସୁସଜ୍ଜିତ ରଥ ଟାଣିବା ପାଇଁ ପ୍ରବଳ ଭକ୍ତି ନିଷ୍ଠା ସହକାରେ ବଡ଼ଦାଣ୍ଡରେ ଦଣ୍ଡାୟମାନ ହୋଇଥିଲେ। ତାଳଧ୍ୱଜ, ଦର୍ପଦଳନ, ନନ୍ଦିଘୋଷ ରଥ ସୁସଜ୍ଜିତ ହୋଇ ଶ୍ରୀମନ୍ଦିର ସମ୍ମୁଖରୁ ବାହାରି କ୍ରମାନ୍ୱୟରେ ଗୁଣ୍ଡିଚା ମନ୍ଦିର ପାଖରେ ପହଞ୍ଚିଥିଲା। ଖଲ୍ଲିକୋଟ ରଥଯାତ୍ରା ଦେଖିବା ପାଇଁ ତିରିଶି ହଜାରରୁ ଉର୍ଦ୍ଧ୍ୱ ଭକ୍ତ ରଥ ଟାଣିଥିଲେ। ସବୁଠାରୁ ବିଶେଷ ଆକର୍ଷଣ ହେଉଛି ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ।

# ସପୁରିର ଅଭାବୀ ବିକ୍ରିର ଶିକାର ନିୟମଗିରି ଡଙ୍ଗରିଆ !

## ଦଲାଲ କବଳରେ ଚାଷୀ; ପ୍ରଶାସନ ନିଦାବିଷ୍ଟୁ !

ରାୟଗଡା, ୧୭।୭ (ନିପ୍ର): ରାୟଗଡ଼ା ଜିଲ୍ଲାର ନିୟମଗିରି ପାହାଡ଼ରେ ଉତ୍ପାଦିତ ସପୁରିର ସ୍ୱତନ୍ତ୍ରତା ରହିଥିବା ଯୋଗୁଁ ଓଡ଼ିଶା ସମେତ ଭାରତର ବିଭିନ୍ନ ବଜାରରେ ବେଶ୍ ଚାହିଦା ସୃଷ୍ଟି କରିଛି। ଏହାର ପ୍ରକୃତ ଲାଭରୁ ଆଜିବି ବଞ୍ଚିତ ରହୁଛନ୍ତି ବିରଳ ସରଳ ଜନଜାତି ଡଙ୍ଗରିଆକନ୍ଧ ଚାଷୀ। ବର୍ଷସାରା ଡାଙ୍ଗରରେ କଠିନ ପରିଶ୍ରମ କରି ଉତ୍ପାଦନ କରୁଥିବା ସପୁରିକୁ ଉଚିତ ମୂଲ୍ୟରେ ବିକ୍ରି କରିପାରୁ ନଥିବାରୁ ସେମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବଜାର ବ୍ୟବସ୍ଥାର ଅଭାବ ଓ ସରକାରୀ ସହାୟତାର ଅଭାବ ଯୋଗୁଁ ଦଲାଲମାନେ ଏହି ସୁଯୋଗର ସଂପୂର୍ଣ୍ଣ ଭାବେ ଲାଭ ଉଠାଉଥିବା ଅଭିଯୋଗ ହେଉଛି। ଦଲାଲମାନେ ଶାଗ ମାଛ ଦରରେ କିଣୁଛନ୍ତି ବୋଲି ସମ୍ପୂର୍ଣ୍ଣ ମରିବା ବଦଳରେ କିଛିଟା ବଞ୍ଚି ଯାଉଛୁ। ସରକାର ହାତ ଛାଡିଦେଲେ ଦୁଃଖ ସମୟରେ ଦଲାଲ ହିଁ ଭରସା ବୋଲି କିଛି ଡଙ୍ଗରିଆ ପ୍ରକାଶ କରିଛନ୍ତି।ଜିଲ୍ଲାର କଲ୍ୟାଣସିଂହପୁର, ବିଷମକଟକ ଓ ମୁନିଗୁଡା ବ୍ଲକ ଅନ୍ତର୍ଗତ ପାର୍ଶାଲି, କୁର୍ଲି, ସକଟା ଗ୍ରାମପଞ୍ଚାୟତ ସମେତ ନିୟମଗିରିର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ହଜାର ହଜାର ପାଚିଲା ସପୁରି ଅମଳ ହେଉଛି। କିନ୍ତୁ ଉତ୍ପାଦନ ଅନୁପାତରେ ସଂଗଠିତ ବଜାର ବ୍ୟବସ୍ଥା ନଥିବାରୁ ଚାଷୀମାନେ ବାଧ୍ୟ ହୋଇ ମାଝୀଗୁଡା, ଚାଟିକଣା ହାଟ ବଜାରରେ ଅତି କମ୍ ଦରରେ ସପୁରୀ ବିକ୍ରି କରୁଛନ୍ତି। ଦଲାଲମାନେ ଚାଷୀଙ୍କଠାରୁ ଗୋଟିଏ ସପୁରି ୭ରୁ ୧୦ ଟଙ୍କାରେ କିଣି ଛତିଶଗଡ଼ର ରାୟପୁର, ମହାରାଷ୍ଟ୍ର ର ନାଗପୁର, ଆନ୍ଧ୍ରର ବିଶାଖାପାଟଣା, ଓଡ଼ିଶାରେ ଭୁବନେଶ୍ୱର ଭଳି ବଡ଼ ସହରରେ ୪୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ମୋଟା ଅଙ୍କର ଲାଭ ପାଉଛନ୍ତି। ପ୍ରକୃତ ଲାଭ ଚାଷୀଙ୍କ ପାଖକୁ ପହଞ୍ଚୁ ନଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସିପାରୁ ନାହିଁ। ରାଜ୍ୟ ସରକାର ଡଙ୍ଗରିଆ କନ୍ଧଙ୍କ ଜୀବନଧାରାର ଉନ୍ନତି ପାଇଁ ଚାଟିକଣା ଓ ପାର୍ଶାଲି ପଞ୍ଚାୟତରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଚାଳିଶି ବର୍ଷ ଧରି କାର୍ଯ୍ୟ କରି କୋଟି



କୋଟି ଟଙ୍କା ଖର୍ଚ୍ଚ କରି ଆସୁଛି। କିନ୍ତୁ ଡାଙ୍ଗରିଆଙ୍କ ଯେତିକି କୃଷିରେ ଆର୍ଥିକ ଉନ୍ନତି ହେବାର କଥା ତାହା ସପୁରି ଚାଷରୁ ଜଣା ପଡୁଛି। ଗତ ପାଞ୍ଚ ବର୍ଷ ଓପିଲିପି କାର୍ଯ୍ୟକ୍ରମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି ବାସ୍ତବରେ କାହା ପାଖକୁ ଉକ୍ତ ଟଙ୍କା ପହଁଚିଛି ତଦନ୍ତ କଲେ ଜଣା ପଡିବ। ଡଙ୍ଗରିଆଙ୍କ ବିଭିନ୍ନ କୃଷି ଓ ଉଦ୍ୟାନ ଯୋଜନାରେ ପ୍ରୋତ୍ସାହନ ଯୋଗାଇ ଆସୁଥିବା ବେଳେ, ଉତ୍ପାଦିତ ଦ୍ରବ୍ୟର ସଠିକ୍ ବଜାରୀକରଣ ଓ ନ୍ୟାୟସଙ୍ଗତ ମୂଲ୍ୟ ସୁନିଶ୍ଚିତ କରିବା କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିପାରିନାହିଁ। ଓପିଲିପି ମାଧ୍ୟମରେ ଡିକେଡିଏ ପାର୍ଶାଲି ଓ ଚାଟିକଣା ଠାରେ ଜଙ୍ଗଲଜାତ ଓ କୃଷିଜାତ ଉତ୍ପାଦର ବଜାରୀକରଣ ପାଇଁ ନିର୍ମାଣ ଓ ଗଠିତ ବଜାର ହାଟ ବର୍ତ୍ତମାନ ସୁପ୍ତ ଅବସ୍ଥାରେ। ଯେଉଁ ସମୟରେ ଓପିଲିପି କାର୍ଯ୍ୟକ୍ରମ ଚାଲୁଥିଲା ମୋବାଦୀଙ୍କ ଆଳ ଦେଖାଇ ଡଙ୍ଗରିଆଙ୍କୁ ମହରା ସଜାଇ କିଛି କର୍ମଚାରୀ ଜିଲ୍ଲା ଓ ଜିଲ୍ଲା ବାହାରେ ସମ୍ପତି ଓ ବଡ଼ ବଡ଼ ଘର ଜମିବାଡ଼ି କରିଥିବାରୁ ଡଙ୍ଗରିଆଙ୍କ ବିକାଶ ବଦଳରେ କର୍ମଚାରୀଙ୍କ ବିକାଶ ହୋଇଛି ବୋଲି ସେତେବେଳେ ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ଶିକକା ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଜିଲ୍ଲାର ଓରମାସ୍ ସଂସ୍ଥା ଏହି ଅଞ୍ଚଳରେ ସକ୍ରିୟ ଭୂମିକା ନେଉ ନଥିବାରୁ ଚାଷୀମାନେ ଦଲାଲଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ଉଭୟ ଚାଟିକଣା ଓ ପାର୍ଶାଲି ଠାରେ ଚାଲୁଥିବା ଡିକେଡିଏ ସଂସ୍ଥା ସୁପ୍ତ ଅବସ୍ଥାରେ ରହିଥିବାରୁ ଉପୁଜିଛି।ବଜାର ପରିଦର୍ଶନ, ସିଧାସଳଖ କ୍ରୟ ବ୍ୟବସ୍ଥା କିମ୍ବା ମୂଲ୍ୟ ସହାୟତା ଭଳି ପଦକ୍ଷେପର ଅଭାବ ସମସ୍ୟାକୁ ଆହୁରି ଗୁରୁତର କରିଛି। ଉଲ୍ଲେଖଯୋଗ୍ୟ ଯେ ନିୟମଗିରିର ସପୁରୀର ମୂଲ୍ୟ ବୃଦ୍ଧି ଓ ପ୍ରକ୍ରିୟାକରଣକୁ ଦୃଷ୍ଟିରେ ରଖି ଚାଟିକଣାଠାରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି କିନ୍ତୁ ଏହା ଏପର୍ଯ୍ୟନ୍ତ ପୂର୍ଣଭାବେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ଚାଷୀମାନେ ଏହାର ସୁଫଳ ପାଇବାରୁ ବଞ୍ଚିତ ରହିଛନ୍ତି।ଚାଷୀ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ ନିୟମଗିରି ସପୁରି ପାଇଁ ସରକାର ଯଦି ସିଧାସଳଖ ନିଜେ କର୍ଯ୍ୟକାରୀ ଭେଣ୍ଡର ମାଧ୍ୟମରେ କେନ୍ଦ୍ର ଖୋଲି ଓରମାସ୍ ମାଧ୍ୟମରେ ବଜାର ସଂଯୋଗକୁ ସୁଦୃଢ଼ କରନ୍ତି ଓ ପ୍ରକ୍ରିୟାକରଣ କେନ୍ଦ୍ରକୁ ସକ୍ରିୟ କରନ୍ତି ଦଲାଲମୁକ୍ତ ହୋଇ ଡଙ୍ଗରିଆ ଉଚିତ ମୂଲ୍ୟ ପାଇଥାନ୍ତେ ବୋଲି ନିୟମଗିରି ଡଙ୍ଗରିଆ ଅଭିଯୋଗ କରିଛନ୍ତି।ଏହା କେବଳ ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବ ନୁହେଁ, ବରଂ ନିୟମଗିରି ଅଞ୍ଚଳର ଉଦ୍ୟାନଭିତ୍ତିକ କୃଷିକୁ ମଧ୍ୟ ନୂତନ ଦିଗ ଦେଇ ପାରନ୍ତା। ବିରଳ ଜନଜାତିଙ୍କ ଜୀବିକା ସହ ଜଡ଼ିତ ଏହି ପ୍ରସଙ୍ଗକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରି ତୁରନ୍ତ ସ୍ଥାୟୀ ବଜାର ବ୍ୟବସ୍ଥା ଉଚିତ ସହାୟକ ମୂଲ୍ୟ ଓ ପ୍ରକ୍ରିୟାକରଣ କେନ୍ଦ୍ରର କାର୍ଯ୍ୟକାରିତା ଓ ସରକାରୀ ଭେଣ୍ଡର ସକ୍ରିୟ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଓ ଚାଷୀମାନେ ଦାବି କରିଛନ୍ତି। ଏପରି ପଦକ୍ଷେପ ଗ୍ରହଣ କରାଗଲେ ନିୟମଗିରିର ଡଙ୍ଗରିଆ କନ୍ଧ ଚାଷୀଙ୍କ ଆର୍ଥିକ ସ୍ତରରେ ସୁଦୃଢ ହେବା ସହ ସେମାନଙ୍କ ପାରମ୍ପରିକ ଉଦ୍ୟାନ କୃଷି ମଧ୍ୟ ଅଧିକ ସଶକ୍ତ ହୋଇପାରିବ ବୋଲି ନିୟମଗିରି ଡଙ୍ଗରିଆ ଦାବି କରିଛନ୍ତି।

## ବିଦ୍ୟାଳୟ ଭିତରେ ଶିକ୍ଷକଙ୍କୁ ତାଲା ପକେଇଲେ ଅଭିଭାବକ

ଭାପୁର, ୧୭।୭ (ନିପ୍ର): ବିଦ୍ୟାଳୟ ଗୁଡିକର ସୁପରିଚାଳନା ନିମନ୍ତେ ଶିକ୍ଷା ବିଭାଗ ତରଫରୁ ପ୍ରତି ବିଦ୍ୟାଳୟରେ ଅଭିଭାବକ ମାନଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ ହୋଇଥାଏ। ଅଭିଭାବକମାନଙ୍କ ମଧ୍ୟରେ ରାଜନୈତିକ ଆକ୍ରୋଶମୂଳକ ଭାବ ରହି ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ନ ହୋଇପାରିବାରୁ ଶିକ୍ଷକ ମାନଙ୍କୁ ନେଇ ଗୋଟିଏ ଘରେ ତାଲା ପକେଇବା ଭଳି ଘଟଣା ଭାପୁର ବ୍ଲକରେ ଦେଖାଦେଇଛି। ଘଟଣାରୁ ପ୍ରକାଶ,ଭାପୁର ବ୍ଲକ ନିମାଣୀ ପଂଚାୟତ ବାଦଭୂଇଁ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ପୌରୋହିତ୍ୟରେ ବୁଧବାର ଆୟୋଜିତ ପରିଚାଳନା କମିଟି ଗଠନ ସଭାରେ ୩୪ ଜଣରୁ ଉର୍ଦ୍ଧ୍ୱ ଅଭିଭାବକ ଅଂଶଗ୍ରହଣ କରିଥିଲେ। ପରିଚାଳନା କମିଟି କୁ ତଦାରଖ କରିବା ପାଇଁ ଏ.ବି.ଇ.ଓ. ପ୍ରଭାକର ସାମନ୍ତରାୟ, ବି.ଆର.ସି.ସି ଦୀପକ କୁମାର ନାୟକ ଉପସ୍ଥିତ ରହିଥିଲେ।ସରକାରୀ ନିୟମ ଅନୁଯାୟୀ,କମିଟିରେ ମୋଟ ୧୫ ଜଣଙ୍କ ମଧ୍ୟରୁ ୧୧ ଜଣ ଅଭିଭାବକ ରହିବେ।ଚୟନ ପ୍ରକ୍ରିୟାରେ ୮ ଜଣ ଅଭିଭାବକଙ୍କ ନାମ ଚୂଡାନ୍ତ ହୋଇଥିଲେ ମଧ୍ୟ ଅବଶିଷ୍ଟ ୩ ଜଣ ଅଭିଭାବକଙ୍କ ନାମକୁ ନେଇ ବିବାଦ ସୃଷ୍ଟି ହୋଇ ଗୋଟିଏ ଗୋଷ୍ଠୀ ବିଦ୍ୟାଳୟ ଛାଡି ପଳେଇଥିଲେ ଏବଂ ଅନ୍ୟ ଏକ ଗୋଷ୍ଠୀ ବିଦ୍ୟାଳୟ ଫାଟକକୁ ତାଲା ପକେଇ ଚୂଡାନ୍ତ ପରିଚାଳନା କମିଟି ଗଠନ ପାଇଁ



ଦାବି କରି ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଅଟକ ରଖିଥିଲେ। ବାଧ୍ୟହୋଇ ଅଟକ ଶିକ୍ଷକ ମାନେ ପୋଲିସଙ୍କୁ ଫୋନ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଭିଭାବକମାନଙ୍କ ସହିତ କଥାବାର୍ତ୍ତା ହୋଇ ଶିକ୍ଷକମାନଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ବିଦ୍ୟାଳୟରେ ଚାପା ଉତ୍ତେଜନା ଦେଖାଦେଇଥିଲା।

## ତାଳପତ୍ର ବାହୁଙ୍ଗା ପକା ଝୁମ୍ପୁଡ଼ି ଘରେ ପରିବାର ପକ୍କାଘର ତାଲିକାରେ ନାହିଁ ନାଁ

ଭାପୁର, ୧୭।୭ (ନିପ୍ର); ଭାପୁର ବ୍ଲକ ବଡ଼ସହରା ପଂଚାୟତ ନକଡେଇଁ ଗ୍ରାମର ଯୋଗୀ ପରିଡା ଜଣେ ଦିନ ମଜୁରିଆ ଏବଂ ତାଙ୍କ ସ୍ତ୍ରୀ ରାଜନୀ ପରିଡା ଜଣେ ଦିବ୍ୟାଙ୍ଗ ମହିଳା ଅଟନ୍ତି। ସେ ଭଙ୍ଗାରୁଜା ତାଳପତ୍ର ବାହୁଙ୍ଗା ପକା ଝୁମ୍ପୁଡ଼ି ଘରେ ବାସ କରିଥାନ୍ତି। ଗତ କିଛି ବର୍ଷ ହେବ ରାଜ୍ୟ ସରକାର ଙ୍କ ତରଫରୁ ଆସୁଥିବା ପକ୍କାଘର ଆବାସ ଯୋଜନା ତାଲିକାରେ ଘର ପାଇଁ ନିଜର ନାମ ରହିଥିବାବେଳେ ହାତଗୁଞ୍ଜା ଦେଇ ନ ପାରିବାରୁ ସେଥିରୁ ସେ ବଞ୍ଚିତ ହୋଇ ଆସୁଛନ୍ତି। ବର୍ତ୍ତମାନ ଭାପୁର ବ୍ଲକ କୁ ୯୮୦ ଗୋଟି ଆବାସ ଯୋଜନା ମଞ୍ଜୁର ହୋଇଥିବାବେଳେ ସେଥିରେ ମଧ୍ୟ ରାଜନୀ ଙ୍କ ନାମ ତାଲିକାରେ ନ ଥିବାରୁ ସେ ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ପିସି ଦେଇ ନ ପାରିବାରୁ ତାଙ୍କ ନାମ କୁ ଜାଣିଶୁଣି ପଂଚାୟତ ରେ କାଟିଦେଇଥିବା ରାଜନୀ ଅଭିଯୋଗ କରିଛନ୍ତି।



ଏତେଦବ୍ୟତୀତ,କିଛି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ଭୋଟ ଦେବା ପାଇଁ ବାଧ କରିବା ସହିତ ୨୦ ହଜାର ଟଙ୍କା ପିସି ଦେଲେ ପକ୍କା ଘର ଯୋଗେଇଦେବାକୁ କହୁଛନ୍ତି ନଚେତ ଘର ଦିଆଯିବ ନାହିଁ ବୋଲି ରାଜନୀ ଙ୍କୁ କହିଛନ୍ତି। ଏହି ଘଟଣା କୁ ନେଇ ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା ଗୁରୁତର ସହ ବିଚାର କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହୋଇଛି।

## ଲଘୁଚାପ ବର୍ଷା ପ୍ରମାଣ ଦେଖାଇଲା ନିମ୍ନମାନର କାର୍ଯ୍ୟ !

# ଭାର୍ଗବୀ ନଦୀ ବାମପାର୍ଶ୍ୱ ବନ୍ଧର ସୁରକ୍ଷା ମାଟି ବନ୍ଧ ଭୁଶୁଡ଼ିଗଲା

ପିପିଲ, ୧୭।୭ (ନିପ୍ର):ଭାର୍ଗବୀ ନଦୀ ବାମ ପାର୍ଶ୍ୱ ବନ୍ଧର ନୂତନ ସମ୍ପ୍ରସାରଣ ସୁରକ୍ଷା ବନ୍ଧ ଲଘୁଚାପ ବର୍ଷାରେ ଭୁଶୁଡି ପଡିଛି। ଯାହାକୁ ନେଇ ଲୋକେ ଆତଙ୍କରେ। ବନ୍ୟା ପାଣି ନଦୀର ଉଭୟ ପାର୍ଶ୍ୱକୁ ଆଗାମୀ ଦିନରେ ଲାଗି ପ୍ରବାହିତ ହେଲେ ପୁରୁଣା ବନ୍ଧକୁ ଲାଗି ସମ୍ପ୍ରସାରଣ ହୋଇ ଥିବା ସୁରକ୍ଷା ବନ୍ଧ ସମ୍ପୂର୍ଣ୍ଣ ଭୁଶୁଡି ପଡିବା ସହିତ ଭୂଇଁରେ ଲୀନ ହୋଇ ଯିବା ଭଳି ଦୃଶ୍ୟ ଦେଖିବାକୁ ମିଳିବ ବୋଲି ଆଶଙ୍କା ଉପୁଜିଛି। ଏବେ ଲଘୁଚାପ ଜନିତ ବର୍ଷାରେ ବନ୍ଧ ଭୁଶୁଡି ପଡ଼ିଲାଣି ।ଖାଲି ସେତିକି ନୁହେଁ ବନ୍ଧରେ ହେବାକୁ ଥିବା ମେଣ୍ଟାଲ ମୋରମ କାର୍ଯ୍ୟ ପୂର୍ବରୁ ମାଟି କାର୍ଯ୍ୟ ହୋଇ ଥିଲା। ଦାୟିତ୍ୱରେ ଥିବା ଯନ୍ତ୍ରୀ ଠିକାଦାର ପ୍ରତି ଦରଦ ଦେଖାଇ ଏହି ମାଟି କାର୍ଯ୍ୟରୁ ଲକ୍ଷ ଲକ୍ଷ ଟଙ୍କା କମିସିନ ନେଇ କାର୍ଯ୍ୟ କରି ଥିବା ବେଳେ ସହକାରୀ ଯନ୍ତ୍ରୀଙ୍କ ପାଇଁ ବନ୍ଧ ରାସ୍ତା ପୁଷମାସ ପାଲଟିଅଛି। ବାମ ପାର୍ଶ୍ୱ ବନ୍ଧକୁ ବନ୍ୟା ସମୟରେ ସୁରକ୍ଷା ଦେବାକୁ ଏକ ସୁରକ୍ଷା ମାଟି ବନ୍ଧ ବିଭାଗ ତରଫରୁ ଟେଣ୍ଡର ପ୍ରକ୍ରିୟା କରାଯାଇଛି। ସେହି ଟେଣ୍ଡର ପାଇଁ ବିଭାଗ ପ୍ରାୟ ' ପାଞ୍ଚ ' କୋଟି ଟଙ୍କାର ଏସଟିମେଣ୍ଟ କରି ଥିଲା। ଟେଣ୍ଡର ବିଜ୍ଞପ୍ତି ଓଡିଶା ଭୁବନେଶ୍ୱର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ ଦପ୍ତରରୁ ପ୍ରକାଶ ପାଇ ଥିବା ବେଳେ ଏହି କାର୍ଯ୍ୟ ପାଇଁ ଏକରୁ ଅନେକ ଠିକାଦାର କାର୍ଯ୍ୟପାଇଁ ଅନଲାଇନ ଓ ଅଫ ଲାଇନରେ ଆବେଦନ କରି ଥିଲେ। ସମସ୍ତ ଠିକାଦାର ବାଦ୍ ପଡି ଯିବା ପରେ ଜଣେ ଠିକାଦାର



ନାମରେ ଟେଣ୍ଡର ପ୍ରକାଶ ପାଇଥିଲା। ନିଯୁକ୍ତି ଥିବା ଠିକାଦାର ଚୁକ୍ତିନାମା ଅନୁଯାୟୀ ୪ କୋଟିରୁ ଉର୍ଦ୍ଧ୍ୱରେ ନିଯୁକ୍ତି ହୋଇଛି। ଏହି କାର୍ଯ୍ୟ ଅଧିକାଂଶ ମାଟି କାର୍ଯ୍ୟ ଥିବା ବେଳେ ଠିକାଦାର ଓ ସହକାରୀ ଯନ୍ତ୍ରୀ ପୁରୁଣା ବନ୍ଧକୁ ବୁଲଡୋଜର ଲଗାଇ ପୁରୁଣା ଶକ୍ତ ବନ୍ଧକୁ ଅଧାର ଅଧିକ ପୁରୁଣା ବନ୍ଧ କାଟି ଚଉଡା କରି ଦୁର୍ବଳ କରିଥିବା କୁହାଯାଉଛି। ଯାହା ପୁରୁଣା ବନ୍ଧ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଛି ବୋଲି ନଦୀପାର୍ଶ୍ୱ ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ସେପଟେ ସୁରକ୍ଷା ବନ୍ଧ ଉପରେ ଧୂଳିଆ ମାଟି ପକା ଯାଇଥିଲେ ମଧ୍ୟ ତାହାରି ଉପରେ ଭାଇବ୍ରେଟର ରୋଲର ଚଲା ଯାଇ ନାହିଁ। ଯାହାକି ଠିକାଦାର ଓ ନିଯୁକ୍ତି ଥିବା ଯନ୍ତ୍ରୀ ମିଳି ମିଶି ସରକାରୀ ଅର୍ଥ ଚଳୁ କରିବା ଲାଗି ଧୂଳିଆ ମାଟିକୁ ବୁଲଡୋଜର ମାଧ୍ୟମରେ ବନ୍ଧ ସାଇଜ କରି ଛାଡି ଦେଇ ଠିକାଦାର ନାମରେ ବିଭାଗୀୟ ଉଚ୍ଚସ୍ଥ ଅଧିକାରୀଙ୍କ ଅଣ ନଜରରେ ବିଲ୍ କରି ଦେଇ ଥିବା ନିଜେ ନିଯୁକ୍ତି ଥିବା ସହକାରୀ ଯନ୍ତ୍ରୀ କହିଛନ୍ତି। ସେପଟେ ସହକାରୀ ଯନ୍ତ୍ରୀଙ୍କ ପକେଟ ଗରମ ହୋଇ ଚାଟିରି ଭୋଗ ଖାଉ ଥିବା ବେଳେ ଗତ ଲଘୁଚାପ ବର୍ଷାରେ ବନ୍ଧ ଭୁଶୁଡି ପଡିଛି। ଯାହାକି ଏହି ବନ୍ଧ ଆଗାମୀ ବର୍ଷା ଦିନରେ ଓ ବନ୍ୟା ପାଣି ସମୟରେ ମାଟି ବତୁରି ଯାଇ ଠାକୁଠା ଘାଇ ହେବାର ଆଶଙ୍କା ସମ୍ପୂର୍ଣ୍ଣ ମାତ୍ରାରେ ଦେଖା ଦେଇଛି ବୋଲି ଅଞ୍ଚଳବାସୀ କହିଛନ୍ତି। ତେଣୁ ଏଦିଗରେ ଭିଜିଲାନ୍ସ ବିଭାଗ ଦ୍ୱାରା ବିଧିବଦ୍ଧ ଭାବରେ ତଦନ୍ତ କଲେ କୋଟି କୋଟି ଟଙ୍କା ଦୁର୍ନୀତିର ଗନ୍ଧ ଲୋକ ଲୋଚନକୁ ଆସି ପାରନ୍ତା ବୋଲି ଅଞ୍ଚଳ ବାସି ଦାବି କରି ଛନ୍ତି। ଏନେଇ ବିଭାଗର ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀଙ୍କୁ ପଚାରି ବାରେ ସେ କହି ଛନ୍ତି କାର୍ଯ୍ୟ ଶେଷ ହେବାକୁ ଆଉ ଦୁଇ ବର୍ଷ ପର୍ଯ୍ୟନ୍ତ ମିଆଦ ଅଛି। ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଏସବୁ ଦୁର୍ନୀତି ଓ ନିମ୍ନ ମାନର କାର୍ଯ୍ୟ ଠିକାଦାର ପ୍ରୀତି ସହକାରୀ ଯନ୍ତ୍ରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଅଛି ବୋଲି ଜାଣିବା ଶୁଣିବା ମହଲ ଆଲୋଚନା କରୁଛନ୍ତି। ଏ ସଂକ୍ରାନ୍ତ ଅଭିଯୋଗ ନେଇ ଉଚ୍ଚସ୍ତରୀୟ ତଦନ୍ତ ହେଲେ କାହା ସହିତ କାହାର ସଲାସୁତରା ଅଛି ତାହା କର୍ତ୍ତୃପକ୍ଷ ଜାଣି ପାରନ୍ତେ ବୋଲି କୁହାଯାଇଛି।

## ରେଢ଼ାଖୋଲ ରଥଯାତ୍ରାରେ ପ୍ରକମ୍ପିତ ସାରା ସହର: ଶ୍ରୀଗୁଣ୍ଡିଚା ମନ୍ଦିରକୁ ପହଣ୍ଡିରେ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

ରେଢ଼ାଖୋଲ, ୧୭।୭(ନିପ୍ର):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ସାରା ଓଡ଼ିଶାରେ ପ୍ରସିଦ୍ଧ ଲାଭ କରିଛି। ଏହି ରଥଯାତ୍ରା ମହାପ୍ରଭୁଙ୍କ ରାଜବଂଶ ଅମଳରୁ ଚାଲି ଆସିଥିବାରୁ ରେଢ଼ାଖୋଲ ଅଞ୍ଚଳରେ ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଥାଏ। ଏଥିରେ ଚତୁର୍ଦ୍ଧା ମୂର୍ତ୍ତୀ ଙ୍କୁ ବିଧିବଦ୍ଧ ଭାବରେ ପୂଜାର୍ଚ୍ଚନା କରି ରେଢ଼ାଖୋଲ ରାଜବଂଶର ରାଜା ପୃଥ୍ୱୀ ରାଜ ଚନ୍ଦ୍ର ଦେଓ ଜେନାମଣିଙ୍କ ଦ୍ୱାରା ଛେରା ପହଁରା କରାଯାଇଥିଲା। ବ୍ରହ୍ମ ସମାଜ ପକ୍ଷରୁ ସେବାୟତ ମାନଙ୍କ ଦ୍ୱାରା ପହଣ୍ଡି ଯାତ୍ରା ଅନୁଷ୍ଠିତ କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥରେ ବିରାଜମାନ କରିଥିଲେ। ହଜାର ହଜାର ସଂଖ୍ୟାରେ ଭକ୍ତ ମାନଙ୍କ ସମାଗମରେ ରଥଟଣା ଆରମ୍ଭ ହେବା ପରେ ଘଣ୍ଟ ଖଞ୍ଜ, ଦୁଲଦୁଲି ବାଦ୍ୟ, ନାମ କୀର୍ତ୍ତନ ଓ ହୁଳ ହୁଳିରେ, ଘଣ୍ଟବାଜା, ଓଡ଼ିଶୀ ନୃତ୍ୟରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇ ଉଠୁଥିଲା। ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନ ମଧ୍ୟରେ ଅପୂର୍ବ ମିଳନ ହୋଇ ଭକ୍ତମାନେ ରଥରୁଢ଼ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ଅଶ୍ରୁଳ ନୟନରେ ଭାବ ବିଭୋର ହୋଇ ପଡ଼ିଥିଲେ। ପ୍ରଥମଦିନ ଉଭୟ ରଥଟଣା ହୋଇ ମହାପ୍ରଭୁଙ୍କ ଅଧା ବାଟରେ ବାଟ ରହଣି କରାଯାଇଥିଲା। ପବିତ୍ର ରଥଯାତ୍ରା ଅବସରରେ ରେଢ଼ାଖୋଲ ନଗର ଭକ୍ତି ଭାବରେ ଗୁଞ୍ଜରିତ ହୋଇଉଠିଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ଘୋଷଯାତ୍ରାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମାନ୍ୟବର ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ରେଢ଼ାଖୋଲର ସ୍ଥାନୀୟ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସାମିଲ ହୋଇ ରଥ ଟାଣିବା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଥିଲେ। ଭକ୍ତ ଓ ଭଗବାନଙ୍କ ଏହି ଅନାବିଳ ପ୍ରେମର ମହାମିଳନ ପର୍ବରେ ଉପସ୍ଥିତ ରହି ମନ୍ତ୍ରୀ ଓ ବିଧାୟକ ମହାପ୍ରଭୁଙ୍କ ରଥର ଦଉଡ଼ିକୁ ସ୍ପର୍ଶ କରିବା ସହ ଭକ୍ତମାନଙ୍କ ସହ ମିଶି ରଥ ଟାଣିଥିଲେ। ରଥ ଟାଣିବା ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ, 'ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ରଥ ଟାଣିବା ମୋ ଜୀବନର ଅନ୍ୟତମ ଶ୍ରେଷ୍ଠ ଓ ସ୍ମରଣୀୟ ମୁହୂର୍ତ୍ତ। ମନ ଏବଂ ପ୍ରାଣ ଆଧ୍ୟାତ୍ମିକ ଭାବରେ



ଅଭିଭୂତ ହୋଇପଡିଛି। ଏହି ଅବସରେ ମହାପ୍ରଭୁଙ୍କ ନିକଟରେ ସମଗ୍ର ଓଡ଼ିଶାବାସୀ ଏବଂ ସମଗ୍ର ମାନବ ସମାଜର ସୁଖ, ସମୃଦ୍ଧି ଓ ମଙ୍ଗଳମୟ ଜୀବନ ପାଇଁ ପ୍ରାର୍ଥନା କଲି। ହେଲେ ଦ୍ୱିତୀୟ ଦିନରେ ପ୍ରବଳ ବର୍ଷାରେ ମଧ୍ୟ ଭକ୍ତ ମାନଙ୍କ ଦ୍ୱାରା ନନ୍ଦିଘୋଷ ରଥ ଟଣା ପରେ ଶ୍ରୀ ଜଗନ୍ନାଥଙ୍କ ଦେବଦଳନ ରଥ ଟଣା ହୋଇ ଶେଷରେ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡିରେ ବିଜେକଲେ ଚତୁର୍ଦ୍ଧାମୂର୍ତ୍ତି।

ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନମାନଙ୍କ ପକ୍ଷରୁ ଭକ୍ତମାନଙ୍କ ପାଇଁ ଖାଦ୍ୟ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା।

■ ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କ ଆହୁରି ମଜଭୁତ ହେବ

# ନୌସେନାକୁ ମିଳିଲା 'ଏମଏଚ୍-୬୦ଆର୍ ସିହକ୍' ହେଲିକପ୍ଟର



କୋଚି, ୧୭/୭: ଭାରତ ଓ ଆମେରିକା ପ୍ରତିରକ୍ଷା ସାଙ୍ଗଠନିକ ସାଝେଦାରୀ କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ଭାରତୀୟ ନୌସେନାକୁ ଆଉ ଏକ ଅତ୍ୟାଧୁନିକ 'ଏମଏଚ୍-୬୦ଆର୍ ସିହକ୍' ବହୁମୁଖୀ ସାମରିକ ହେଲିକପ୍ଟର ପ୍ରଦାନ କରାଯାଇଛି। ଗତ ସପ୍ତାହରେ କେରଳର କୋଚିଠାରେ ଆମେରିକା ପକ୍ଷରୁ ଏହି ହେଲିକପ୍ଟର ହସ୍ତାନ୍ତର କରାଯାଇଥିବା ବେଳେ ଚଳିତ ସପ୍ତାହରେ ଆଉ ଦୁଇଟି ହେଲିକପ୍ଟର ଭାରତରେ ପହଞ୍ଚିବ ବୋଲି ନୂଆଦିଲ୍ଲୀ ସ୍ଥିତ ଆମେରିକୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଫଳତାକୁ ନେଇ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଜିଓ ଗୋର ଖୁସି ବ୍ୟକ୍ତ କରିବା ସହ ଏହା ଇଣ୍ଡୋ-ପ୍ୟାସିଫିକ୍ (ଭାରତ-ପ୍ରଶାନ୍ତ ମହାସାଗରୀୟ) କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି କହିଛନ୍ତି। ଭାରତୀୟ ନୌସେନାର ହେଲିକପ୍ଟର ବାହିନୀକୁ ଆଧୁନିକୀକରଣ କରିବା ଲକ୍ଷ୍ୟରେ ୨୦୨୦ ମସିହାରେ ଆମେରିକା ସହ ପ୍ରାୟ ୨୪ଟି 'ଏମଏଚ୍-୬୦ଆର୍ ସିହକ୍' ହେଲିକପ୍ଟର କ୍ରୟ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨୦୨୪ ମାର୍ଚ୍ଚ ମାସରେ କୋଚିର ଆଇଏନଏସ୍ ଗରୁଡ଼ଠାରେ ଏହାକୁ ଆନୁଷ୍ଠାନିକ ଭାବେ ନୌସେନାରେ ସାମିଲ କରାଯାଇଥିଲା। ଏହି କ୍ରମରେ ୨୦୨୫ ଡିସେମ୍ବରରେ ଭାରତ ସରକାର ପ୍ରାୟ ୭,୯୯୫ କୋଟି ଟଙ୍କା ବ୍ୟୟରେ ଏହାର ଦୀର୍ଘକାଳୀନ ରକ୍ଷଣାବେକ୍ଷଣ ଓ ଲଜିଷ୍ଟିକ୍ ସହାୟତା ପାଇଁ ଆମେରିକାର ଲକହିଡ୍ ମାର୍ଟିନ୍ କମ୍ପାନୀ ସହ ଏକ ସ୍ୱତନ୍ତ୍ର ଚୁକ୍ତି ମଧ୍ୟ କରିଛନ୍ତି। 'ରୋମିଓ' ନାମରେ ପରିଚିତ ଏହି 'ଏମଏଚ୍-୬୦ଆର୍ ସିହକ୍' ହେଲିକପ୍ଟର ବିଶ୍ୱର ସବୁଠାରୁ ବହୁମୁଖୀ ଓ ଶକ୍ତିଶାଳୀ ନୌସେନା ହେଲିକପ୍ଟର ମଧ୍ୟରୁ ଅନ୍ୟତମ। ଏହା ଶତ୍ରୁପକ୍ଷର ବୁଡ଼ାଜାହାଜ ନଷ୍ଟ କରିବା, ସାମୁଦ୍ରିକ ସର୍ଭେଲାନ୍ସ, ଯୁଦ୍ଧ ଜାହାଜରୁ ଅପରେସନ ପରିଚାଳନା, ସର୍ଚ୍ଚ ଆଣ୍ଡ ରେସକ୍ୟୁ ଏବଂ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ସକ୍ଷମ। ଏହା ଅତ୍ୟାଧୁନିକ ମଲ୍ଟି-ମୋଡ୍ ରାଡାର, ହେଲଫାୟାର ମିସାଇଲ, ଏବଂ ହାଲୁକା ଟର୍ପିଡୋରେ ସଜ୍ଜିତ ହୋଇଥିବାରୁ ଏହା ଭାରତ ମହାସାଗରରେ ଚୀନ୍ କିମ୍ବା ଅନ୍ୟ କୌଣସି ସାମୁଦ୍ରିକ ବିପଦର ମୁକାବିଲା କରିବା ପାଇଁ ଭାରତୀୟ ନୌସେନାର ଶକ୍ତିକୁ ଦ୍ୱିଗୁଣିତ କରିବ।

■ ୨୦୨୦ ଦିଲ୍ଲୀ ଦଙ୍ଗା ମାମଲା

## ଶାର୍ଜିଲ୍ ଇମାମଙ୍କ ଜାମିନ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟଙ୍କ ନୋଟିସ୍



ନୂଆଦିଲ୍ଲୀ, ୧୭/୭: ୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ପଛରେ ଥିବା ବୃହତ ଷଡ଼ଯନ୍ତ୍ର ମାମଲାରେ ଗିରଫ ହୋଇଥିବା ଛାତ୍ର ନେତା ଶାର୍ଜିଲ୍ ଇମାମଙ୍କ ଜାମିନ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଦିଲ୍ଲୀ ପୋଲିସକୁ ନୋଟିସ୍ ଜାରି କରିଛନ୍ତି। ଜଷ୍ଟିସ୍ ପ୍ରତିଭା ଏମ୍. ସିଂ ଓ ଜଷ୍ଟିସ୍ ବିକାଶ ମହାଜନଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାରେ ପୋଲିସଠାରୁ ଜବାବ ତଲବ କରିବା ସହ ପରବର୍ତ୍ତୀ ଶୁଣାଣି ତାରିଖ ଆସନ୍ତା ଅଗଷ୍ଟ ୨୭ କୁ ଧାର୍ଯ୍ୟ କରିଛନ୍ତି। ଗତ ଜୁଲାଇ ୪ ତାରିଖରେ ନିମ୍ନ ଅଦାଲତ ଶାର୍ଜିଲ୍ ଓ ଉମର ଖାଲିଦଙ୍କ ନୂତନ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ, ଯାହା ବିରୋଧରେ ଶାର୍ଜିଲ୍ ତାଙ୍କ ଓକିଲଙ୍କ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶାର୍ଜିଲଙ୍କ ପକ୍ଷରୁ କୋର୍ଟରେ ଯୁକ୍ତି ଦର୍ଶାଯାଇଛି ଯେ, ନିମ୍ନ ଅଦାଲତ ଜାମିନ ଆବେଦନ ଉପରେ ବିଚାର ନକରି ଏକ ବଡ଼ ଭୁଲ୍ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଜାନୁଆରୀ ନିର୍ଦ୍ଦେଶ ପରଠାରୁ ଏପର୍ଯ୍ୟନ୍ତ ଏହି ମାମଲାର ବିଚାର ପ୍ରକ୍ରିୟାରେ କୌଣସି ପ୍ରଗତି ହୋଇନାହିଁ ଏବଂ ଅଭିଯୋଗ ମଧ୍ୟ ଗଠନ କରାଯାଇନାହିଁ। ଅପରପକ୍ଷେ, ଦିଲ୍ଲୀ ପୋଲିସ ପକ୍ଷରୁ ହାଜର ହୋଇଥିବା ଏଏସଜି ଏସ.ଭି. ରାଜୁ ଜାମିନ ଆବେଦନକୁ ବିରୋଧ କରି କହିଛନ୍ତି ଯେ, କୋର୍ଟ ପୂର୍ବରୁ ହିଁ ବିଚାର ପ୍ରକ୍ରିୟାରେ ବିଳମ୍ବ ସମ୍ପର୍କିତ ଦିଗକୁ ଦୃଷ୍ଟିରେ ରଖି ଜାମିନ ଖାରଜ କରିଛନ୍ତି। ସୂଚନାଯୋଗ୍ୟ ଯେ, ସିଏଏ ବିରୋଧୀ ଆନ୍ଦୋଳନ ସମୟରେ ହୋଇଥିବା ଦିଲ୍ଲୀ ଦଙ୍ଗାରେ ୫୩ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ଏହି ମାମଲାରେ ୨୦୨୦ ଜାନୁଆରୀ ୨୮ ରେ ଶାର୍ଜିଲଙ୍କୁ ୟୁଏପିଏ ଆଇନ ବଳରେ ଗିରଫ କରାଯାଇଥିଲା।

## ଓ୍ୱାଙ୍ଗଚୁକଙ୍କ ଅନଶନ: କେନ୍ଦ୍ର ସରକାର ହେଲେ ତତ୍ପର

ନୂଆଦିଲ୍ଲୀ, ୧୭।୭: ସୋନମ ଓ୍ୱାଙ୍ଗଚୁକଙ୍କ ଅନଶନର ତୃତୀୟ ସପ୍ତାହ ଆରମ୍ଭ ହେବା ପରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ତତ୍ପର ହୋଇଉଠିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦିଲ୍ଲୀର ତିନୋଟି ହସ୍ପିଟାଲକୁ ନିର୍ଦ୍ଦେଶ ଦେଇଛି ଯେ ସେମାନେ ଜନ୍ତର-ମନ୍ତରରେ ଚାଲିଥିବା ଅନଶନରେ ସାମିଲ ଥିବା ପରିବେଶବିତ୍ ସୋନମ ଓ୍ୱାଙ୍ଗଚୁକ ଏବଂ ଅନ୍ୟ ଲୋକମାନଙ୍କର ଦିନକୁ ଦୁଇଥର ମେଡିକାଲ ଯାଞ୍ଚ କରନ୍ତୁ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶ ସେମାନଙ୍କର 'ବର୍ଡର-ଲାଇନ କଣ୍ଡିସନ' (ଜଟିଳ ସ୍ୱାସ୍ଥ୍ୟାବସ୍ଥା) ଏବଂ ଦୀର୍ଘ ସମୟ ଧରି ଭୋକିଲା ରହିବା ଯୋଗୁ" ଶରୀରର ଅଙ୍ଗପ୍ରତ୍ୟଙ୍ଗ ହଠାତ୍ କାମ କରିବା ବନ୍ଦ କରିଦେବା ଭଳି ମେଡିକାଲ ଇମରଜେନ୍ସିକୁ ଧ୍ୟାନରେ ରଖି ଜାରି କରାଯାଇଛି।

## ଶବ ନମିଳିଲେ ବି ହେବ ହତ୍ୟା ମାମଲାରେ ସଜା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭/୭: 'ଶବ ନମିଳିବା ମାନେ ଏହା ନୁହେଁ ଯେ ହତ୍ୟାକାଣ୍ଡ ଘଟିନାହିଁ।' ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ପୀଡ଼ିତଙ୍କ ମୃତଦେହ କେବେ ହେଲେ ଉଦ୍ଧାର କରାଯାଇ ନଥାଏ, ତଥାପି ବିଶ୍ୱସନୀୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇପାରିବ। କୋର୍ଟ ଚେତାବନୀ ଦେଇ କହିଛନ୍ତି ଯେ ଯଦି ଶବ ମିଳିବାକୁ ଅନିବାର୍ଯ୍ୟ ବୋଲି ଧରାଯାଏ, ତେବେ ଚତୁରତାର ସହ ଶବକୁ ଗାଏବ କରିଦେଇଥିବା ହତ୍ୟାକାରୀମାନେ ଆଇନରୁ ସହଜରେ ଖସିଯିବେ। ଜଷ୍ଟିସ୍ ସଞ୍ଜୟ କରୋଲ ଏବଂ ଜଷ୍ଟିସ୍ ପ୍ରସନ୍ନ ବି. ବରାଲେଙ୍କ ଖଣ୍ଡପୀଠ ଆସାମର ଜଣେ ବ୍ୟକ୍ତିଙ୍କୁ ମିଳିଥିବା ଆଜୀବନ କାରାଦଣ୍ଡାଦେଶକୁ କାଏମ ରଖି ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଦେବଜିତ ପାଙ୍କିକା ୨୦୧୫ ମସିହାରେ ତାଙ୍କ ଘରେ ରହୁଥିବା ଜଣେ ୧୦ ବର୍ଷର ପୋଷ୍ୟ କନ୍ୟାକୁ ହତ୍ୟା କରି ଶବକୁ ନଦୀରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା, ଯାହାକୁ ପୋଲିସ କେବେ ଖୋଜି ପାଇନଥିଲା।

## ବିହାର ନିର୍ବାଚନ ପୂର୍ବରୁ ଆରଜେଡିକୁ ଝଟ୍କା

**ପାଟନା, ୧୭/୭:** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି)କୁ ଏକ ବଡ଼ ରାଜନୈତିକ ଧକ୍କା ଲାଗିଛି। ଦଳର ଜଣାଶୁଣା ଚେହେରା ତଥା ମୁଖ୍ୟ ମୁଖପାତ୍ର ମୃତ୍ୟୁଞ୍ଜୟ ତିୱାରୀ ଆରଜେଡିର ପ୍ରାଥମିକ ସଦସ୍ୟତା ପଦରୁ ସାଙ୍ଗଠନିକ ବିବାଦ କାରଣରୁ ଇସ୍ତଫା ଦେଇଛନ୍ତି।ଇସ୍ତଫା ଦେବା ପରେ ସେ ଦଳର ଶୀର୍ଷ ନେତୃତ୍ୱ ଏବଂ ଆଭ୍ୟନ୍ତରୀଣ ସଂଗଠନ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ତିୱାରୀ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ବର୍ତ୍ତମାନ ଏଭଳି କିଛି ଚାଟୁକାର ଲୋକଙ୍କ ଦ୍ୱାରା ଘେରି ରହିଛନ୍ତି, ଯେଉଁମାନେ ଦଳକୁ ବରବାଦ କରିଦେଇଛନ୍ତି। ମୃତ୍ୟୁଞ୍ଜୟଙ୍କ ଏହି ନିଷ୍ପତ୍ତି ଆରଜେଡି ପାଇଁ ଆଗାମୀ ନିର୍ବାଚନରେ ବଡ଼ ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ମୃତ୍ୟୁଞ୍ଜୟ ତିୱାରୀଙ୍କୁ ଦୀର୍ଘ ଦିନ ଧରି ତେଜସ୍ୱୀ ଯାଦବଙ୍କ ଅତି ନିକଟତର ଏବଂ ଜଣେ ଭରସାଯୋଗ୍ୟ ନେତା ଭାବେ ଗଣାଯାଉଥିଲା।

**ଚଣ୍ଡିଗଡ଼ରେ ବିଭିନ୍ନ ବିକାଶ ପ୍ରକଳ୍ପର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ**

# ଭବିଷ୍ୟତର ପ୍ରଯୁକ୍ତି ଓ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ




ଚଣ୍ଡିଗଡ଼, ୧୭।୭: ଏକ ବିକଶିତ ଭାରତ ଗଠନ ପାଇଁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଆଧୁନିକ ସ୍ୱାସ୍ଥ୍ୟସେବା ଉପରେ ଧ୍ୟାନ କେନ୍ଦ୍ରିତ କରି ଆଗକୁ ବଢ଼ିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଚଣ୍ଡିଗଡ଼ରେ ଏକ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି। ସେ କହିଥିଲେ ଯେ, କୋରୋନା ମହାମାରୀ ସମୟରେ ଭାରତ ଏପରି ଏକ ଦେଶ ଭାବେ ଉଭା ହୋଇଥିଲା, ଯିଏ ବିଶ୍ୱରୁ ସାହାଯ୍ୟ ଚାହୁଁ ନଥିଲା, ବରଂ ବିଶ୍ୱକୁ ସହାୟତା ପ୍ରଦାନ କରୁଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଚଣ୍ଡୀଗଡ଼ କେବଳ ଏକ ସହର ନୁହେଁ, ବରଂ ଯୋଜନାବଦ୍ଧ ବିକାଶ, ଉନ୍ନତ ଜୀବନଶୈଳୀ ଏବଂ ଆଧୁନିକ ଚିକିତ୍ସା ସୁବିଧାର ଏକ ମଡେଲ। ହରିୟାଣା, ପଞ୍ଜାବ, ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀରର ଲୋକମାନଙ୍କ ପାଇଁ ଚଣ୍ଡିଗଡ଼ ହେଉଛି ସ୍ୱାସ୍ଥ୍ୟ ସେବାର ପ୍ରମୁଖ କେନ୍ଦ୍ର ଏବଂ ଏନ୍. ଡି. ଏ. ସରକାର ଏହାର ବିକାଶକୁ ନିରନ୍ତର ପ୍ରାଥମିକତା ଦେଉଛନ୍ତି। ସେ କହିଥିଲେ ଯେ ଗତ ୧୨ ବର୍ଷ ମଧ୍ୟରେ ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅଭୂତପୂର୍ବ ସମ୍ପ୍ରସାରଣ ହୋଇଛି। ୨୦୧୪ ମସିହା ପରେ, ୧୫ଟି ନୂତନ ଏମ୍ସକୁ ମଞ୍ଜୁରି ଦିଆଯାଇଥିଲା, ଶହ ଶହ ନୂତନ ମେଡ଼ିକାଲ କଲେଜ ପ୍ରତିଷ୍ଠା କରାଯାଇଥିଲା ଏବଂ କର୍କଟ ଭଳି ଗମ୍ଭୀର ରୋଗର ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରଖାନାଗୁଡ଼ିକର ସମ୍ପ୍ରସାରଣ କରାଯାଇଥିଲା। ଏବେ ଦେଶରେ ମେଡ଼ିକାଲ କଲେଜଗୁଡ଼ିକର ସଂଖ୍ୟା ପ୍ରାୟ ଦ୍ୱିଗୁଣିତ ହୋଇଛି ଏବଂ ଏମ୍. ବି. ବି. ଏସ୍. ଏବଂ ସ୍ନାତକୋତ୍ତର ମେଡ଼ିକାଲ ସିଟ୍ଗୁଡ଼ିକରେ ରେକର୍ଡ ବୃଦ୍ଧି ଘଟିଛି। ସେ ଘୋଷଣା କରିଥିଲେ ଯେ ପି. ଜି. ଆଇ. ଚଣ୍ଡିଗଡ଼ରେ ଏମ. ବି. ବି. ଏସ୍. କଲେଜକୁ ମଧ୍ୟ ମଞ୍ଜୁରି ମିଳିଛି ଏବଂ ଖୁବ୍ ଶୀଘ୍ର ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ।ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ ଅଧୀନରେ ସାରା ଦେଶରେ ପାଖାପାଖି ୧ ଲକ୍ଷ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ରହିଛି, ଯେଉଁଠାରେ ଚିକିତ୍ସା ସହିତ ୧୨ ପ୍ରକାରର ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି।

## ସ୍କୁଲ ଭ୍ୟାନକୁ ଧକ୍କା ଦେଲା ଟ୍ରେନ୍: ୩ ଛାତ୍ର ମୃତ




ମୁର୍ସିଦାବାଦ, ୧୭/୭: ପଶ୍ଚିମବଙ୍ଗରେ ଏକ ଦୁଃଖଦ ଘଟଣାକ୍ରମରେ ମୁର୍ସିଦାବାଦ ଜିଲ୍ଲାର ଆଜିମଗଞ୍ଜ-କଟଓ୍ୱା ସେକ୍ସନର କର୍ଣ୍ଣସୁବର୍ଣ୍ଣ ଷ୍ଟେସନ ଓ ଗୋବିନ୍ଦପୁର ରେଳ ଫାଟକ ମଧ୍ୟରେ ଶୁକ୍ରବାର ଏକ ଲୋକାଲ ଟ୍ରେନ ସ୍କୁଲ ଭ୍ୟାନ୍‌କୁ ଧକ୍କା ଦେବାରୁ ତିନି ଜଣ ସ୍କୁଲ ଛାତ୍ର ଓ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଚାରି ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ସକାଳ ୭ଟାରେ ହୋଇଥିଲା। ଅନ୍ୟ ଚାରି ଜଣ ଛାତ୍ର ଓ ଭ୍ୟାନ୍ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ନିମତିତା-କାଟଓ୍ୱା ଲୋକାଲ୍ ଟ୍ରେନ୍ ଡାଉନ୍ ଲାଇନରେ ଯାତ୍ରା କରୁଥିବା ସମୟରେ ଏକ ଖୋଲା ଲେଭଲ୍ କ୍ରସିଂରେ ସ୍କୁଲ ଭ୍ୟାନକୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅଭିଯୋଗ ଅନୁଯାୟୀ ହାଓ୍ୱଡ଼ା ଯାଉଥିବା ନବଦ୍ୱୀପ ଏକ୍ସପ୍ରେସ୍ ଅପ୍ ଲାଇନ ଦେଇ ଯିବା ପରେ ଗୋବିନ୍ଦପୁର ରେଳ ଫାଟକ ଖୋଲା ରହିଥିଲା। ଏକ ଘରୋଇ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଯାଉଥିବା ଭ୍ୟାନ୍ ଓ ଜଣେ ସାଇକେଲ ଆରୋହୀ ଫାଟକ ଖୋଲା ଥିବାରୁ ସେହି ରାସ୍ତା ଦେଇ ରେଳଲାଇନ ପାର ହେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଆସୁଥିବା ଲୋକାଲ ଟ୍ରେନ୍ ସ୍କୁଲ ଭ୍ୟାନକୁ ଧକ୍କା ଦେଇଥିଲା। ଟ୍ରେନ୍ ଧକ୍କାରେ ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ସ୍ଥାନୀୟ ବାସିନ୍ଦାମାନେ ଗାଡ଼ିରୁ ଆହତମାନଙ୍କୁ ବାହାର କରିଥିଲେ। ଆହତମାନଙ୍କୁ ପ୍ରଥମେ କର୍ଣ୍ଣସୁବର୍ଣ୍ଣ ବ୍ଲକ ହସ୍ପିଟାଲକୁ ନିଆଯାଇଥିଲା ଓ ପରେ ଗୁରୁତର ଅବସ୍ଥାରେ ଥିବା ଲୋକଙ୍କୁ ମୁର୍ସିଦାବାଦ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

## ସ୍ୱାମୀଙ୍କୁ ହତ୍ୟା ପାଇଁ ପ୍ରେମିକକୁ ଲାଇଭ୍ ଲୋକେସନ୍ ପଠାଇଥିଲା ସ୍ତ୍ରୀ

ଚିତ୍ତୁର, ୧୭/୭: ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରେ ଅମାବାସ୍ୟା ଅବସରରେ ମନ୍ଦିର ଦର୍ଶନ କରିବାକୁ ଯାଇ ପ୍ରେମିକ ସହ ମିଶି ୧୯ ବର୍ଷୀୟ ମହିଳା ହାସିନୀ ନିଜ ସ୍ୱାମୀ ରମେଶଙ୍କୁ(୨୩) ଅତି ନିର୍ମମ ଭାବେ ହତ୍ୟା କରିବା ଅଭିଯୋଗରେ ପୋଲିସ ଗିରଫ କରିଛି। ଗତ ମଙ୍ଗଳବାର ଘଟିଥିବା ଏହି ଏହି ରହସ୍ୟଜନକ ହତ୍ୟାକାଣ୍ଡକୁ ସିସିଟିଭି ଫୁଟେଜ୍, ମୋବାଇଲ୍ ଲୋକେସନ୍ ଓ ବୈଷୟିକ ଯାଞ୍ଚ ସାହାଯ୍ୟରେ ପୋଲିସ ମାତ୍ର କେଇ ଘଣ୍ଟା ମଧ୍ୟରେ ପର୍ଦ୍ଦାଫାସ କରିବାରେ ସଫଳ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବିବାହ ପରେ ମଧ୍ୟ ହାସିନୀ ତାର ପିଲାଦିନର ସାଙ୍ଗ ତଥା ପ୍ରେମିକ ଯୁଗନ୍ଧର (୨୦) ସହ ସମ୍ପର୍କ ରଖିଥିଲା ଏବଂ ଉଭୟ ରମେଶଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ପରେ ଗୁଡୁପଲ୍ଲେ ମଣ୍ଡଳର ଏକ ପାହାଡ଼ ଉପରେ ଥିବା ଶ୍ରୀ ମଲ୍ଲେଶ୍ୱର ସ୍ୱାମୀ ମନ୍ଦିରକୁ ଯିବା ପାଇଁ ହାସିନୀ ତାର ସ୍ୱାମୀକୁ ବାଧ୍ୟ କରିଥିଲେ। ବାଇକରେ ଯାତ୍ରା କରିବା ସମୟରେ ହାସିନୀ କ୍ରମାଗତ ଭାବେ ନିଜର 'ଲାଇଭ୍ ଲୋକେସନ୍' ପ୍ରେମିକ ସହ ସେୟାର୍ କରୁଥିଲେ।

## 'ବନ୍ଦେ ମାତରମ': ବିରୋଧ କଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୧୭।୭: ସଂସଦର ମୌସୁମୀ ଅଧିବେଶନରେ ଯାହା ଜୁଲାଇ ୨୦ରୁ ଆରମ୍ଭ ହେଉଛି, ଅନେକ ବିଲ ଉପସ୍ଥାପନ ପାଇଁ ତାଲିକାଭୁକ୍ତ ହୋଇଛି ଯେଉଁଥିରେ ଜାତୀୟ ଗୀତ 'ବନ୍ଦେ ମାତରମ'କୁ ଅପମାନ କରିବା କିମ୍ବା ଏହାର ପରିବେଷଣରେ ବାଧା ସୃଷ୍ଟି କରିବା କାର୍ଯ୍ୟକୁ ଦଣ୍ଡନୀୟ ଅପରାଧ କରିବା ପାଇଁ ଚେଷ୍ଟା କରୁଥିବା ବିଲ୍ ମଧ୍ୟ ଅନ୍ତର୍ଭୁକ୍ତ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପ୍ରଥମେ ରାଜ୍ୟ ସଭାରେ ଏହି ବିଲ ଆଗତ କରିବେ। ବିଲରେ 'ବନ୍ଦେ ମାତରମ'କୁ ଅପମାନିତ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଛି। ଏହା ନିର୍ଦ୍ଦେଶ ଦିଏ ଯେ 'ବନ୍ଦେ ମାତରମ'କୁ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ପରି ସମାନ ସମ୍ମାନ ଦିଆଯିବ। ସୂତ୍ର ଅନୁଯାୟୀ, ସରକାରୀ ରଣନୀତିକାରମାନେ ସମ୍ପୂର୍ଣ୍ଣ ନିଶ୍ଚିତ ଯେ ସରକାରଙ୍କ ପାଖରେ ଯେକୌଣସି ବିଲ୍ ପାସ କରିବା ପାଇଁ ଗୃହରେ ଆବଶ୍ୟକ ସଂଖ୍ୟା ଅଛି, ଏପରିକି ଯେଉଁ ବିଲ ପାଇଁ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ। ରିପୋର୍ଟ ଅନୁଯାୟୀ ସରକାର ଡିଏମକେର ସଦସ୍ୟମାନଙ୍କ ସହିତ ମଧ୍ୟ ଯୋଗାଯୋଗରେ ଅଛନ୍ତି। ଏହି ବିଲ୍‌ର ବ୍ୟବସ୍ଥା ଅନୁଯାୟୀ, ଯଦି କେହି ଜାଣିଶୁଣି ଜାତୀୟ ସଙ୍ଗୀତ କିମ୍ବା ଜାତୀୟ ଗୀତକୁ ମଝିରେ ବନ୍ଦ କରନ୍ତି, ଏହାର ପରିବେଷଣରେ ବାଧା ସୃଷ୍ଟି କରନ୍ତି, କିମ୍ବା ଏକ ସମାବେଶରେ ଏପରି ପ୍ରଦର୍ଶନ ସମୟରେ ହଙ୍ଗାମା କରନ୍ତି, ତେବେ ତାଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ।

## ଅନୁରାଗ କୁମାର ଦିଲ୍ଲୀ ପୁଲିସ କମିସନର ନିଯୁକ୍ତ



ନୂଆଦିଲ୍ଲୀ, ୧୭/୭: କେନ୍ଦ୍ର ସରକାର ଶୁକ୍ରବାର ୧୯୯୪ ବ୍ୟାଚ ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ଅନୁରାଗ କୁମାରଙ୍କୁ ଦିଲ୍ଲୀ ପୁଲିସର କମିସନର ଭାବେ ନିଯୁକ୍ତ କରିଛି। ବର୍ତ୍ତମାନ ଦିଲ୍ଲୀ ପୁଲିସର ମୁଖ୍ୟ ଥିବା ସତୀଶ ଗୋଲଛାଙ୍କୁ ଅବସର ଗ୍ରହଣର ନଅ ମାସ ପୂର୍ବରୁ ବଦଳି କରାଯାଇଛି। ଶୁକ୍ରବାର ସକାଳେ ଭାରତ ସରକାରଙ୍କ ଅଧୀନ ସଚିବ ରାକେଶ କୁମାର ସିଂହଙ୍କ ଦ୍ୱାରା ଜାରି ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ, ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ (ଏଜିଏମ୍‌ୟୁଟି) କ୍ୟାଡରର ୧୯୯୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅନୁରାଗ କୁମାରଙ୍କୁ ଦିଲ୍ଲୀ ପୁଲିସ କମିସନର ଭାବେ ନିଯୁକ୍ତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତାଙ୍କୁ ଦିଲ୍ଲୀ ପୁଲିସ କମିସନର ଭାବରେ ନିଯୁକ୍ତ କରାଯାଇଛି। ୧୯୯୨ ବ୍ୟାଚ ଆଇପିଏସ୍ ଅଧିକାରୀ ସତୀଶ ଗୋଲଛାଙ୍କୁ ନୂତନ ନିଯୁକ୍ତି ପାଇଁ ଦିଲ୍ଲୀ ଉପରାଜ୍ୟପାଳ ତରନଜିତ୍ ସିଂହ ସାନ୍ଧୁଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି।

# ଇରାନ ବିରୋଧରେ ଯୁଦ୍ଧରେ ଯୋଗଦେବ ପାକିସ୍ତାନ !

ଇସଲାମାବାଦ, ୧୭।୭: ଇରାନ ଏବଂ ଆମେରିକା ମଧ୍ୟରେ ଏକ ଚୁକ୍ତି ପାଇଁ ମଧ୍ୟସ୍ଥତା କରିବାକୁ ଚେଷ୍ଟା କରୁଥିବା ପାକିସ୍ତାନ ଏବେ ନିଜକୁ ଏକ ସଂଘର୍ଷରେ ଫସାଇପାରେ। ୟେମେନର ହୁଥି ବିଦ୍ରୋହୀମାନେ ସାଉଦି ଆରବ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିବାରୁ ଏହି ସମ୍ପର୍କିତ ଅନୁମାନ ସୃଷ୍ଟି ହୋଇଛି। ଏହି ଆକ୍ରମଣ ପରେ, ଇସଲାମାବାଦ ସାଉଦି ଆରବ ଏବଂ ଇରାନ ଉଭୟ ସହିତ ଭଲ ସମ୍ପର୍କ ବଜାୟ ରଖିବା କଷ୍ଟକର ହୋଇପାରେ। ପାକିସ୍ତାନ ଗତ ବର୍ଷ ସାଉଦି ଆରବ ସହିତ ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଥିଲା, ଯାହା ଫଳରେ ରାଜ୍ୟରେ ହଜାର ହଜାର ସୈନ୍ୟ ମୁତୟନ କରାଯାଇଥିଲା। ବର୍ତ୍ତମାନ ଏପରି ଆଶଙ୍କା ରହିଛି ଯେ ସାଉଦି ଆରବ ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତେଜନା ପାକିସ୍ତାନକୁ ସଂଘର୍ଷକୁ ଟାଣି ନେଇପାରେ। ଜଣେ ପାକିସ୍ତାନୀ ଅଧିକାରୀ ରଏଟର୍ସଙ୍କୁ କହିଛନ୍ତି, 'ଆମର ସରକାର ଏବଂ ଫିଲ୍ଡ ମାର୍ଶାଲ ଇରାନର ଶୀର୍ଷ ନେତୃତ୍ୱକୁ ସ୍ପଷ୍ଟ କରିଛନ୍ତି ଯେ ସାଉଦି ଆରବ ଉପରେ ଆକ୍ରମଣ ପାକିସ୍ତାନ ଉପରେ ଆକ୍ରମଣ। ଏହା ଆମର ଲାଲ ରେଖା।' ଇସଲାମାବାଦ ପୂର୍ବରୁ ସାଉଦି ଆରବ ଉପରେ ଇରାନୀ ଆକ୍ରମଣ ସମ୍ପର୍କରେ ଚିନ୍ତା ପ୍ରକାଶ କରିଥିଲା, କିନ୍ତୁ ଅଧିକାରୀ ଏବଂ ବିଶ୍ଳେଷକମାନେ ରଏଟର୍ସଙ୍କୁ କହିଛନ୍ତି ଯେ ସମ୍ପ୍ରତି ହୁଥି ଆକ୍ରମଣ ଇସଲାମାବାଦର ଚିନ୍ତାକୁ ଯଥେଷ୍ଟ ବୃଦ୍ଧି କରିଛି। ସୁରକ୍ଷା ବିଶେଷଜ୍ଞ ମହମ୍ମଦ ଆମିର ରାଣା କହିଛନ୍ତି ଯେ ପାକିସ୍ତାନ ଉତେଜନାର ଏତେ ଦ୍ରୁତ ବୃଦ୍ଧି ଆଶା କରିନଥିଲା। ଅଧିକାରୀମାନେ ଏହା ମଧ୍ୟ ଭୟ କରୁଛନ୍ତି ଯେ ହୁଥି ବିଦ୍ରୋହୀଙ୍କ ଦ୍ୱାରା ଆହୁରି ଆକ୍ରମଣ ସାଉଦି-ୟେମେନ ସୀମା ନିକଟରେ ମୁତୟନ ପାକିସ୍ତାନୀ ସୈନ୍ୟଙ୍କ ସୁରକ୍ଷାକୁ ବିପଦରେ ପକାଇପାରେ ଏବଂ ରିୟାଦ ସହିତ ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଇସଲାମାବାଦ ଉପରେ ଚାପ ବୃଦ୍ଧି କରିପାରେ। ଅବସରପ୍ରାପ୍ତ ପାକିସ୍ତାନୀ ଜେନେରାଲ ଗୁଲାମ ମୁସ୍ତାଫା କହିଛନ୍ତି ଯେ ନେତୃତ୍ୱ ଉଭୟ ପକ୍ଷ ମଧ୍ୟରେ ଉତେଜନା ହ୍ରାସ କରିବା ପାଇଁ ଏବେ ବି କାର୍ଯ୍ୟ କରୁଛି।

## ଆମେରିକା ଲଢୁଆ ବିମାନ ଧ୍ୱଂସ: ଇରାନର ଦାବି

ତେହେରାନ, ୧୭/୭: ଆମେରିକା ଇରାନ ଉପରେ ଆକ୍ରମଣ କରି ଏହାର ଭିତ୍ତିଭୂମିକୁ ବ୍ୟାପକ ଭାବେ କ୍ଷତି ଘଟାଇଛି। ଅନ୍ୟପକ୍ଷରେ ଇରାନ ଦାବି କରିଛି ଯେ, ଜୋର୍ଡାନରେ ମୁତୟନ ଥିବା ଆମେରିକାର ଅନେକ ସାମରିକ ବିମାନ ଓ ଆକାଶରେ ଇନ୍ଧନ ଭର୍ତ୍ତି କରୁଥିବା ବିମାନକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ସାହାଯ୍ୟରେଆକ୍ରମଣ କରିଛି କ୍ଷତିଗ୍ରସ୍ତ କରିଦେଇଛି। ଇସଲାମିକ୍ ଗଣରାଜ୍ୟର ବିଭିନ୍ନ ସ୍ଥାନରେ ଆମେରିକା ଗୁରୁବାର ରାତିରେ ଆକ୍ରମଣ କରିବା ଯୋଗୁ ଅତି କମରେ ଆଠ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଇରାନ ଏହା କଡ଼ା ପ୍ରତିଶୋଧ ନେଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବୃଦ୍ଧି ପାଇବା ସହିତ ଜୋର୍ଡାନ ସେନା ତିନିଟି ଇରାନୀ କ୍ଷେପଣାସ୍ତ୍ରକୁ ଖସାଇ ଦେଇଥିବା କହିବାର କିଛି ଘଣ୍ଟା ପରେ ଇରାନ ଆମେରିକା ବିମାନ ଧ୍ୱଂସ କରିଥିବା କହିଛି। ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଏରୋସ୍ପେସ୍ ଫୋର୍ସ ଦ୍ୱାରା ଜାରି ଏକ ବିବୃତି ଅନୁଯାୟୀ, ଅପରେସନ୍ନାସର୍ ୨ର ୧୪ତମ ପର୍ଯ୍ୟାୟର ଅଂଶ ଭାବରେ ଦୁଇଟି ପର୍ଯ୍ୟାୟରେ ଆକ୍ରମଣ କରାଯାଇଥିଲା।

# ବିଏଲ୍ଏ ଆକ୍ରମଣରେ ୪୫ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ

**ଦେଶରେ ଏମର୍ଜେନ୍ସି ଭଳି ସ୍ଥିତି, ହାଇୱେ ବନ୍ଦ**



ଇସଲାମାବାଦ, ୧୭/୭: ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରାନ୍ତରେ ସେନା କାରକେଡ୍ ଉପରେ ଆକ୍ରମଣ। ଏହାପରେ ପୂରା ସୁରକ୍ଷା ତନ୍ତ୍ରକୁ ହାଇ ଆଲର୍ଟରେ ରଖାଯାଇଛି। ଗୁରୁବାର ମସ୍ତୁଙ୍ଗ ଜିଲ୍ଲାରେ ବଲୁଚ ଲିବରେସନ ଆର୍ମି (ବିଏଲଏ) ସେନା କାରକେଡ ଉପରେ ଆକ୍ରମଣ କରି ଥିଲା। ଏହାକୁ ଚଳିତ ବର୍ଷର ସବୁଠୁ ବଡ଼ ଆକ୍ରମଣ ମଧ୍ୟରୁ ଗୋଟିଏ ମନେ କରାଯାଉଛି। ବିଏଲଏ ଦାବି କରି ଥିଲା ଯେ, ଏହି ଆକ୍ରମଣରେ ୪୫ରୁ ଅଧିକ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଛି। ହେଲେ ପାକିସ୍ତାନ ସରକାର ଓ ସେନା ଏବେସୁଦ୍ଧା କିଛି କି ମୃତ୍ୟୁ ତଥ୍ୟ ସ୍ପଷ୍ଟ କରି ନାହିଁ। ପାକିସ୍ତାନୀ ଅଧିକାରୀମାନେ କେବଳ ଏତିକି ହିଁ ସ୍ୱୀକାର କରିଛନ୍ତି ଯେ, ସେନାର କାରକେଡ୍ ଆକ୍ରମଣର ଶିକାର ହୋଇ ଥିଲା ଏବଂ ଏହାପରେ ବଡ଼ ଧରଣର ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇ ଥିଲା। ଆକ୍ରମଣ ପରେ ବଲୁଚିସ୍ତାନର ରାଜଧାନୀ କ୍ୱେଟାର ଅନେକ ପ୍ରମୁଖ ହସ୍ପିଟାଲରେ ମେଡିକାଲ ଏମର୍ଜେନ୍ସି ଘୋଷିତ କରିଦିଆ ଯାଇଛି। ସିଭିଲ ହସ୍ପିଟାଲ କ୍ୱେଟା, ଘୌସ ବଖସ ରାଇସାନି ମେମୋରିଆଲ ହସ୍ପିଟାଲ ଓ ଆଖପାଖର ଅନ୍ୟ ଚିକିତ୍ସା କେନ୍ଦ୍ର ଗୁଡ଼ିକୁ ଆଲର୍ଟରେ ରଖାଯାଇଛି। ଆହତ ସୁରକ୍ଷା କର୍ମୀଙ୍କୁ ମସ୍ତୁଙ୍ଗରୁ ଆମ୍ବୁଲାନ୍ସ ମାଧ୍ୟମରେ ହସ୍ପିଟାଲରେ ପହଞ୍ଚା ଯାଇ ଥିଲା। ହେଲିକପ୍ଟର ଗନସିପ୍‌ର ସାହାଯ୍ୟରେ ମଧ୍ୟ ଆହତଙ୍କୁ ବାହାର କରିବା ଓ ଅଞ୍ଚଳରେ ନିଯୁକ୍ତ ସୈନିକଙ୍କୁ ସହାୟତା ପହଞ୍ଚାଇବା କାମ କରାଯାଇଛି। ପାକିସ୍ତାନ ଏବେସୁଦ୍ଧା ଏହା କହିନାହିଁ ଯେ, କେତେ ସୈନିକ ଆହତ ହୋଇଛନ୍ତି କିମ୍ବା ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ସୁରକ୍ଷା ସୂତ୍ରାନୁସାରେ, ସେନାର କାରକେଡ ପ୍ରାୟ ୧୦ ଟି ବସରେ ଯାତ୍ରା କରୁଥିବା ଯବାନଙ୍କର ଥିଲା, ସେମାନେ ଛୁଟିରେ ଯାଉଥିଲେ। ବିଏଲଏ କହିଛି ଯେ,ତାର ଟାର୍ଗେଟ୍ ଏହି ସେନା କାରକେଡ୍ ଥିଲା ଏବଂ ଆକ୍ରମଣ ବେଳେ ସୁରକ୍ଷା ବାହିନୀର ଅତିରିକ୍ତ ଦଳଙ୍କୁ ମଧ୍ୟ ଟାର୍ଗେଟ୍ କରାଯାଇ ଥିଲା।

● ସଞ୍ଜୟ ରାଉତଙ୍କ ବଡ଼ ଦାବି: ବଦଳିପାରନ୍ତି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ

# ଦେବେନ୍ଦ୍ର ଫଡନଭିସଙ୍କୁ କେନ୍ଦ୍ରରେ ମିଳିବ ବଡ଼ ଭୂମିକା



ମୁମ୍ବାଇ, ୧୭।୭: ଉଦ୍ଧବ ଠାକରେଙ୍କ ଶିବସେନାର ରାଜ୍ୟ ସଭା ଏମପି ସଞ୍ଜୟ ରାଉତ ଏକ ଗୁରୁତ୍ୱପୂର୍ଣ୍ଣ ଦାବି କରିଛନ୍ତି। ଶୁକ୍ରବାର (୧୭ ଜୁଲାଇ) ସେ କହିଛନ୍ତି ଯେ ଯଦି ଆଗାମୀ ମାସ ମଧ୍ୟରେ ମହାରାଷ୍ଟ୍ର କ୍ୟାବିନେଟର ପୁନର୍ଗଠନ ହୁଏ, ତେବେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ କେନ୍ଦ୍ରକୁ ଯାଇପାରନ୍ତି ଏବଂ ରାଜ୍ୟରେ ତାଙ୍କ ସ୍ଥାନରେ ଜଣେ ଭାଜପା ମନ୍ତ୍ରୀ ଆସିପାରନ୍ତି। ଶିବସେନା ର 'ରାମ ରକ୍ଷା ଆନ୍ଦୋଳନ' (ରାମ ସୁରକ୍ଷା ଅଭିଯାନ) ପୂର୍ବରୁ ନାଗପୁର ଗସ୍ତ ସମୟରେ ରାଉତ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଆଗାମୀ ମାସ କିମ୍ବା ଦୁଇ ମାସରେ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ସମ୍ଭାବ୍ୟ କ୍ୟାବିନେଟର ପୁନର୍ଗଠନ ବିଷୟରେ ପଚରାଯିବାରୁ, ସେ ମନ୍ତବ୍ୟ ଦେଇଥିଲେ ଯେ ଏପରି ପରିସ୍ଥିତିରେ ମହାରାଷ୍ଟ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇପାରେ। ସଞ୍ଜୟ ରାଉତ କହିଛନ୍ତି, 'ଯଦି କେନ୍ଦ୍ରରେ ପୁନର୍ଗଠନ ହୁଏ, ତେବେ ଫଡନଭିସ ଦେଶ ସେବା କରିବାକୁ ସେଠାକୁ ଯାଇପାରିବେ, ଏବଂ ଜଣେ ବରିଷ୍ଠ ଭାଜପା ମନ୍ତ୍ରୀ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ହୋଇପାରିବେ।' ରାଉତ ଉଲ୍ଲେଖ କରିଛନ୍ତି ଯେ ଅଯୋଧ୍ୟା ରାମ ମନ୍ଦିରରେ ପ୍ରସାଦ ଚୋରି ଅଭିଯୋଗର ପ୍ରତିବାଦରେ ଶିବସେନା ୧୮ରେ ନାଗପୁରରେ ଏକ 'ରାମ ରକ୍ଷା' ପ୍ରତିବାଦ ଆୟୋଜନ କରିଛି। ସେ କହିଛନ୍ତି ଯେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମେତ ସମସ୍ତ 'ହିନ୍ଦୁତ୍ୱ' ସଂଗଠନକୁ ଅଂଶଗ୍ରହଣ ପାଇଁ ନିମନ୍ତ୍ରଣ ପଠାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି, 'ଆମେ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କୁ ଅନୁରୋଧ କରିଛୁ ଯେ ଯଦି ସେ ବ୍ୟକ୍ତିଗତ ଭାବରେ ଯୋଗ ଦେଇପାରିବେ ନାହିଁ ତେବେ ସେ ଜଣେ ପ୍ରତିନିଧି ପଠାଇବେ। ସେହିପରି, ଭାଜପା ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ସ୍ଥାନୀୟ ବିଧାୟକମାନଙ୍କୁ ମଧ୍ୟ ନିମନ୍ତ୍ରଣ ପଠାଯାଇଛି।' ରାଉତ କହିଛନ୍ତି ଯେ ଭଗବାନ ରାମଙ୍କ ଭକ୍ତ ଏବଂ ବିଦର୍ଭ ଅଂଚଳର ବିଭିନ୍ନ ସ୍ଥାନରୁ ଶିବସେନା କର୍ମୀମାନେ 'ରାମ ରକ୍ଷା' ପ୍ରତିବାଦରେ ଅଂଶଗ୍ରହଣ କରିବେ। ବିଦର୍ଭ ଅଂଚଳରେ ନାଗପୁର ସମେତ ୧୧ଟି ଜିଲା ରହିଛି। ସଂସଦ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସୀମା ନିର୍ଦ୍ଧାରଣ ଉପରେ ସର୍ବଦଳୀୟ ବୈଠକ ଦାବି କରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖିବା ବିଷୟରେ ପଚରାଯିବାରୁ, ରାଉତ କହିଛନ୍ତି, 'ଆମେ ତାଙ୍କ (ଖାର୍ଗେଙ୍କ) ମତ ସହିତ ସହମତ।'

# ଆନ୍ତଃରାଜ୍ୟ ମୋବାଇଲ୍ ଚୋରି ଗ୍ୟାଙ୍ଗ୍ ଠାବ, ୮ ମହିଳା ଗିରଫ

ଭୁବନେଶ୍ୱର(ନିପ୍ର): ବେଶ କିଛିଦିନ ହେଲା ରାଜଧାନୀରେ ମୋବାଇଲ ଲୁଟପାଟ କରୁଥିବା ଏକ ଆନ୍ତଃରାଜ୍ୟ ମୋବାଇଲ୍ ଚୋରି ଗ୍ୟାଙ୍ଗ୍‌କୁ ନୂଆପଲ୍ଲୀ ଥାନା ପୁଲିସ ଠାବ କରିଛି। ଗ୍ୟାଙ୍ଗର ୮ଜଣ ମହିଳାଙ୍କୁ ପୋଲିସ ଗିରଫ କରିଛି। ଗିରଫ ମହିଳାଙ୍କ ଘର ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବଙ୍ଗଳାଦେଶ ସୀମାନ୍ତ ଅଞ୍ଚଳରେ ବୋଲି ଜଣାପଡିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତକିଛି ମାସ ଧରି ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବଙ୍ଗଳାଦେଶ ସୀମାନ୍ତ ଅଞ୍ଚଳର ଏକ ଆନ୍ତଃରାଜ୍ୟ ମୋବାଇଲ୍ ଚୋରି ଗ୍ୟାଙ୍ଗ୍ ଭୁବନେଶ୍ୱରରେ ସକ୍ରିୟ ରହି ଆମ ବସ୍‌ରେ ଯାତ୍ରୀଙ୍କ ମୋବାଇଲ୍, ନଗଦ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରୁଥିବା ସୂଚନା ମିଳିଥିଲା। ଏହି ସୂଚନାର ସତ୍ୟାସତ୍ୟ ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଆଜି ସକାଳେ ଥାନା ପରିସର ଅଞ୍ଚଳରେ ପାଟ୍ରୋଲିଂରେ ବାହାରିଥିଲେ। ସକାଳ ପ୍ରାୟ ୧୧.୪୫ ରେ ଆଠଜଣ ହିନ୍ଦୀଭାଷୀ ମହିଳା ସିଆରପି ଛକ ବସ୍ ଷ୍ଟପେଜରେ ଚୋରା ମୋବାଇଲ୍ କମ ଦାମରେ ବିକ୍ରି ପାଇଁ ଗ୍ରାହକଙ୍କ ସହ ଯୋଗାଯୋଗ କରୁଥିବା ଏବଂ ମାଷ୍ଟର କ୍ୟାଣ୍ଟିନ୍ ରେଳ ଷ୍ଟେସନ୍ ଅଭିମୁଖେ ଯିବା ପାଇଁ ଅଟୋରିକ୍ସାକୁ ଅପେକ୍ଷା କରିଥିବା ନେଇ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ମିଳିଥିବା ସୂଚନା ଆଧାରରେ ପୁଲିସ ଟିମ୍ ତୁରନ୍ତ ସିଆରପି ଛକ ବସ୍ ଷ୍ଟପେଜରେ ପହଞ୍ଚି ସନ୍ଦେହଜନକ ଅବସ୍ଥାରେ ବିଚରଣ କରୁଥିବା ଆଠଜଣ ମହିଳାଙ୍କୁ ଚିହ୍ନଟ କରିଥିଲେ ଏବଂ ସନ୍ଦେହ ଆଧାରରେ ସମସ୍ତଙ୍କୁ ଅଟକ ରଖାଯାଇ ଅଧିକ ଯାଞ୍ଚ ଆରମ୍ଭ କରାଯାଇଥିଲା। ତଲାସି ବେଳେ ମଙ୍ଗଳା ଅଶୋକ ହାଟଗଡେଙ୍କ ଭ୍ୟାନିଟି ବ୍ୟାଗରୁ ୬ଟି ଓ ରତ୍ନା ଲୋଣ୍ଡେଙ୍କ ଭ୍ୟାନିଟି ବ୍ୟାଗରୁ ୪ଟି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ବତ କରାଯାଇଥିଲା। ପଚରାଉଚରା ବେଳେ ସେମାନେ ସ୍ୱୀକାର କରିଥିଲେ ଯେ, ସେମାନେ ଉକ୍ତ ସମସ୍ତ ମୋବାଇଲ୍ ଫୋନ ଗୁଡିକୁ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଚୋରି/ଲୁଟ/ଛିନତାଇ କରି ସଂଗ୍ରହ କରିଥିଲେ। ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ଏକ ସୁସଂଗଠିତ ଆନ୍ତଃରାଜ୍ୟ ଚୋରି ଗ୍ୟାଙ୍ଗର ସଦସ୍ୟ। ଏହି ଗ୍ୟାଙ୍ଗରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଅନ୍ୟାନ୍ୟ ରାଜ୍ୟର ସଦସ୍ୟ ରହିଛନ୍ତି। ମହିଳା ଓ ଶିଶୁ ସଦସ୍ୟମାନେ ବସ୍, ବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଚୋରି କରୁଥିବାବେଳେ ପୁରୁଷ ସଦସ୍ୟମାନେ ଚୋରି ସାମଗ୍ରୀ ସଂଗ୍ରହ କରି ଅନ୍ୟ ରାଜ୍ୟରେ ବିକ୍ରି କରିଥାନ୍ତି। ସେମାନଙ୍କର କୌଣସି ସ୍ଥାୟୀ ଠିକଣା ନଥିବା ବେଳେ, ପୂର୍ବରୁ ମଧ୍ୟ ବହୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ମହାରାଷ୍ଟ୍ର,ପଶ୍ଚିମବଙ୍ଗ, ଝାଡଖଣ୍ଡ, ବିହାର ଓ ବଙ୍ଗଳାଦେଶ ସୀମାନ୍ତ ଅଞ୍ଚଳରେ ବିକ୍ରି କରିଥିବା ପ୍ରକାଶ କରିଥିଲେ । ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ଜାଣିବା ଲାଗି ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

## ବାଇକ୍ ସହିତ ୧୮ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ଭୁବନ: ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ଦ୍ୱାରା ଏକ ବାଇକ ସହିତ ୧୮ ଲିଟର ଦେଶୀ ମଦ ଜବତ ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନାନୁଯାୟୀ, ଢ଼େଙ୍କାନାଳ ଜିଲ୍ଲାପାଳ ଓ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଭୁବନ ଅବକାରୀ ଉପ ନିରୀକ୍ଷକ ବୁଲୁ ପାତ୍ର ପାଟ୍ରୋଲିଂରେ ଯାଇଥିବା ବେଳେ ଏକ ବାଇକରେ ବିପୁଳ ଦେଶୀ ମଦ ଆସୁଥିବା ଖବର ପାଇ ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ପଞ୍ଚାୟତ ନୂଆହାଟଠାରେ ଓଡ଼ି୦୪ ଏଚ ୩୧୫୦ ବିଶିଷ୍ଟ ମୋଟର ସାଇକେଲକୁ ଅଟକ ରଖି ଚଢ଼ଉ କରି ୧୮ ଲିଟର ଦେଶୀ ମଦ ଜବତ କରିବା ସହିତ ପୁରୁଷୋତ୍ତମ ସାମଲ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲେ । କେଶ୍ ନଂ ୫୪/୨୦୨୬-୨୭ ରେ ମାମଲା ରୁଜୁ କରାଯାଇଥିଲା । ପରେ ବି ଏନ୍ ଏସ ଧାରା ୩୫(୩) ଆଧାରରେ ତାଙ୍କୁ ଜାମିନରେ ଛଡ଼ା ଯାଇଥିଲା । ଭୁବନ ଅବକାରୀ ସବ୍ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଳ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନା ପ୍ରମୁଖ ଏହି ଚଢ଼ଉରେ ସହଯୋଗ କରିଥିଲେ ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ଦୁଇ ଧରାପଡ଼ିଲେ

ଭୁବନେଶ୍ୱର(ନି.ପ୍ର): ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରାଜେନ୍ଦ୍ର ପାତ୍ର ଓ ଜିତେନ୍ଦ୍ର ପାତ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ସୁକାନ୍ତି ପାତ୍ର ପରିବାର ସହ ଖଣ୍ଡଗିରି ଥାନା ଅନ୍ତର୍ଗତ ବାରଭୁଜା କମ୍ପ୍ଲେକ୍ସ ସ୍ଥିତ, ବିକାଶ ସ୍କୁଲ ନିକଟରେ ରହିଆସୁଛନ୍ତି। ଗତକାଲି ଅପରାହ୍ନ ପ୍ରାୟ ୩ଟା ସମୟରେ, ତାଙ୍କର ସମ୍ପର୍କୀୟା ଭାଣିଜୀ ନିଜ ଘର ନିକଟରେ ବସିଥିବା ବେଳେ, ରାଜେନ୍ଦ୍ର ଓ ଆକାଶ ନାମକ ଦୁଇ ସମ୍ପର୍କୀୟ ଦିଅର ଖରାପ ଉଦ୍ଦେଶ୍ୟ ନେଇ ସେଠାରେ ଆସି ପହଞ୍ଚିଥିଲେ ଓ ହଠାତ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଭାଣିଜୀ ଓ ତାଙ୍କ ସ୍ୱାମୀ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ତାଙ୍କ କଥା ଶୁଣିନଥିଲେ। ଏହାପରେ ସେମାନେ ଉଭୟଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ବେକକୁ ଜୋରରେ ଚାପିଧରିଥିଲେ। ଯେତେବେଳେ ଗୀତା ପାତ୍ର ଘଟଣାକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ, ସେମାନେ ତାଙ୍କୁ ମଧ୍ୟ ବେକ ଚାପି ଆକ୍ରମଣ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଘର ମାଲିକ ସୁକାନ୍ତ ଓ ବାଗୁ ଘଟଣାସ୍ଥଳରେ ପହଞ୍ଚି ଅପୋଷ ସମାଧାନ ପାଇଁ ପ୍ରୟାସ କରିବା ବେଳେ, ସେମାନଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା, ଯାହା ଫଳରେ ସୁକାନ୍ତଙ୍କ ନାକ ଓ ଶରୀରର ଅନ୍ୟାନ୍ୟ ଅଂଶରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ତଦନ୍ତ ସମୟରେ ପୋଲିସ ଦୁଇ ଅଭିଯୁକ୍ତ ରାଜେନ୍ଦ୍ର ପାତ୍ର ଓ ଜିତେନ୍ଦ୍ର ପାତ୍ରଙ୍କୁ ଗିରଫ କରିଥିବା ବେଳେ, ଉଭୟ ନିଜର ଅପରାଧ ସ୍ୱୀକାର କରିଥିଲେ।

## ଅଟୋ ଚାଳକଙ୍କୁ ମାଡ ମାରି ୩ ଗିରଫ

ଭୁବନେଶ୍ୱର(ନି.ପ୍ର): ଅଟୋ ଚାଳକଙ୍କୁ ମାଡ ମାରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନିଲ ଓରଫ ପ୍ରଶାନ୍ତ ନାୟକ, ପ୍ରସନ୍ନ କୁମାର ନାୟକ ଓ ଗୁଣ୍ଡୁ ନାୟକ। ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବୁନୁ ଜେନା ପେଶାରେ ଜଣେ ଅଟୋ-ରିକ୍ସା ଚାଳକ ଏବଂ ସେ ନିୟମିତ ଭାବେ ଆଖପାଖ ଅଞ୍ଚଳରେ ଅଟୋ ଚଳାଇ ଜୀବିକା ନିର୍ବାହ କରନ୍ତି। ଗତ ୧୪.୦୭.୨୦୨୬ରେ ସେ କଳିଙ୍ଗ ଷ୍ଟୁଡିଓ ଛକ ନିକଟସ୍ଥ ଏକ ମଦ ଦୋକାନକୁ ଭଡ଼ାରେ ଯାଇଥିଲେ। ସେଠାରେ ଅଭିଯୁକ୍ତ ଅନିଲ ଓରଫ ପ୍ରଶାନ୍ତ କୁମାର ନାୟକ ତାଙ୍କୁ ଅଟୋରେ ଲିଫ୍ଟ ଦେବାକୁ କହିଥିଲେ । କିନ୍ତୁ ବୁନୁ ଜେନା ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରଦିନ ୧୫.୦୭.୨୦୨୬ ରେ ବୁନୁ ଜେନା ପୁଣି ସେହି ମଦ ଦୋକାନ ନିକଟକୁ ଭଡ଼ାରେ ଯାଇଥିବା ବେଳେ, ଅନିଲ ଓରଫ ପ୍ରଶାନ୍ତ କୁମାର ନାୟକ ଏବଂ ଅନ୍ୟ ଦୁଇଜଣ ସହଯୋଗୀ ସେଠାରେ ପହଞ୍ଚିଥିଲେ। ସେମାନେ ବିନା କୌଣସି କାରଣରେ ବୁନୁ ଜେନାଙ୍କୁ ନିର୍ମମ ଭାବେ ମାଡ ମାରିଥିଲେ। ଏହି ଆକ୍ରମଣରେ ବୁନୁ ଜେନାଙ୍କ ମୁହଁରେ ଗୁରୁତର ଆଘାତ ଲାଗିଥିଲା, ସେ ତଳେ ପଡ଼ିଯାଇଥିଲେ ଏବଂ ତାଙ୍କ ଶରୀରରୁ ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରୁ ପଳାଇବା ପୂର୍ବରୁ ଅଭିଯୁକ୍ତମାନେ ବୁନୁ ଜେନାଙ୍କ ଅଟୋ-ରିକ୍ସାକୁ ଭାଙ୍ଗି କ୍ଷତିଗ୍ରସ୍ତ କରିଥିଲେ ଏବଂ ତାଙ୍କ ମୋବାଇଲ୍ ଫୋନ୍‌କୁ ମଧ୍ୟ ଭାଙ୍ଗି ଦେଇଥିଲେ। ଅଭିଯୋଗ କ୍ରମେ ପୁଲିସ ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ର ଆଧାରରେ ଚଢଉ କରି ତିନି ଅଭିଯୁକ୍ତ ଅନିଲ ଓରଫ ପ୍ରଶାନ୍ତ ନାୟକ, ପ୍ରସନ୍ନ କୁମାର ନାୟକ ଓ ଗୁଣ୍ଡୁ ନାୟକଙ୍କୁ ଗିରଫ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ଉପରୋକ୍ତ ମାମଲାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ।

### ଏଏସଓ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲା

## ମାଷ୍ଟରମାଇଣ୍ଡ ଶଙ୍କର ଓ ସୁରେଶଙ୍କ ସମେତ ୧୪ ଜଣଙ୍କ ଜାମିନ ନାମଞ୍ଜୁର

କଟକ(ନିପ୍ର): ଓଡିଶା ହାଇକୋର୍ଟ ଏଏସଓ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ସିଲିକନ ଟେକ୍‌ଲ୍ୟାବ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ସୁରେଶ ନାୟକଙ୍କ ସମେତ ୧୪ଜଣ ଅଭିଯୁକ୍ତଙ୍କ ଜାମିନ ଆବଦେନ ହାଇକୋର୍ଟରେ ଖାରଜ ହୋଇଛି । ଗତବର୍ଷ ଅନୁଷ୍ଠିତ ଏହି ପରୀକ୍ଷାରେ ବ୍ୟାପକ ଜାଲିଆତି ହୋଇଥିବା ଦର୍ଶାଇ ହାଇକୋର୍ଟ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବଦେନକୁ ଖାରଜ କରିଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ସୁରେଶ ନାୟକ ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀରେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଭାବରେ ଗିରଫ ହୋଇ ଜେଲରେ ରହିଛନ୍ତି। ହାଇକୋର୍ଟରେ ଖାଲି ପଡ଼ିଥିବା ୧୪୭ଟି ଏଏସଓ ପଦବୀ ପାଇଁ ଗତବର୍ଷ ମେ' ମାସ ୧୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା ପରିଚାଳନା ପାଇଁ ସୁରେଶ ନାୟକଙ୍କ ମାଲିକାନାରେ ଥିବା ସିଲିକନ ଟେକଲ୍ୟାବ ପ୍ରାଇଭେଟ ଲିମିଟେଡ ସହିତ ଚୁକ୍ତି ହୋଇଥିଲା। ଆଡ୍‌ମିଟ୍ କାର୍ଡ ଯୋଗାଇ ଦେବା ସମୟରେ ଅନେକ ତ୍ରୁଟି ପରିଲକ୍ଷିତ ହେବା ସହ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟିକୁ ଆସିଥିଲା। ଏହାକୁ ନେଇ ପରବର୍ତ୍ତୀ ସମୟରେ ସିଲିକନ ଟେକଲ୍ୟାବକୁ ତାଗିଦ କରାଯିବା ସହ ସାନି ଚୁକ୍ତି କରାଯାଇଥିଲା। ଗତବର୍ଷ ମେ' ମାସ ୪ ତାରିଖରେ ପ୍ରିଲିମିନାରୀ ପରୀକ୍ଷା ହୋଇଥିଲା ବେଳେ ଜୁଲାଇ ୧୩ ତାରିଖରେ ମେନ୍ ପରୀକ୍ଷା ହୋଇଥିଲା। ଅଗଷ୍ଟ ୧୨ ତାରିଖରେ ପରୀକ୍ଷାଫଳ ପ୍ରକାଶ କରାଯାଇଥିଲା। ୨୧୨୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିଲେ। ପରୀକ୍ଷା ଫଳକୁ ତର୍ଜମା କଲା ପରେ ଏଥିରେ ଅନିୟମିତତା ଜଣାପଡ଼ିଥିଲା। ଏହାପରେ ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ସହ ନଭେମ୍ବର ୨୮ ତାରିଖରେ ଲାଲବାଗ ଥାନାରେ ଏତଲା ଦିଆଯାଇଥିଲା। ଘଟଣାର ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ ଉଭୟ ଶଙ୍କର ପୃଷ୍ଟି ଓ ସୁରେଶ ନାୟକ ଏଥିରେ ସଂପୃକ୍ତ ଥିବା ବେଳେ ସେମାନେ ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀର ମାଷ୍ଟର ମାଇଣ୍ଡ ଭାବେ ଗିରଫ ହୋଇ ଜେଲରେ ରହିଥିଲେ ।

## ପୂର୍ବ ବିବାଦକୁ ନେଇ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ପୂର୍ବ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଆଦିତ୍ୟ କୁମାର ଲେଙ୍କା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଗୀତାଞ୍ଜଳି ଭୋଳ ପରିବାର ସହ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଝରଣା ବସ୍ତି (ଖ)ରେ ରୁହନ୍ତି। ଅଭିଯୁକ୍ତଙ୍କ ପରିବାର ସହ ତାଙ୍କର ପୂର୍ବରୁ ବିବାଦ ରହିଛି। ପୂର୍ବରୁ ମାରପିଟ ଓ ଅଶ୍ଳୀଳ ଭାଷା ପ୍ରୟୋଗ ଘଟଣାକୁ ନେଇ ଅଭିଯୋଗକାରିଣୀ ମଞ୍ଚେଶ୍ୱର ଥାନାରେ ଏକ ଏଫ୍‌ଆଇଆର୍ ଦାଖଲ କରିଥିଲେ। ଏହି ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନାରେ ମାମଲା ରୁଜୁ ହୋଇ ବର୍ତ୍ତମାନ ତାହା ତଦନ୍ତାଧୀନ ରହିଛି। ଗତ ୧୫.୦୭.୨୦୨୬ ପ୍ରାୟ ୫ଟା ସମୟରେ ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ବନମାଳୀ ଭୋଳ କର୍ମକ୍ଷେତ୍ରରୁ ଫେରି ଘରେ ଥିବାବେଳେ, ଅଭିଯୁକ୍ତ ଆଦିତ୍ୟ ଲେଙ୍କା ଓ ସୁଶୀଲ ସ୍ୱାଇଁ ଜବରଦସ୍ତି ତାଙ୍କ ଘରେ ପଶିଥିଲେ। ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବନମାଳୀ ଭୋଳଙ୍କୁ ଘରୁ ଘୋଷାଡ଼ି ବାହାରକୁ ନେଇ ମାରପିଟ କରିଥିଲେ। ଅଭିଯୋଗକାରିଣୀ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଜୋରରେ ଟାଣି ଦେଇଥିଲେ। ଫଳରେ ସେ ତଳେ ପଡ଼ି ଆହତ ହୋଇ ଚେତାଶୂନ୍ୟ ହୋଇଯାଇଥିଲେ। ଏହା ଦେଖି ଜଣେ ପଡ଼ୋଶୀ ଅଭିଯୋଗକାରିଣୀଙ୍କ ମୋବାଇଲରୁ ତାଙ୍କ ବଡ଼ପୁଅ ଦୀପକ କୁମାର ଭୋଳଙ୍କୁ ଫୋନ୍ କରି ଘଟଣାସ୍ଥଳକୁ ଡାକିଥିଲେ। ଦୀପକ ସେଠାରେ ପହଞ୍ଚି ଦେଖିଥିଲେ ଯେ, ଆଦିତ୍ୟ ଲେଙ୍କା ଓ ସୁଶୀଲ ସ୍ୱାଇଁ ତାଙ୍କ ବାପା ବନମାଳୀ ଭୋଳଙ୍କୁ କଂକ୍ରିଟ୍ ରାସ୍ତା ଉପରେ କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲେ। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା ଏବଂ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ । ଆହତ ବନମାଳୀ ଭୋଳଙ୍କୁ ପ୍ରଥମେ ବ୍ଲୁ ହ୍ୱିଲ ହସ୍ପିଟାଲ୍, ପରେ ହାଇ-ଟେକ୍ ହସ୍ପିଟାଲ୍ ଓ ପରବର୍ତ୍ତୀ ସମୟରେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍, କଟକକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି । ପୁଲିସ ମାମଲାର ତଦନ୍ତ କରିବା ସହ ଚଢଉ କରି ଅଭିଯୁକ୍ତ ଆଦିତ୍ୟ ଲେଙ୍କାଙ୍କୁ କାବୁ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ।

### ଆଇଆଇସି ବିଝୁଟି ମହାନ୍ତି ମୃତ୍ୟୁ ମାମଲା

## ମିଳିଲା ଡିଜିଟାଲ ପ୍ରମାଣ, ତଥାପି ରହସ୍ୟ ଜାରି

କଟକ(ନିପ୍ର): କଟକ ଚାଉଳିଆଗଞ୍ଜ ଥାନାର ପୂର୍ବତନ ଆଇଆଇସି ବିଝୁଟି ମହାନ୍ତି ଆତ୍ମହତ୍ୟା ପଛର ସଠିକ୍ କାରଣ କ'ଣ, ତାହା ଏବେବି ରହସ୍ୟ ଘେରରେ । ତା'ର ଅର୍ଥ ନୁହେଁ ଯେ, ପୋଲିସକୁ କିଛି ତଥ୍ୟ ବା ପ୍ରମାଣ ମିଳିନାହିଁ । ବିଝୁଟି ମହାନ୍ତି ବ୍ୟବହାର କରୁଥିବା ଦୁଇଟି ମୋବାଇଲ ଫୋନରୁ କିଛିଟା ଡିଜିଟାଲ ଏଭିଡେନ୍ସ




ମିଳିସାରିଛି । ଯାହାର ସଠିକ୍ ଯାଞ୍ଚ କରିବା ଲାଗି ଜଣେ ଅତିରିକ୍ତ ଡିସିପିଙ୍କୁ ଦାୟିତ୍ୱ ଦିଆଯାଇଛି । ଘଟଣା ଦିନର କିଛି ଡିଜିଟାଲ ଡାଟା ମଧ୍ୟ ପୋଲିସର ହସ୍ତଗତ ହୋଇଛି, ଯାହାକୁ ଆଧାର କରି ଅନେକଙ୍କୁ ପଚରା ଉଚରା କରାଯାଇଛି ବୋଲି ଡିସିପି ରିଷିକେଶ ଖିଲାରୀ କହିଛନ୍ତି । ଘଟଣାର ତଦନ୍ତ କରୁଥିବା ୩ଟି ତଦନ୍ତକାରୀ ଟିମ ବିଭିନ୍ନ ଦୃଷ୍ଟିରୁ ତଦନ୍ତ ଜାରି ରଖିଛନ୍ତି । ତେବେ ଏସବୁ ସତ୍ତ୍ୱେ ତଦନ୍ତ ଯେମିତି ଅଧୁରା ରହିଛି ଏବଂ ପୋଲିସ କେବଳ ଏକ ଅପମୃତ୍ୟୁ ମାମଲାକୁ ଆଧାର କରି ଆଗକୁ ବଢ଼ୁଛି । ଚାଉଳିଆଗଞ୍ଜ ଥାନା ପରିସରରେ ଥିବା ଆଇଆଇସିଙ୍କ ବିଶ୍ରାମ କକ୍ଷରୁ ମିଳିଥିଲା ବିଝୁଟି ମହାନ୍ତିଙ୍କ ଝୁଲନ୍ତା ମୃତଦେହ । ତେଣୁ ଥାନାର ସମସ୍ତ କାଗଜପତ୍ର ସମେତ ଅନେକ ଡିଜିଟାଲ ଡାଟାକୁ ଯାଞ୍ଚ କରୁଛି ତଦନ୍ତକାରୀ ଟିମ୍। କାଳେ ଆର୍ଥିକ କାରବାରକୁ ନେଇ କୌଣସି ବିବାଦ ହୋଇଥିବ, ଯାହା ବିଝୁଟି ମହାନ୍ତିଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଛି । ସେଥିପାଇଁ ବିଝୁଟିଙ୍କ ବ୍ୟାଙ୍କ ଡିଟେଲ୍ସ ମଗାଯାଇ ତାର ଆନାଲିସିସ କରାଯାଉଛି । କିନ୍ତୁ ସେଥିରୁ ଏବେସୁଦ୍ଧା କୌଣସି ବଳିଷ୍ଠ ପ୍ରମାଣ ମିଳିନାହିଁ। ତେଣୁ ତାଙ୍କ ପରିବାର ଲୋକଙ୍କ ସହାୟତା ଲୋଡ଼ିଛି ପୋଲିସ । ଯଦି କୌଣସି ସୂତ୍ରରୁ କିଛି ବି ସନ୍ଦେହଜନକ ତଥ୍ୟ ବା ପ୍ରମାଣ ମିଳିଲା, ତେବେ ତଦନ୍ତର ଦିଗ ବଦଳିବା ସହ ଅପମୃତ୍ୟୁ ମାମଲା ପରିବର୍ତ୍ତନ ହୋଇପାରିବ ବୋଲି ଡିସିପି ସୂଚନା ଦେଇଛନ୍ତି। ବିଝୁଟି ମହାନ୍ତି ଜଣେ ନିର୍ଭିକ ଏବଂ ସଚ୍ଚୋଟ ଅଫିସର ଥିଲେ ବୋଲି ତାଙ୍କ ବିଭାଗ ସ୍ୱୀକାର କରୁଛି । ତେଣେ ପୋଲିସ ବିଭାଗ ଉପରେ ପଡୁଥିବା ଅତ୍ୟଧିକ ଚାପ ତାଙ୍କ ମୃତ୍ୟୁର କାରଣ ବୋଲି ପୂର୍ବରୁ ଅଭିଯୋଗ କରିସାରିଛି ଓଡ଼ିଶା ପୋଲିସ ଆସୋସିଏସନ। ହେଲେ ଜଣେ ଦକ୍ଷ ପୋଲିସ ଅଫିସର ସମସ୍ତ ମାୟାମୋହକୁ ତୁଟାଇ କାହିଁକି ମୃତ୍ୟୁକୁ ଆପଣେଇବା ଉଚିତ ମନେକଲେ, ତାର ରହସ୍ୟ ଭେଦ କରିବାରେ ଏବେ ସୁଦ୍ଧା ସଫଳ ହେଲାନାହିଁ ପୋଲିସ ।

## ବାଇକ ପଛପଟୁ ଧକ୍କା ଦେଲା ବୋଲେରୋ: ଜଣେ ଗୁରୁତର

ଭାପୁର(ନିପ୍ର): ଫତେଗଡ଼ ଥାନା ଅନ୍ତର୍ଗତ ୪୮ ନମ୍ବର ରାଜ୍ୟ ରାଜପଥ କେନ୍ଦୁପଲ୍ଲୀ ଗ୍ରାମର ମହାଦେବଙ୍କ ମନ୍ଦିର ସାମନାରେ ଶୁକ୍ରବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟି ଯୁବକ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି। ଘଟଣାରୁ ପ୍ରକାଶ, ହନୁମନ୍ତ ପ୍ରସାଦ ଗ୍ରାମର ବସନ୍ତ କୁମାର ଜେନା(୫୦) ବାଇକ ଯୋଗେ ଫତେଗଡ଼ ପଟକୁ ଆସୁଥିଲେ। କେନ୍ଦୁପଲ୍ଲୀ ଗ୍ରାମ ନିକଟରେ ପଛରୁ ଏକ ବୋଲେରୋ ବସନ୍ତଙ୍କ ବାଇକକୁ ପିଟି ଦେଇ ଦ୍ରୁତ ଗତିରେ ଚାଲିଯାଇଥିଲା। ଫଳରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିବାବେଳେ ସ୍ଥାନୀୟ ସମିତିସଭ୍ୟ ଦୀପକ କୁମାର ଜେନା ପହଞ୍ଚି ଗୁରୁତର ଆହତ ହୋଇଥିବା ବସନ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ତାଙ୍କର ମୁଣ୍ଡରେ କ୍ଷତ ହୋଇ ଗୁରୁତର ରହିଥିବାରୁ ଆସୁ ଚିକିତ୍ସା ପରେ ଏମ୍ସ ସ୍ଥାନାନ୍ତରିତ କରାଯାଇଥିବା ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପ୍ରକାଶ।

## ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଡେଲିଭରୀ ବୟ ଗିରଫ

କଟକ(ନିପ୍ର): କଟକ ଶୈଳବାଳା ମହିଳା ମହାବିଦ୍ୟାଳୟରେ ରାତି ଅଧରେ ପଶି ହଷ୍ଟେଲ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ଶୁକ୍ରବାର ଜଣେ ଡେଲିଭରୀ ବୟଙ୍କୁ ଗିରଫ କରିଛି ଲାଲବାଗ ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଆଲାମଚାନ୍ଦ ବଜାର ଅଞ୍ଚଳର ବାପି ଓରଫ ରୁଦ୍ର ନାରାୟଣ ସାହୁ। ସେ ଏକ ଖାଦ୍ୟ ଯୋଗାଣକାରୀ ସଂସ୍ଥାର ଡେରିଭରୀ ବୟ ଭାବେ କାମ କରନ୍ତି। ପୁଲିସର ସୂଚନା ଅନୁଯାୟୀ, ଗତ ୧୦ ତାରିଖ ରାତିରେ କଟକ ଶୈଳବାଳା କଲେଜ ହଷ୍ଟେଲ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ସେ ହଷ୍ଟେଲ ପାଖ ଦେଇ ଯାଇଥିବା ରାସ୍ତାରେ ଛିଡ଼ା ହୋଇ ଅଶ୍ଳୀଳ ଇଙ୍ଗିତ କରିଥିଲେ। ପରେ ରାତି ଅଧରେ ହଷ୍ଟେଲ ପାଚେରି ଡେଇଁ ଭିତରେ ପଶି ଝରକା ବାଡେଇ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଛାତ୍ରୀମାନେ ଭୟଭୀତ ହୋଇ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଗତ ୧୫ ତାରିଖରେ କଲେଜ ଅଧକ୍ଷା ଏନେଇ ପୁଲିସକୁ ଅବଗତ କରାଯାଇଥିଲା। ମହିଳା ଛାତ୍ରୀ ନିବାସରେ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ରହୁଥିବାରୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରୁ ପୋଲିସ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଥିଲା । ପୁଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ରୁଦ୍ର ନାରାୟଣ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜମି ଠକେଇ ମାମଲା: ଅଭିଯୁକ୍ତକୁ ଦୁଇବର୍ଷ ଜେଲ ଦଣ୍ଡାଦେଶ

ଭୁବନେଶ୍ୱର(ନି.ପ୍ର): ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ ର ବିଚାରପତି ସୋମେଶ ସୋମ୍ୟଜିତ ପଣ୍ଡା, ଗତ ୨୦୨୫ ମସିହା ଜୁଲାଇ ମାସରେ ବଡଗଡ ଥାନାରେ ରୁଜୁ ହୋଇଥିବା ଏକ ଜମି ଠକେଇ ମାମଲାର ବିଚାର କରି ଆସାମୀ ଚିତ୍ରସେନ ବେହେରା ଓରଫ ଧୂଳାକୁ ୨ ବର୍ଷ ୬ମାସ କାରାଦଣ୍ଡ ସହିତ ୯,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି । ଘଟଣାକ୍ରମ, ଅଭିଯୋଗକାରୀ ମନୋରଞ୍ଜନ ମିଶ୍ର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ରୁହନ୍ତି। ଗତ ତା. ୦୯.୧୨. ୨୦୨୨ ରେ ଭୁବନେଶ୍ୱରର କେସୁରା ମୌଜାରେ ଏକ ଜମି କିଣିବା ଲାଗି ଇଛା ପ୍ରକାଶ କରି ସେ ଅଭିଯୁକ୍ତ ଚିତ୍ରସେନ ବେହେରା ଓରଫ ଧୂଳାଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଏନେଇ ଆଲୋଚନା ମାଧ୍ୟମରେ ନୋଟାରୀ ଏକ ଚୁକ୍ତି କରିଥିଲେ। ଉକ୍ତ ଜମିର ମୋଟ ମୂଲ୍ୟ ୧ କୋଟି ୯୫ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ, ଅଗ୍ରୀମ ବାବଦକୁ ସେ ୩୦,୦୦,୦୦୦ ଟଙ୍କା ନଗଦ ଆକାରରେ ଅଭିଯୁକ୍ତଙ୍କୁ ଦେଇଥିଲେ। ଚୁକ୍ତିନାମା ଅନୁଯାୟୀ, ଅଗ୍ରୀମ ଟଙ୍କା ନେବାର ୩ମାସ ମଧ୍ୟରେ ଅଭିଯୋଗକାରୀଙ୍କ ନାମରେ ଜମି ପଞ୍ଜିକୃତ ହେବାର ଥିଲା, ଯାହା ଅଭିଯୁକ୍ତଙ୍କ ଦ୍ୱାରା କରାଯାଇ ନଥିଲା। ଅଭିଯୋଗକାରୀଙ୍କ ତରଫରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ, ଅଭିଯୁକ୍ତ ତାଙ୍କ ନାମରେ ଜମି ପଞ୍ଜିକରଣ କରିନଥିଲେ କି ନେଇଥିବା ଅଗ୍ରୀମ ଟଙ୍କା ମଧ୍ୟ ଫେରସ୍ତ କରିନଥିଲେ । ପୁଲିସ ହସ୍ତକ୍ଷେପ ପରେ, ଅଭିଯୁକ୍ତ ଜଣକ ନେଇଥିବା ମୋଟ ଟଙ୍କାରୁ ମାତ୍ର ୬ଲକ୍ଷ ଟଙ୍କା ହିଁ ଫେରସ୍ତ କରିଥିଲେ, କିନ୍ତୁ ଅବଶିଷ୍ଟ ଟଙ୍କା ଆଉ ଫେରାଇନଥିଲେ । ବଳକା ଟଙ୍କା ଫେରସ୍ତ ପାଇଁ ଅଭିଯୋଗକାରୀଙ୍କ ଦ୍ୱାରା ଏକାଧିକବାର ଯୋଗାଯୋଗ ପରେ, ଅଭିଯୁକ୍ତ ଜଣକ ଏଚଡିଏଫସି ବ୍ୟାଙ୍କରୁ ପ୍ରତ୍ୟେକ ୧୦ଲକ୍ଷ ଟଙ୍କାର ତିନୋଟି ଚେକ୍ ପ୍ରଦାନ କରିଥିଲେ, ଯାହା ପର୍ଯ୍ୟାପ୍ତ ଟଙ୍କା ଅଭାବାରୁ ବ୍ୟାଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଯାଇଥିଲା । ଗତ ତା.୦୧.୦୬. ୨୦୨୫ ରେ, ଅଭିଯୋଗକାରୀ ଏନେଇ ଯେତେବେଳେ ଅଭିଯୁକ୍ତଙ୍କୁ ସାକ୍ଷାତ କରିଥିଲେ, ସେ ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ନାନା ପ୍ରକାର ଧମକଚମକ ଦେଇଥିଲେ। ପରିଶେଷରେ ଅଭିଯୋଗକାରୀ ଅଭିଯୁକ୍ତ ଚିତ୍ରସେନ ବେହେରାଙ୍କ ନାମରେ ବଡଗଡ ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତିକରି ବଡଗଡ ଥାନା କେସ୍ ନଂ-୩୧୮/୨୦୨୫, ଆଇପିସି ର ଧାରା-୪୨୦ ରେ ମାମଲା ରୁଜୁ କରାଯାଇଥିଲା ଏବଂ ସବ-ଇନ୍ସପେକ୍ଟର ଜିତେନ୍ଦ୍ର ବେହେରାଙ୍କୁ ଏହି ମାମଲାର ତଦନ୍ତ ଭାର ହସ୍ତାନ୍ତର କରାଯାଇଥିଲା । ସବ-ଇନ୍ସପେକ୍ଟର ଶ୍ରୀ ବେହେରା, ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅଭିଯୁକ୍ତ ଚିତ୍ରସେନ ବେହେରା ଓରଫ ଧୂଳାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ନିର୍ଦ୍ଧାରିତ ସମୟ ପୂର୍ବରୁ ତାଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ । ବିଚାର ସମୟରେ ମାନ୍ୟବର ଅଦାଲତ ମୋଟ ୪ ଜଣ ସାକ୍ଷୀଙ୍କ ଜବାନବନ୍ଦୀ ଏବଂ ୧୩ ଗୋଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି ବିଚାର କାର୍ଯ୍ୟ ସମ୍ପନ୍ନ କରିଥିଲେ । ଆଜି ମାନ୍ୟବର ଅଦାଲତ ତାଙ୍କ ରାୟରେ ଆସାମୀ ଚିତ୍ରସେନ ବେହେରା ଓରଫ ଧୂଳାକୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ୬ ମାସ କାରାଦଣ୍ଡ ସହ ୯,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି, ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୪ ମାସର ସଜା ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସଫଳତାର ସହ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୬୪ ତମ ମାମଲା।

### ଦୁଇଟି ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ

## ୬୪ କିଲୋ ଗଞ୍ଜେଇ ସହ ଦୁଇଟି କାର୍ ଜବତ: ଜଣେ ଗିରଫ

ସୋନପୁର(ନିପ୍ର): ସୋନପୁର ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଲାଣ ବିରୋଧରେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବୈଦ୍ୟନାଥ ଏବଂ ଉଲୁଣ୍ଡା ଅଞ୍ଚଳରେ ଦୁଇଟି ପୃଥକ ପୃଥକ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଅପରେସନରେ ସମୁଦାୟ ୬୪ କିଲୋଗ୍ରାମ ଗଞ୍ଜେଇ ଏବଂ ଦୁଇଟି କାର ଜବତ




କରାଯାଇଥିବା ବେଳେ ଛତିଶଗଡ଼ର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବୈଦ୍ୟନାଥ ଛକରେ ୪୨ କିଲୋ ଗଞ୍ଜେଇ ଜବତ କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟା ସମୟରେ ସୋନପୁର ଅବକାରୀ ଭାରପ୍ରାପ୍ତ ଅଧିକାରୀ ସାନ୍ତନୁ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବୈଦ୍ୟନାଥ ଛକରେ ପାଟ୍ରୋଲିଂ କରୁଥିଲେ। ଏହି ଟିମ୍‌ରେ ଅବକାରୀ କନଷ୍ଟେବଲ୍ ପ୍ରଭାତ କୁମାର ସାହୁ, ଗଣେଶ ଭୁଏ ଏବଂ ସମୀର କୁମାର ମିଶ୍ର ସାମିଲ ଥିଲେ। ପାଟ୍ରୋଲିଂ ସମୟରେ ଏକ ମାରୁତି ସୁଜୁକି ବ୍ରିଜା କାର୍ ଯାହାର ନମ୍ବର: ଓଡି.୨୬ ଇ.୮୪୬୨କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉକ୍ତ ଗାଡ଼ିରୁ ୪୨ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଏହି ବେଆଇନ ଚାଲାଣରେ ସମ୍ପୃକ୍ତ ଥିବା ଛତିଶଗଡ଼ର ଉତ୍ତମ ଶ୍ରୀବାସ ନାମକ ଜଣେ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେହିପରି ମେଟାକାନି (ଉଲୁଣ୍ଡା) ଛକରେ ଡିଜାର କାର୍ ସହ ୨୨ କିଲୋ ଜବତ କରିଥିଲେ। ଏହି ଘଟଣାରେ, ଭୋର ୬ଟା ସମୟରେ ସୋନପୁର ଅବକାରୀ ଜିଲ୍ଲା ମୋବାଇଲ୍ ୟୁନିଟର ଆଇଆଇସି ଗୋବିନ୍ଦ ନାୟକ ଏବଂ ଅବକାରୀ କନଷ୍ଟେବଳ ରେଣୁକାନ୍ତ ଭୁଏ ମେଟାକାନି ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ସେଠାରେ ଯାଞ୍ଚ ବେଳେ ଏକ ମାରୁତି ସୁଜୁକି ଡିଜାର କାରରୁ ୨୨ କିଲୋ ଗଞ୍ଜେଇ ଜବତ ହୋଇଥିଲା। ତେବେ ଏହି ଘଟଣାରେ କେହି ଧରାପଡ଼ି ନଥିବାରୁ ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ କରିଛନ୍ତି। ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଜିଲ୍ଲାରେ ବେଆଇନ ମାଦକ ଦ୍ରବ୍ୟ କାରବାର ଉପରେ କଡ଼ା ନଜର ରଖାଯାଇଛି ଏବଂ ଆଗକୁ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଏହିଭଳି ଚଢ଼ାଉ ଜାରି ରହିବ ବୋଲି ଅବକାରୀ ଆରକ୍ଷ୍ୟୀ ନିରକ୍ଷକ ପ୍ରବୀଣ ସାମଲ ସୂଚନା ଦେଇଛନ୍ତି।

## ମୋବାଇଲ ଚୋରି କରି ସେଲ୍ସମ୍ୟାନ ଗିରଫ

ଭୁବନେଶ୍ୱର(ନି.ପ୍ର): ମୋବାଇଲ ଚୋରି କରିବା ଅଭିଯୋଗରେ ତମାଣ୍ଡୋ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରାଜେଶ ଗୌଡ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଅନିରୁଦ୍ଧ ସାହୁଙ୍କ ପୁଅ ଦୀପକ କୁମାର ସାହୁ ତମାଣ୍ଡୋ ବଜାରରେ ଏକ କିରାଣୀ ଦୋକାନ ବ୍ୟବସାୟ କରନ୍ତି। ଅଭିଯୁକ୍ତ ରାଜେଶ ଗୌଡ଼ ସେହି ଦୋକାନରେ ବିକ୍ରେତା (ସେଲ୍ସମ୍ୟାନ୍) ଭାବେ କାମ କରୁଥିଲା। ସେ ଅଭିଯୋଗକାରୀଙ୍କ ପରିବାର ସହ ତାଙ୍କ ଘରେ ରହୁଥିବାରୁ ସେମାନଙ୍କର ବିଶ୍ୱାସ ଜିତିଥିଲା ଏବଂ ଘରକୁ ଯିବା-ଆସିବା ପାଇଁ ତାକୁ ପୂର୍ଣ୍ଣ ସ୍ୱାଧୀନତା ମିଳିଥିଲା । ଗତ ୨୫.୦୬. ୨୦୨୬ ଅପରାହ୍ନ ପ୍ରାୟ ୪.୩୦ ସମୟରେ, ଅଭିଯୋଗକାରୀ ଘରେ ଶୋଇଥିବା ବେଳେ, ଅଭିଯୁକ୍ତ ସୁଯୋଗ ନେଇ ତାଙ୍କର ମୋବାଇଲ୍ ଫୋନ୍ ଚୋରି କରିଥିଲା ଏବଂ କାହାକୁ ନ ଜଣାଇ ନିଜ ପାଖରେ ରଖିଥିଲା। ପରଦିନ ୨୬.୦୬. ୨୦୨୬ ସକାଳ ପ୍ରାୟ ୭.୫୫ ସମୟରେ, ଅଭିଯୋଗକାରୀ ନିଜ ବ୍ୟାଙ୍କ ଆକାଉଣ୍ଟ ବ୍ଲକ୍ କରିବା ପୂର୍ବରୁ, ଅଭିଯୁକ୍ତ ଚୋରି ହୋଇଥିବା ମୋବାଇଲ୍ ଜରିଆରେ ଅଭିଯୋଗକାରୀଙ୍କ ଡିଜିଟାଲ୍ ପରିଚୟ ବ୍ୟବହାର କରି ନିଜକୁ ଅଭିଯୋଗକାରୀ ବୋଲି ଦର୍ଶାଇ ଠକେଇ କରି ୫୦,୦୦୦ ଟଙ୍କା ନିଜର ଜଣେ ପରିଚିତ ଅପରାଜିତା ପ୍ରଧାନଙ୍କ ଫୋନ-ପେ ଆକାଉଣ୍ଟକୁ ପଠାଇଥିଲା । ଘଟଣା ପରେ ପ୍ରମାଣ ନଷ୍ଟ କରିବା ଏବଂ ଧରାପଡ଼ିବାରୁ ବଞ୍ଚିବା ପାଇଁ ଅଭିଯୁକ୍ତ ଚୋରି ହୋଇଥିବା ମୋବାଇଲ୍‌କୁ ଭାଙ୍ଗି ଫିଙ୍ଗି ଦେଇଥିଲା ଏବଂ ନିଜ ଗାଁକୁ ପଳାଇ ଯାଇଥିଲା । କିଛିଦିନ ପରେ ସନ୍ଦେହ ଏଡ଼ାଇବା ପାଇଁ ସେ ପୁଣିଥରେ ସେହି କିରାଣୀ ଦୋକାନରେ କାମ କରିବା ଆରମ୍ଭ କରିଥିଲା । ତଦନ୍ତ ସମୟରେ ୫୦,୦୦୦ ଟଙ୍କା ପାଇଥିବା ଅପରାଜିତା ପ୍ରଧାନ, ଅଭିଯୋଗକାରୀଙ୍କ ସହ ଯୋଗାଯୋଗ କରି ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିବା ଏବଂ ସେ ସମ୍ପର୍କରେ ଜାଣିଥିବା ସମସ୍ତ ଘଟଣା ବିଷୟରେ ସୂଚନା ଦେଇଥିଲେ। ଅଧିକ ତଦନ୍ତ କାଳରେ ପୁଲିସ ଅଭିଯୁକ୍ତ ରାଜେଶ ଗୌଡକୁ ଗିରଫ କରିଥିବା ବେଳେ, ସେ ନିଜର ଅପରାଧ ସ୍ୱୀକାର କରିଥିଲେ।

# ବିନା ଟାହିଆରେ ମହାପ୍ରଭୁ: ତେଜିଲା ରାଜନୀତି

## ମହାପ୍ରଭୁଙ୍କୁ ଶ୍ରୀହୀନ କରିବା ଅକ୍ଷମଣୀୟ: ଭକ୍ତ ଦାସ



ଭୁବନେଶ୍ୱର, ୧୭/୭(ନିପ୍ର): ବିନା ଟାହିଆରେ ଜଗନ୍ନାଥଙ୍କୁ ବାହାରକୁ ଆଣିବା ପ୍ରସଙ୍ଗରେ ପିସିସି ସଭାପତି ସରକାରଙ୍କୁ ଟାର୍ଗେଟ କରି ବର୍ଷିଛନ୍ତି । ସେ କହିଛନ୍ତି ଯେ, ଜଗନ୍ନାଥ ଟାହିଆ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗତକାଲି ଯେଉଁଭଳି ଶ୍ରୀହୀନ କରି ମହାପ୍ରଭୁଙ୍କୁ ଶ୍ରୀମନ୍ଦିର ବାହାରକୁ ଆଣାଗଲା ଆମେ ଏହାକୁ ଦୃଢ଼ ନିନ୍ଦା କରୁଛୁ । ଗତକାଲି ଜଗନ୍ନାଥ ଆଖିରୁ ଲୋତକ ବୋହିଲା ପରି ଲାଗୁଥିଲା । ଏବେ ପ୍ରଶ୍ନ ଉଠୁଛି ପହଣ୍ଡିକୁ ନିରିକ୍ଷଣ କରିବା କାହାର ଦାୟିତ୍ୱ ଥିଲା । ଟାହିଆ ବାହାର କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲେ । ଟାହିଆ ବାହାର କରିବା ପୂର୍ବରୁ ଗଜପତିଙ୍କୁ ଏ ବାବଦରେ ପଚରା ଯାଇଥିଲା କି ନାହିଁ କିମ୍ବା ତାଙ୍କ ଠାରୁ ଅନୁମତି ନିଆଯାଇଥିଲା କି ? ଯଦି ସରକାର ଦଳରେ କିଏ ନିଷ୍ପତି ନେଇଥିବେ ତେବେ ସିଏ ଅକ୍ଷମଣୀୟ ଭୁଲ କରିଛନ୍ତି, ଭୁଲ ପାଇଁ ସିଏ ତୁରନ୍ତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଭକ୍ତ ଦାସ ଦାବି କରିଛନ୍ତି । ସେ କହିଛନ୍ତି ଯେ, ସରକାର ଅନୁରୋଧ କରୁଛୁ ଆଗକୁ ଏଭଳି ଭୁଲ ନ କରନ୍ତୁ । ବଳଭଦ୍ର ପଡ଼ିଯିବ, ରତ୍ନ ଚୋରି ହେବାଠାରୁ ବଡ ଅଘଟଣ ଏବଂ ପାପ ହେଉଛି ମହାପ୍ରଭୁଙ୍କୁ ଶ୍ରୀ ହୀନ କରି ଭକ୍ତଙ୍କ ସାମ୍ନାକୁ ଆଣିବା । ରାମ ମନ୍ଦିରରେ ଚାନ୍ଦା ଚୋରି କରି ଲୁଟ କରିଥିଲା ବିଜେପି ସରକାର, ସେହିଭଳି ଓଡ଼ିଶାରେ ମଧ ବିଜେପି ସରକାର ସମାନ କାର୍ଯ୍ୟ କରୁଛି । ବିଜେପି ରାମ ଭଗବାନଙ୍କ ଏବଂ ଜଗନ୍ନାଥ ଠିକାଦାର ଭଳି ବ୍ୟବହାର କରୁଛି ।

## ପରିଚାଳନାଗତ ତ୍ରୁଟି: ବିଜେଡି



ଭୁବନେଶ୍ୱର, ୧୭/୭(ନିପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବ୍ୟାପକ ତ୍ରୁଟି ଦେଖିବାକୁ ମିଳିଛି । ବିନା ଟାହିଆରେ ମହାପ୍ରଭୁ ବିଜେ କରିବା ଓ ବାଇଶି ପାହାଚରେ ମହାପ୍ରଭୁ ୪୦ ମିନିଟ୍ ଅଟକି ରହିବା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି । ରଥଯାତ୍ରା ପରିଚାଳନରେ ବ୍ୟାପକ ତ୍ରୁଟି ଯୋଗୁଁ ଦଳାଚକଟାରେ ଅକାଳରେ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିବାରୁ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛି ବିଜୁ ଜନତା ଦଳ । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ରଥଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ନିନ୍ଦା କରିଛନ୍ତି । ପହଣ୍ଡି ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାହିଆ ନଥିବାରୁ ଏହାକୁ ନେଇ ତେଜିଛି ରାଜନୀତି । ବିଜେଡି ଓ କଂଗ୍ରେସ ଏଥିପାଇଁ ସରକାରଙ୍କୁ ଦାୟୀ କରିଛନ୍ତି ।

### ବିଜେପି କହିଲା ସବୁ ଜଗନ୍ନାଥଙ୍କ ଇଚ୍ଛା

# ରଥଯାତ୍ରା: ସାହାଯ୍ୟର ହାତ ବଢାଇଲେ ସ୍ୱେଚ୍ଛାସେବୀ



ପୁରୀ/ଭୁବନେଶ୍ୱର, ୧୭।୭(ନିପ୍ର): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଭିଡ଼ ମଧ୍ୟରେ ଫସି ବହୁ ଲୋକ ଅଣନିଶ୍ୱାସୀ ହୋଇ ଅଚେତ ହୋଇପଡିଥିଲେ । ତେବେ ଦେବଦୂତ ସାଜି ଆସିଥିଲେ ସେବା ପ୍ରତିନିଧିର ସ୍ୱେଚ୍ଛାସେବୀ ମାନେ । ବିଶିଷ୍ଟ ସମାଜସେବୀ ନୀଳମଣି ମିଶ୍ର ଓ ପାରଳାଖେମୁଣ୍ଡିର ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ ଭାରପ୍ରାପ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱାଧୀନ ଗଞ୍ଜାମ, ଗଜପତି, ଖୋର୍ଦ୍ଧା ଆଦି ଜିଲ୍ଲାରୁ ଆସିଥିବା ୩୦୦ ଜଣିଆ ସେବାପ୍ରତିନିଧି ଦଳର ସଦସ୍ୟମାନେ ଅସୁବିଧାରେ ଥିବା ଲୋକମାନଙ୍କୁ ବିଭିନ୍ନ ଭାବରେ ସହାୟତା କରିଥିଲେ । ପୁରୀ ଲୋକନାଥ ରୋଡ଼ରେ ଅବସ୍ଥିତ ନିଗମାନନ୍ଦ ଆଶ୍ରମ ସହାୟତାରେ ହଟ କିଶୋର ଦେହୁରୀ, ସନାତନ ମହାରଣା, ଦୁର୍ଯ୍ୟୋଧନ ସ୍ୱାଇଁ ଓ ପୀତାମ୍ବର ସାହୁଙ୍କ ନେତୃତ୍ୱରେ ବଡ଼ ଦାଣ୍ଡରେ ଅଗଣିତ ଶ୍ରଦ୍ଧାଳୁଙ୍କୁ ଲେମ୍ବୁ ପାଣି ତଥା ଗ୍ଲୁକୋଜ ବଣ୍ଟନ କରିଥିବା ବେଳେ ଡ଼ଃ ପ୍ରିୟବ୍ରତ ଶତପଥୀ, ଦୀପା ମହାରଣା, ଡ଼ଃ ରାଜେଶ ଜାଲି,ଡ଼ଃ ଆୟୁଷ ରଞ୍ଜନ ଓ ଅଭିଜିତ ସାହୁଙ୍କ ନେତୃତ୍ୱାଧୀନ ଡାକ୍ତରୀ ଦଳ ଭ୍ରାମ୍ୟମାଣ ଚିକିତ୍ସା ଯୋଗାଇଥିଲେ । ଛତ୍ରପୁର ସାମ୍ବାଦିକ ପ୍ରଦୀପ କୁମାର ସାହୁ ଓ କେ. ସତୀଶ କୁମାରଙ୍କ ପ୍ରଚେଷ୍ଟା ବଳରେ ଜଣେ ଭକ୍ତ ତାଙ୍କର ସୁନା ଚେନକୁ ଚୋରଙ୍କ କବଳରୁ ଫେରି ପାଇଥିଲେ ଓ ସେହି ଚୋରଙ୍କୁ ସ୍ଥାନୀୟ ଟାଉନ ପୋଲିସ ଜିମାରେ ଦିଆଯାଇଥିଲା । ଗୁରୁତର ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଆଶୁ ଚିକିତ୍ସା ପାଇଁ ହସ୍ପିଟାଲରେ ପହଞ୍ଚାଇବା ପାଇଁ ଅଣ୍ଟା ଭିଡିଥିଲେ ବିକାଶ ମହାରଣା, ଟୁଟୁ ନାୟକ, ହଟକିଶୋର ଦେହୁରୀ ଓ ମାନସ ନାୟକଙ୍କ ଦଳ । ଏହି ସମସ୍ତ କାର୍ଯ୍ୟ ଇଂଜିନିୟର ବିଶ୍ୱଜିତ ପ୍ରଧାନ, ହାଇକୋର୍ଟ ଓକିଲ ବିଜୟ ଜେନା, ଲସିତ ବରଣ ବେହେରା, ସମାଜସେବୀ ମନୋଜ ମିଶ୍ର, ମାଧବ ସାସମଲ ତଥା ସଞ୍ଜୟ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂପନ୍ନ ହୋଇଥିଲା ।

### ||||||||||||||| ଶ୍ରୀଲେଦର ସୋ' ରୁମରେ ନିଆଁ |||||||||||||||

# ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ




ଭୁବନେଶ୍ୱର, ୧୭/୭(ନିପ୍ର): ଭୁବନେଶ୍ୱର ଅଶୋକନଗରରେ ଥିବା ଶ୍ରୀଲେଦର ସୋ ରୁମରେ ଅଗ୍ନିକାଣ୍ଡ । ଭୋର ୫ଟା ବେଳେ ସୋରୁମରୁ ଧୂଆଁ ବାହାରୁଥିବା ଦେଖି ଉପର ମହଲାରେ ଥିବା ଲଜ କର୍ମଚାରୀ ମାଲିକଙ୍କୁ ଖବର ଦେଇଥିଲେ । ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ୩ଟି ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ନିଆଁ ଯେପରି ଉପର ମହଲାକୁ ନ ବ୍ୟାପିବ ସେନେଇ ପ୍ରୟାସ କରିଥିଲା ଅଗ୍ନିଶମ ବାହିନୀ । ନିଆଁ ଯୋଗୁଁ ସୋରୁମ ଭିତରେ ପ୍ରବଳ ଧୂଆଁବାହାରିଥିଲା । ଫଳରେ ଉପର ମହଲାରେ ଥିବା କାଚ ଝରକାକୁ ଭାଙ୍ଗିଥିଲା ଅଗ୍ନିଶମ ବାହିନୀ । ତେବେଅଗ୍ନିକାଣ୍ଡରେ ବିଶେଷ କ୍ଷୟକ୍ଷତି ହୋଇନଥିଲେ ବି ତଳ ମହଲାରେ ଥିବା ବ୍ୟାଗ ସେକ୍ସନ ସମ୍ପୂର୍ଣ୍ଣପୋଡି ପାଉଁଶ ହୋଇଯାଇଛି । ଲକ୍ଷାଧିକ ଟଙ୍କାର ସ୍କୁଲ ବ୍ୟାଗ, ଟ୍ରଲି ବ୍ୟାଗ, ବିଭିନ୍ନ ପ୍ରକାର ହ୍ୟାଣ୍ଡ ବ୍ୟାଗ ପୋଡିଯାଇଛି । ୫ଶହରୁ ଅଧିକ ବ୍ୟାଗ ପଡିଥିବା ଅନୁମାନ କରାଯାଉଛି ।

# ଆନ୍ଧ୍ର ପ୍ରଦେଶରେ ଏପର୍ଯ୍ୟନ୍ତ ୧୨ କୋଭିଡ ମାମଲା : ୪ଜଣଙ୍କ ମୃତ୍ୟୁ



ଅମରାବତୀ, ୧୭।୭: ଗତ କୋଡ଼ିଏ ଦିନ ମଧ୍ୟରେ ଆନ୍ଧ୍ର ପ୍ରଦେଶରେ ୧୨ଟି କୋଭିଡ-୧୯ ମାମଲା ଏବଂ ୪ଟି ମୃତ୍ୟୁ ରିପୋର୍ଟ ହୋଇଛି । ତେବେ ସ୍ୱାସ୍ଥ୍ୟ ବିଭାଗ ଅନୁଯାୟୀ, ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନେ ପୂର୍ବରୁ ଅନେକ ଗୁରୁତର ରୋଗରେ ପୀଡିତ ଥିଲେ । ସ୍ୱାସ୍ଥ୍ୟ ସଚିବ ଜି. ବୀରପାଣ୍ଡିଆନ ଏକ ବିବୃତିରେ କହିଛନ୍ତି ଯେ ଏହି ଚାରି ଜଣ ରୋଗୀ (କାଡାପାର ତିନି ଜଣ ଏବଂ କାକିନାଡାର ଜଣେ) ଉଚ୍ଚ ରକ୍ତଚାପ, ମଧୁମେହ, କିଡନୀ ରୋଗ ଏବଂ ଅନ୍ୟାନ୍ୟ ଗୁରୁତର ରୋଗ ଭଳି ପୂର୍ବରୁ ଥିବା ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡିତ ଥିଲେ । ପ୍ରଥମ ମାମଲା ଜୁନ୍ ୨୬ ରେ କାଡାପା ଜିଲ୍ଲାରେ ରିପୋର୍ଟ କରାଯାଇଥିଲା, ଯେଉଁଠାରେ ସର୍ବାଧିକ ଆଠଟି ମାମଲା ରିପୋର୍ଟ ହୋଇଛି । ଗୁଣ୍ଟୁର ଜିଲ୍ଲାର ମଙ୍ଗଳପାଗିରିରେ ଦୁଇଟି ମାମଲା ଥିବାବେଳେ ବିଶାଖାପାଟଣା ଏବଂ କାକିନାଡ଼ାରେ ଗୋଟିଏ ଲେଖାଏଁ ମାମଲା ରହିଛି ।ବୀରପାଣ୍ଡିଆନ କହିଛନ୍ତି ଯେ ଏହା ଏକ 'କ୍ଲଷ୍ଟର ପ୍ରାଦୁର୍ଭାବ' ନୁହେଁ ଏବଂ ବିଭିନ୍ନ ମଣ୍ଡଳରୁ ଏହି ମାମଲା ରିପୋର୍ଟ କରାଯାଇଛି । ଜୁନ୍ ୨୬ ରୁ ଜୁଲାଇ ୧୫ ମଧ୍ୟରେ ରାଜ୍ୟରେ ମୋଟ ୬୭ ଜଣଙ୍କୁ କୋଭିଡ-୧୯ ପାଇଁ ପରୀକ୍ଷା କରାଯାଇଥିଲା ।ଜୁଲାଇ ୧ ଠାରୁ ସାରା ଦେଶରେ କୋଭିଡ-୧୯ର ୩୩୯ଟି ମାମଲା ରିପୋର୍ଟ ହୋଇଛି ।

# କ୍ରିକେଟ ଇତିହାସର ମହାନ ଅଲ୍‌ରାଉଣ୍ଡର: ଗାରଫିଲ୍ଡ ସୋବର୍ସଙ୍କ ପରଲୋକ



ନୂଆଦିଲ୍ଲୀ, ୧୭।୭: କ୍ରିକେଟ ଜଗତରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ସାମ୍ନାକୁ ଆସିଛି । ୱେଷ୍ଟଇଣ୍ଡିଜ୍ କ୍ରିକେଟର କିମ୍ବଦନ୍ତୀ ତଥା ବିଶ୍ୱ କ୍ରିକେଟର ସର୍ବକାଳୀନ ମହାନ ଅଲରାଉଣ୍ଡର ସାର୍ ଗାରଫିଲ୍ଡ ସୋବର୍ସଙ୍କର ୮୯ ବର୍ଷ ବୟସରେ ବିୟୋଗ ହୋଇଛି । ଆସନ୍ତା ପ୍ରାୟ ଦୁଇ ସପ୍ତାହ ପରେ ସେ ତାଙ୍କର ୯୦ତମ ଜନ୍ମଦିନ ପାଳନ କରିଥାନ୍ତେ, କିନ୍ତୁ ସେହି ଶୁଭଦିନ ଆସିବା ପୂର୍ବରୁ ସେ ଦୁନିଆକୁ ଅଲବିଦା କହିଛନ୍ତି । ତାଙ୍କ ବିୟୋଗରେ ସାରା ବିଶ୍ୱର କ୍ରିକେଟ ପ୍ରେମୀ ଏବଂ ବହୁ ପ୍ରତିଷ୍ଠିତ ଖେଳାଳି ଗଭୀର ଶୋକ ପ୍ରକାଶ କରିଛନ୍ତି । ୱେଷ୍ଟଇଣ୍ଡିଜ୍ କ୍ରିକେଟ ବୋର୍ଡ ସୋସିଆଲ ମିଡିଆ ଜରିଆରେ ଏହି ମହାନ ଖେଳାଳିଙ୍କ ଦେହାନ୍ତ ବିଷୟରେ ସୂଚନା ଦେବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି ।

### ଲଘୁଚାପ ପ୍ରଭାବ

## ଆଗକୁ ବର୍ଷା ଜାରି ରହିବ

ଭୁବନେଶ୍ୱର, ୧୭।୭: ରାଜ୍ୟରେ ସକ୍ରିୟ ରହିଛି ମୌସୁମୀ । ଗାଙ୍ଗେୟ ପଶ୍ଚିମବଙ୍ଗ, ପାର୍ଶ୍ୱବର୍ତ୍ତୀ ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ସୀମାନ୍ତରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷାର ପରିମାଣ ବଢ଼ିବାରେ ଲାଗିଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ୧୧ଟି ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଏବଂ ନୂଆପଡ଼ାର କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ 'ୟେଲୋ ଆଲର୍ଟ' ଜାରି ହୋଇଛି । ଏହି ବର୍ଷା ଏତିକିରେ ଥମିବ ନାହିଁ । ୨୧ ତାରିଖ ସକାଳ ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, ନୂଆପଡ଼ା ଏବଂ ଝାରସୁଗୁଡ଼ା ଭଳି ଜିଲ୍ଲାଗୁଡ଼ିକରେ ପର୍ଯ୍ୟାୟକ୍ରମେ ପ୍ରବଳ ବର୍ଷା ଜାରି ରହିବ ।

### |||||||||||||||||||| ଲଘୁଚାପ ବର୍ଷା ଆଣିଲା ବିପଦ ||||||||||||||||||||

# ଧାମନଗର-ଫଳପୁର ରାସ୍ତାରେ ଛୁଟିଛି ପାଣି



ଧାମନଗର, ୧୭/୭(ନିପ୍ର): ଗତ ତିନି ଦିନ ଧରି ଲାଗି ରହିଥିବା ଅବିଶ୍ରାନ୍ତ ବର୍ଷା ଧାମନଗର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ପ୍ରବଳ ବର୍ଷା ଯୋଗୁଁ ଅଞ୍ଚଳର କୋଚିଳା, ବୈତରଣୀ ଓ ଗେଙ୍ଗୁଟି ନଦୀର ଜଳସ୍ତର ବିପଦ ସଙ୍କେତ ଆଡକୁ ମୁହାଁଉ ଥିବା ବେଳେ ଏହା ବନ୍ୟାର ଆଶଙ୍କା ସୃଷ୍ଟି କରିଛି । ନଦୀ ଗୁଡିକ ଫୁଲିବା ଯୋଗୁଁ ନଦୀ ପଠାରେ ଥିବା ଗ୍ରାମବାସୀଙ୍କ ମଧ୍ୟରେ ଭୟ ଦେଖାଦେଇଛି । ଅତିବର୍ଷା କାରଣରୁ ଧାମନଗର-ଫଳପୁର ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଆଣ୍ଠୁଏ ପାଣି ଜମି ରହିଛି । ବିଶେଷକରି ରାସ୍ତାର ଦୁଇ ନମ୍ବର ଘୋଷରା ଅଞ୍ଚଳରେ ରାସ୍ତା ଉପରେ ସ୍ରୋତ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି । ଏହି ରାସ୍ତା ଦେଇ ଯାତାୟାତ କରୁଥିବା ହଜାର ହଜାର ସାଧାରଣ ଲୋକ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ପ୍ରବଳ ବର୍ଷା ଓ ନଦୀର ପାଣି ଚାଷ ଜମିରେ ପଶିଯିବାରୁ ଶହ ଶହ ଏକର ଚାଷ ଜମି ଏବେ ଜଳମଗ୍ନ । ମୁଖ୍ୟତଃ ଧାନ ତଳିଗୁଡିକ ପାଣିରେ ବୁଡି ରହିବା କାରଣରୁ ତାହା ନଷ୍ଟ ହେବାରେ ଲାଗିଛି । ଚଳିତ ବର୍ଷ ଭଲ ଫସଲ ଆଶାରେ ଥିବା ଚାଷୀମାନେ ଏବେ ପାଣିଘେରରେ ଥିବା କ୍ଷେତ ଦେଖି ଚିନ୍ତାରେ ପଡିଯାଇଛନ୍ତି ।ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ସଫା କରିବା ଓ ବନ୍ୟା ପରିସ୍ଥିତି ଉପରେ ନଜର ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ରଥଯାତ୍ରାରେ ଓମଫେଡ୍‌ର ସିଏସ୍‌ଆର କାର୍ଯ୍ୟକ୍ରମ

## ୨୫ ହଜାର ଶ୍ରଦ୍ଧାଳୁଙ୍କୁ ବାଣ୍ଟିଲା ମ୍ୟାଙ୍ଗୋ ଜୁସ୍

ଭୁବନେଶ୍ୱର, ୧୭/୭(ନିପ୍ର): ରଥଯାତ୍ରା ଉପଲକ୍ଷେ ଓମଫେଡ୍ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ପୁରୀ ବଡଦାଣ୍ଡରେ ଶ୍ରଦ୍ଧାଳୁମାନଙ୍କୁ ମାଗଣାରେ ୨୫ ହଜାର ମ୍ୟାଙ୍ଗୋ ଜୁସ୍ ବଣ୍ଟନ କରାଯାଇଛି । ଲଗାଣ ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କର ରଥଯାତ୍ରା ଦେଖିବା ପାଇଁ ଲକ୍ଷ ଲକ୍ଷ ଦର୍ଶନାର୍ଥି ଭକ୍ତଙ୍କର ସମାଗମ ହୋଇଥିଲା । ଏହି ଅବସରରେ ୨୫ ହଜାର ଶ୍ରୀ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କୁ ଓମଫେଡ୍ ପକ୍ଷରୁ ମ୍ୟାଙ୍ଗୋ ଜୁସ୍ ବଣ୍ଟନ କରାଯାଇଥିଲା । ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ସହ ଓଡିଶାର ବିଭିନ୍ନ ସ୍ଥାନ ଯଥା,-ବାରିପଦା, କେନ୍ଦୁଝର, କେନ୍ଦ୍ରାପଡା, କୋରାପୁଟ ଆଦିରେ ହେଉଥିବା ରଥଯାତ୍ରାରେ ଓମଫେଡ୍ ନିଜର ଷ୍ଟଲ ଖୋଲିଥିଲା ।

# ଚେକ୍‌ଡ୍ୟାମ ଚାବି ନ ଖୋଲିବାରୁ ଜଳାର୍ଣ୍ଣବ ଚାଷଜମି



ଭାପୁର, ୧୭।୭(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାସନ ପଞ୍ଚାୟତ ଟିକିରିପଡା ଗ୍ରାମ ନିକଟ ଦେଇ ଯାଇଥିବା ଖଳିନାଳରେ ହୋଇଥିବା ଚେକଡ୍ୟାମର ଚାବି କାମ କରୁ ନ ଥିବାରୁ ଚେକଡ୍ୟାମ କବାଟ ଖୋଲୁନାହି । ଫଳରେ ଶତାଧିକ ଏକର ଧାନଜମି ଜଳମଗ୍ନ ହୋଇ ରହିଛି । ଗୋଶିଙ୍ଗ ପାହାଡରୁ ବାହାରିଥିବା ଏହି ନାଳକୁ ଟିକିରିପଡା ଗ୍ରାମବାସୀମାନେ ଖଳିନାଳ ବୋଲି କୁହନ୍ତି । ଏହି ନାଳରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏକ ବଡ ଚେକଡ୍ୟାମ ନିର୍ମାଣ କରାଯାଇଛି । ଏହି ଚେକଡ୍ୟାମ ନିର୍ମାଣ ହୋଇ ୫୦ ହେକ୍ଟରରୁ ଅଧିକ ଜମିକୁ ଜଳସେଚନ ପାଇଁ ଏହା ନିର୍ମାଣ ହୋଇଛି । ବର୍ତ୍ତମାନ ପ୍ରବଳ ବର୍ଷା ଯୋଗୁଁ ଏହି ନାଳରେ ବର୍ଷା ଜଳ ପ୍ରବାହିତ ହେଉଛି । ମାତ୍ର ଏହି ଚେକଡ୍ୟାମର ଚାବି ଖୋଲୁ ନ ଥିବାରୁ ବନ୍ୟା ଜଳ ନିଷ୍କାସନ ହୋଇ ପାରୁନାହିଁ । ଦୁଇ ଦିନ ହେଲା ଗ୍ରାମର ଯୁବକମାନେ ବହୁ କଷ୍ଟ କରି ଚେକଡ୍ୟାମ ଗେଟ ଖୋଲିବା ପାଇଁ ଚେଷ୍ଟା କରି ବିଫଳ ହୋଇଛନ୍ତି । ଫଳରେ ବନ୍ୟା ଜଳ ନିଷ୍କାସନ ହୋଇ ନ ପାରି ଶତାଧିକ ଚାଷଜମି ଜଳମଗ୍ନ ହୋଇ ରହିଛି । ଏ ନେଇ ଖଣ୍ଡପଡା ଉଠାଜଳସେଚନ ବିଭାଗ ତୁରନ୍ତ ପଦକ୍ଷେପ ନ ନେଲେ ଶହଶହ ଚାଷୀଙ୍କ ଚାଷ ଜମି ଉଜୁଡି ଯିବ ବୋଲି ଉଦ୍ଧବ ପ୍ରଧାନ, କେଶବ ବିଶ୍ୱାଳ, ମୀନକେତନ ପରିଡା ଆଦି କହିଛନ୍ତି ।

# 'ଭୋଟର୍ ତାଲିକାରେ ନାଁ ନ ଥିଲେ ନାଗରିକତା ସମାପ୍ତ ହୁଏ ନାହିଁ'

ନୂଆଦିଲ୍ଲୀ, ୧୭।୭: ଦେଶରେ ଏସ୍‌ଆଇଆର୍ ଚାଲିଥିବା ବେଳେ ଲୋକଙ୍କ ମନରେ ଥିବା କିଛି ସଂଶୟକୁ ମାନ୍ୟବର ସର୍ବୋଚ୍ଚ ଅଦାଲତ ଦୂର କରିଛନ୍ତି । ଭୋଟର୍ ତାଲିକାରେ ଯଦି କାହାର ନାଁ ନ ଥାଏ ଉକ୍ତ ବ୍ୟକ୍ତିଙ୍କର କେବେବି ନାଗରିକତା ସମାପ୍ତ ହେବ ନାହିଁ । ଏଥିପାଇଁ ଭିନ୍ନ ପ୍ରକ୍ରିୟା ରହିଥିବା ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ଶୁକ୍ରବାର ପଶ୍ଚିମବଙ୍ଗ ଏସ୍‌ଆଇଆର୍ ସମ୍ପର୍କିତ ଯାଚିକାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ସ୍ପଷ୍ଟ କରିଛନ୍ତି । ମାନ୍ୟବର ଅଦାଲତ କହିଛନ୍ତି ଯେ କାହାର ନାଗରିକତା ନିର୍ଦ୍ଧାରଣ କରିବା ନିର୍ବାଚନ ଆୟୋଗଙ୍କର ସାମ୍ବିଧାନିକ ଅଧିକାର ନୁହେଁ । ନିର୍ବାଚନ ଆୟୋଗ କେବଳ ମତଦାତା ତାଲିକା ନିୟନ୍ତ୍ରଣ ଏବଂ ପର୍ଯ୍ୟବେକ୍ଷଣ । ଯଦି କୌଣସି ଟ୍ରିବ୍ୟୁନାଲ୍ କୌଣସି ବ୍ୟକ୍ତିଙ୍କ ନାମ ଏସ୍‌ଆଇଆର୍ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ବିରୋଧ କରନ୍ତି, ତେବେ ନିର୍ବାଚନ କମିଶନ ନାଗରିକତା ନିର୍ଣ୍ଣୟ ପାଇଁ ମାମଲାଟିକୁ ସମ୍ପୃକ୍ତ ମନ୍ତ୍ରଣାଳୟକୁ ପଠାଇବାକୁ ପଡିବ । କେବଳ ଭୋଟର ତାଲିକାରୁ ନାମ ନଥିବା କାରଣରୁ ନାଗରିକତା ସ୍ୱୟଂଚାଳିତ ଭାବରେ ରଦ୍ଦ ହୋଇଯାଏ ନାହିଁ ।ପଶ୍ଚିମବଙ୍ଗ ଏସ୍‌ଆଇଆର୍ ପାଇଁ ନିର୍ବାଚନମଣ୍ଡଳୀ ଭିତ୍ତିକ ସୂଚନା ପାଇଁ ଆବେଦନରେ କୁହାଯାଇଛି । ସୁପ୍ରିମକୋର୍ଟ ଏହି ଆବେଦନର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୫ ତାରିଖରେ କରିବାକୁ ସ୍ଥିର କରିଛନ୍ତି

# ଅମୃତ ଭାରତ ଷ୍ଟେସନ ଯୋଜନାରେ ରେଳ ଷ୍ଟେସନର ଉଦ୍‌ଘାଟନ




ତାଳଚେର/ଅନୁଗୁଳ/ବଲାଙ୍ଗୀର: ୧୭/୭(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପୁନର୍ନିର୍ମିତ ତାଳଚେର ରେଳ ଷ୍ଟେସନକୁ ଉଦ୍‌ଘାଟନ କରିଛନ୍ତି । ଦେଶବ୍ୟାପୀ ୭୫ଟି ଆଧୁନିକୀକରଣ ହୋଇଥିବା ଷ୍ଟେସନ ଲୋକାର୍ପଣର ଏହା ଏକ ଅଂଶ । ପ୍ରାୟ ୧୩ କୋଟି ଟଙ୍କା ବ୍ୟୟରେ ନବୀକରଣ କରାଯାଇଥିବା ଏହି ଷ୍ଟେସନଟି ଓଡ଼ିଶାର ଶିଳ୍ପାଞ୍ଚଳରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପୁନର୍ନିର୍ମାଣ ଫଳରେ ତାଳଚେର ରେଳ ଷ୍ଟେସନ ଏକ ଆଧୁନିକ ଓ ଯାତ୍ରୀ ଅନୁକୂଳ ପରିବହନ କେନ୍ଦ୍ରରେ ପରିଣତ ହୋଇଛି । ଏଥିରେ ଆଧୁନିକ ଷ୍ଟେସନ ଭବନ, ଉନ୍ନତମାନର ଚଳାଚଳ ପରିସର, ସୁସଜିତ ପ୍ରବେଶ ପଥ , ଅତିରିକ୍ତ ପ୍ଲାଟଫର୍ମ ଆଶ୍ରୟସ୍ଥଳ, ପ୍ରଶସ୍ତ ପ୍ରତୀକ୍ଷାଳୟ, ଆଧୁନିକ ଶୌଚାଳୟ, ଉନ୍ନତ ଯାତ୍ରୀ ବସିବା ବ୍ୟବସ୍ଥା, ଅତ୍ୟାଧୁନିକ ଆଲୋକୀକରଣ, ମାନକ ସୂଚନାଫଳକ ଏବଂଓଡ଼ିଶାର ସମୃଦ୍ଧ କଳା ଓ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି କରାଯାଇଛି । ଷ୍ଟେସନର ବର୍ତ୍ତମାନର କାର୍ଯ୍ୟକ୍ଷମ ଆବଶ୍ୟକତା ଏବଂ ଯାତ୍ରୀମାନଙ୍କ ଚଳାଚଳକୁ ଦୃଷ୍ଟିରେ ରଖି ଏହି ପୁନର୍ନିର୍ମାଣ ଯୋଜନା ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଯାତ୍ରୀମାନଙ୍କ ସୁବିଧା, ଷ୍ଟେସନ ମଧ୍ୟରେ ଚଳାଚଳ ଓ ସାମଗ୍ରିକ ପରିବହନ ଅଭିଜ୍ଞତାକୁ ଉନ୍ନତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଅନୁଗୁଳ-ତାଳଚେର କୋଇଲା ଓ ଶକ୍ତି ବଳୟକୁ ସେବା ଯୋଗାଉଥିବା ଏହି ଷ୍ଟେସନ ଆଞ୍ଚଳିକ ସଂଯୋଗକୁ ସୁଦୃଢ଼ କରିବା ସହ ଶିଳ୍ପ ଓ ବାଣିଜ୍ୟିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବ ଏବଂ ଏହି ଅଞ୍ଚଳର ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ସହାୟକ ହେବ । ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଓଡ଼ିଶାରେ ରୂପାନ୍ତରଣ ହେଉଥିବା ୫୯ଟି ଷ୍ଟେସନ ମଧ୍ୟରେ ତାଳଚେର ଷ୍ଟେସନ ଅନ୍ୟତମ, ଯାହା ଭାରତୀୟ ରେଳବାଇର ଆଧୁନିକ ଓ ଯାତ୍ରୀ-କେନ୍ଦ୍ରିକ ଭିତ୍ତିଭୂମି ଗଠନ ପାଇଁ ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ଉଦ୍‌ଘାଟନୀ ସମାରୋହରେ ସାଂସଦ ରୁଦ୍ର ନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଏବଂ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

## ନୀତି ଆୟୋଗ ସୂଚକାଙ୍କରେ ଓଡ଼ିଶା

ନୂଆଦିଲ୍ଲୀ, ୧୭।୭: ନୀତି ଆୟୋଗ ଦ୍ୱାରା ଶୁକ୍ରବାର ପ୍ରକାଶିତ 'ନିବେଶ ଅନୁକୂଳତା ସୂଚକାଙ୍କ ଅନୁଯାୟୀ ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଗୋଆ ଏବଂ ଓଡ଼ିଶା ସର୍ବାଧିକ ନିବେଶକ-ଅନୁକୂଳ (ଆଇଏଫଆଇ) ରାଜ୍ୟ ଭାବରେ ଉଭା ହୋଇଛନ୍ତି ।ସଂସ୍କାରକୁ ପ୍ରୋତ୍ସାହିତ କରି ଏବଂ ରାଜ୍ୟଗୁଡ଼ିକରେ ଏକ ଅନୁକୂଳ ନିବେଶ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରି ପ୍ରତିଯୋଗିତାମୂଳକ ଏବଂ ସହଯୋଗୀ ସଂଘୀୟତାକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୬ କେନ୍ଦ୍ର ବଜେଟରେ ଆଇଏଫଆଇ ଘୋଷଣା କରାଯାଇଥିଲା । ରିପୋର୍ଟରେ, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଗୋଆ ଏବଂ ଓଡ଼ିଶାକୁ 'ଶ୍ରେଷ୍ଠ ପ୍ରଦର୍ଶନକାରୀ' ଘୋଷଣା କରା ଯାଇଥିଲା, ଅନ୍ୟ ୧୫ ଜଣଙ୍କୁ 'ଫ୍ରଣ୍ଟନର୍ସ' ଭାବରେ ଘୋଷଣା କରାଯାଇଥିଲା ।

# ନିଟ୍ ପରୀକ୍ଷାରେ ବିଫଳ ଛାତ୍ରୀଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, ୧୭।୭: ବ୍ରହ୍ମପୁର ନିକଟ ହଳଦିଆପଦର ଅଞ୍ଚଳର ଜଣେ ଛାତ୍ରୀ ନିଜ ଘରେ ଆତ୍ମହତ୍ୟା କରିଛନ୍ତି । ନିଟ୍ ପରୀକ୍ଷାରେ ବିଫଳ ହେବା ପରେ ସେ ଗତକାଲି ରାତିରେ ଆତ୍ମହତ୍ୟା କରିଦେଇଥିଲେ ବୋଲି କୁହାଯାଇଛି । ମୃତକ ହେଲେ ହଳଦିଆ ପଦର ତିରୁପତି ନଗରର ଶର୍ମିଷ୍ଠା ସାହୁ(୧୯) । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

13001/1210/2627

OFFICE OF THE
NOTIFIED AREA COUNCIL
KODALA, GANJAM

Letter No.1790/NAC

Dated:15.07.2026

TENDER CALL NOTICE

Sealed quotation in prescribe form are invited from the intending reputed registered organisation/ Firm/ Agencies/Individuals having a adequate experience and financial standing in similar nature of work with valid GST Registration Certificate, PAN Card for "Planation Social and Ornamental Plants across the Kodala, NAC "as per the specification which will be received through Speed Post/Registered Post to the Executive Officer NAC Kodala on or before **29.07.2026 up to 5.00P.M** and the same will be opened on **30.07.2026 at 11.00 AM** in the presence of the quotationers or their authorized agents present on their behalf. The authority will not be held responsible for the postal delay, if any, in the delivery of the documents or non-receipt of the same. The document schedule will be available in the office of the undersigned from **16.07.2026 to 29.07.2026 up to 5.00 P.M.** on payment of nonrefundable cash of Rs. 2000.00. The intending bidder are to submit copies of valid Registration certificate from competent authorities of the State Govt./Central Govt./PSU organization and PAN Card along with Experience Certificate in similar nature of works and EMD 1% of estimated cost (In shape of Bank Draft/ Bankers Cheque) in favour of Executive Officer N.A.C. Kodala with their bid, failing which their bid shall not be taken in to consideration.

The authority reserves the right to reject any or all the tenders without assigning any reason thereof.

Executive officer,
NAC.Kodala

OIPR 13001/13203/1/26-27/0007

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ